ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 06 ♦ CUTTACK ♦ WEEKLY ♦ 09 TO 15 - FEBRUARY 2026 ♦ 8 PAGE ♦ RATE- 5/- ▪ ବର୍ଷ - ୦୭ ♦ ସଂଖ୍ୟା -୦୬ ♦ କଟକ ♦ ସାପ୍ତାହିକ ♦ ୦୯ ରୁ ୧୫- ଫେବୃୟାରୀ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ

## ଓଡ଼ିଶା ଭିଜନ ୨୦୪୭ର ହେବ ଗ୍ରୋଥ୍ ଇଞ୍ଜିନ୍ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର (ଏନ୍.ଏମ୍.):** ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ପାଇଁ ଅର୍ଥନୈତିକ କରିଡର ଶୁଭାରମ୍ଭ । ଓଡ଼ିଶା ଭିଜନ ୨୦୪୭ର ମୁଖ୍ୟ ଗ୍ରୋଥ୍ ଇଞ୍ଜିନ ହେବ ବିସିପିପିଇଆର । ଲୋକସେବା ଭବନରେ ବିସିପିପିଇଆର ଅଧୀନରେ ଅନେକ ଗୁଡିଏ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହାଦ୍ୱାରା ଏହି ଅଞ୍ଚଳ ଗୁଡିକରେ ପର୍ଯ୍ୟଟନ ଭିତ୍ତିକ ସାଂସ୍କୃତିକ ଓ ଐତିହ୍ୟ ଅର୍ଥନୀତି ଭାବେ ପ୍ରୋତ୍ସାହିତ କରିବ । ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ବନ୍ଦର ଭିତ୍ତିକ ଶିଳ୍ପ ଓ ଲଜିଷ୍ଟିକ୍ ହବରେ ପରିଣତ ହୋଇପାରିବ । ଏହି କରିଡରରେ ୪ଟି ଜିଲ୍ଲା ପୁରୀ-ଖୋର୍ଦ୍ଧା-କଟକ-ଜଗତସିଂହପୁର ସାମିଲ କରାଯାଇଛି । ୧୧ ହଜାର ୮୯୨ ବର୍ଗ କିଲୋମିଟରରେ ଅଞ୍ଚଳ ଏହି କରିଡର ପରିବ୍ୟାପ୍ତ । ଏହି ଅଞ୍ଚଳର ସମନ୍ୱିତ ଭିତ୍ତିଭୂମି ସଂସ୍କୃତି-ଅନୁକୂଳ, ନ୍ୱସୃଜନ ଅନୁକୂଳ, ପ୍ରକୃତି-ଅନୁକୂଳ ଆଧାରିତ । ପୁରୀର ସାଂସ୍କୃତିକ ଗରିମା, ପାରାଦୀପ ବନ୍ଦର ନଗର, ଆଇଟି ଏଜୁକେସନ ହବ ଭୁବନେଶ୍ୱର, ଐତିହ୍ୟ ସମ୍ପନ୍ନ କଟକ ସହର ଏ ଅଞ୍ଚଳକୁ ଭିନ୍ନ ପରିଚୟ ଦେବ । ୮୦ଟି ପ୍ରକଳ୍ପ ଓ ୩୦ଟି ଢାଞ୍ଚାଗତ ନୀତିକୁ ନେଇ ଯୋଜନା ପ୍ରସ୍ତୁତ ହୋଇଛି । ୨୦୨୫ରେ ରାଜ୍ୟର ଜିଡିପିକୁ ଏହି ୪ଟି ଅଞ୍ଚଳର ଅବଦାନ ୧୯ ପ୍ରତିଶତ, ୨୨.୩୮ ବିଲିଅନ ଡଲାର ରହିଛି । ୨୦୪୭ ସୁଦ୍ଧା ଏହି ଅଞ୍ଚଳର ଅବଦାନ ୧୫ ଗୁଣା ବୃଦ୍ଧି କରିବାକୁ ଲକ୍ଷ୍ୟ ରହିଛି । ଅର୍ଥାତ ୫୦୦ ବିଲିଅନ ଡଲାରକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅର୍ଥନୈତିକ ଦୃଷ୍ଟିରୁ ଓଡ଼ିଶା ୫ ନମ୍ବରରେ ରହିବ । ବହୁତ୍ ସ୍ପିଡରେ କାର୍ଯ୍ୟ କରିବା । ପ୍ରତ୍ୟେକଟି ଯୋଜନାକୁ ସହରର ବିକାଶ ସହ ଯୋଡିବା, ନଚେତ୍ କିଛି ମୂଲ୍ୟ ରହିବ ନାହିଁ । ପାରାଦୀପକୁ ଆଉ କେହି ଛୁଇଁ ପାରିବେ ନାହିଁ । ସମସ୍ତଙ୍କୁ ପଛରେ ପକାଇ ଆମେ ଆଗକୁ ବଢୁଛେ । ହାଇଦ୍ରାବାଦ ପରି ଭୁବନେଶ୍ୱର ମଧ୍ୟ ଦୌଡ଼ିବ । ରାଜ୍ୟକୁ ଗ୍ରାମାଞ୍ଚଳରୁ ୨୦ପ୍ରତିଶତ ଅର୍ଥ ଆସୁଛି । ଆମ ବଜେଟ୍ ପ୍ରସ୍ତୁତ ହେଉଛି । କେନ୍ଦ୍ର ବଜେଟ ନେଇ ଆସିଛନ୍ତି । ନୀତି ଆୟୋଗ ଓଡ଼ିଶାକୁ ବହୁତ ସୁଯୋଗ ଦେଇ ସହଯୋଗ କରିଛନ୍ତି । ଏହି ଇକୋନୋମିକ୍ ପ୍ଲାନ୍ ପ୍ରସ୍ତୁତ କରିଥିବାରୁ ନୀତି ଆୟୋଗର ସଦସ୍ୟ ଶ୍ରୀ ରାଜୀବ ଗୌବା ଓ ସିଇଓ ସୁବ୍ରମଣ୍ୟମଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ । ଗୃହ ଓ ନଗର ଉନ୍ନୟନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଆମେ ବିଶ୍ୱର ମହାଶକ୍ତି ହେବାକୁ ଚାହୁଁନାହୁଁ : ମୋହନ ଭାଗବତ




**ମୁମ୍ବାଇ(ଏଜେନ୍ସି) :** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ୧୦୦ ବର୍ଷ ପୂରଣ କରିଛି । ଏହାକୁ ସ୍ମରଣ କରିବା ପାଇଁ ଆଜି ମୁମ୍ବାଇର ଓ୍ୱର୍ଲିସ୍ଥିତ ନେହେରୁ କେନ୍ଦ୍ରରେ ଏକ ଭବ୍ୟ ଏବଂ ଐତିହାସିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଶୀର୍ଷକ ଥିଲା "ମୁମ୍ବାଇ ବ୍ୟାଖ୍ୟାନ୍ ସିରିଜ୍" । ଏହି ଭାଷଣରେ ସେ ସ୍ପଷ୍ଟ କରିଥିଲେ ଯେ ସଂଘ ଏକ ରାଜନୈତିକ ଦଳ ନୁହେଁ, ବରଂ ଏହାର ସଦସ୍ୟମାନେ ରାଜନୀତିରେ ଜଡିତ । ସେ ସଂଘର ପରିଭାଷା, ଏହାର କାର୍ଯ୍ୟ, ହିନ୍ଦୁ ଶବ୍ଦର ଉତ୍ପତ୍ତି ଏବଂ ସମସ୍ତ ଧର୍ମର ଆତ୍ମା ବିଷୟରେ ଆଲୋଚନା କରିଥିଲେ । ସେ ବ୍ୟାଖ୍ୟା କରିଥିଲେ ଯେ ଭାରତୀୟ ହେବା କେବଳ ନାଗରିକ ହେବା ନୁହେଁ । ଏହା ଏକ ଏକୀକରଣ ସ୍ୱଭାବ । ମୋହନ ଭାଗବତ କହିଥିଲେ ଯେ, ଆମେ ମହାଶକ୍ତି ହେବାକୁ ଚାହୁଁନାହୁଁ, କାରଣ ଏକ ମହାଶକ୍ତି ଅନ୍ୟମାନଙ୍କୁ ଭୟଭୀତ କରେ ଏବଂ ଚାପ ପକାଏ । ସାରା ବିଶ୍ୱରେ ମହାଶକ୍ତିର କାର୍ଯ୍ୟକୁ ଦେଖି ଆମେ ବୁଝିପାରୁଛୁ ଯେ ସେମାନେ ପ୍ରାଧାନ୍ୟ ପାଇଁ ଚେଷ୍ଟା କରନ୍ତି । ଆମେ ଭୟ ମାଧ୍ୟମରେ ଶାସନ କରୁଥିବା ଶକ୍ତି ହେବାକୁ ଚାହୁଁନାହୁଁ । ଆମେ ବିଶ୍ୱଦେବ ହେବାକୁ ଚାହୁଁଛୁ । ଏକ ଉଦାହରଣ, ପ୍ରେରଣାଦାୟକ ଏବଂ ନେତୃତ୍ୱ ନେଉଥିବା ବିଶ୍ୱ । ଆମେ ବାହାରରୁ ନୁହେଁ, ଭିତରୁ ନେତୃତ୍ୱ ନେବାକୁ ଚାହୁଁଛୁ ଆମେ ଆମର କାର୍ଯ୍ୟ, ମୂଲ୍ୟବୋଧ ଏବଂ ଉଦାହରଣ ମାଧ୍ୟମରେ ଅନ୍ୟମାନଙ୍କୁ ପଥ ଦେଖାଇବାକୁ ଚାହୁଁଛୁ । ଆମର ଲକ୍ଷ୍ୟ ଭୟଭୀତ କରିବା ନୁହେଁ, ବରଂ ପ୍ରେରଣା ଦେବା ଏବଂ ସାଙ୍ଗରେ ନେବା । ସଂଘ ବିଷୟରେ ବ୍ୟାଖ୍ୟା କରି ମୋହନ ଭାଗବତ କହିଥିଲେ, "ମନୁଷ୍ୟ ଅନ୍ୟମାନଙ୍କଠାରୁ କିଛି ଜାଣେ । କିନ୍ତୁ ସଂଘ ସହିତ ତୁଳନୀୟ କେହି ନାହିଁ ।" ଆରଏସଏସ ମୁଖ୍ୟ ଭାଗବତ ବ୍ୟାଖ୍ୟା କରିଥିଲେ ଯେ ସରକାରଙ୍କ କୌଣସି ପାଣ୍ଠି ବିନା ଏବଂ ସମାଜର ସମର୍ଥନରେ ଆରଏସଏସ ସ୍ୱେଚ୍ଛାସେବକମାନେ ନିଜସ୍ୱ ପାଣ୍ଠି ବ୍ୟବହାର କରି ୧.୩ ଲକ୍ଷରୁ ଅଧିକ ସେବା କାର୍ଯ୍ୟକଳାପ ଚଳାଉଛନ୍ତି । ହିନ୍ଦୁ ଏକ ବିଶେଷ୍ୟ ନୁହେଁ, ଏହା ଏକ ବିଶେଷଣ । ଭାରତରେ ରହୁଥିବା ପ୍ରତ୍ୟେକ ଲୋକ ହିନ୍ଦୁ । ସେ ପୁଣି କହିଥିଲେ ଯେ ସଂଘ ପୂର୍ବରୁ ନିଷ୍ପତ୍ତି ନେଇସାରିଛି ଯେ ଏହା ସମଗ୍ର ସମାଜକୁ ସଂଗଠିତ କରିବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ କରିବ ନାହିଁ । ତୁମେ ଯାହାକୁ ଆରଏସଏସ୍ କହୁଛ, ତାହା ମୁଁ ଜାଣିନାହିଁ । ଅନେକ ଲୋକ କୁହନ୍ତି ଯେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ । ସେ ଆରଏସଏସର ପ୍ରଧାନମନ୍ତ୍ରୀ । ତେଣୁ ମୁଁ ଆପଣଙ୍କୁ କହିବାକୁ ଚାହୁଁଛି ଯେ ତାଙ୍କର ଏକ ରାଜନୈତିକ ଦଳ ଅଛି, ବିଜେପି, ଯାହା ଅଲଗା । ଏହାର ଅନେକ ସ୍ୱେଚ୍ଛାସେବକ ଅଛନ୍ତି ଏବଂ ଏହା ପ୍ରଭାବଶାଳୀ ମଧ୍ୟ ।

### ମହାନଦୀକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

## ମାର୍ଚ୍ଚ ୧୪ରେ ପରବର୍ତ୍ତୀ ଶୁଣାଣି



➜ ସରକାରଙ୍କର ଆନ୍ତରିକତା ନାହିଁ : ନବୀନ

➜ ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ : ଭକ୍ତ ଦାସ

➜ ବଜେଟ୍ ବିନିଯୋଗରେ ସରକାର ବିଫଳ : ବିରୋଧୀ

**ଭୁବନେଶ୍ୱର (ଏନ୍.ଏମ୍.):** ମହାନଦୀ ଜଳବିବାଦକୁ ନେଇ ମହାଭାରତ । ମହାନଦୀ ଟ୍ରିବ୍ୟୁନାଲରେ ଆଜି ଶୁଣାଣିବେଳେ ରାଜ୍ୟର ବରିଷ୍ଠ ଅଫିସର ଓ ଆଡଭୋକେଟ୍ ଜେନେରାଲଙ୍କ ଅନୁପସ୍ଥିତିକୁ ନେଇ ଓଡ଼ିଶା ରାଜନୀତି ସରଗରମ ହୋଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆଡଭୋକେଟ୍ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ମୁହାଁମୁହିଁ ହୋଇଥିବାବେଳେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ କଂଗ୍ରେସ ଓ ବିଜେଡି । ତେବେ ନବୀନଙ୍କ ଆକ୍ଷେପକୁ 'ନୈରାଶ୍ୟଜନକ ଓ ନିଦରୁ ଉଠି ପ୍ରଳାପ' ବୋଲି ଏଜି ପାଲଟା ଜବାବ ଦେଇଥିବାବେଳେ ସତସାହସ ଥିଲେ ବିଧାନସଭା ଭିତରେ ଓ ବାହାରେ ବିର୍ତକ କରିବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆହ୍ୱାନ ଦେଇଛନ୍ତି । ଆଉ ଏସବୁ ମଧ୍ୟରେ ଟ୍ରିବ୍ୟୁନାଲରେ ଶୁଣାଣି ମାର୍ଚ୍ଚ ୧୪ତାରିଖକୁ ନିର୍ଦ୍ଧାରିତ ହୋଇଛି ଓ ଫେବୃଆରୀ ଶେଷ ସପ୍ତାହ କିମ୍ବା ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ମହାନଦୀ ଟ୍ରିବ୍ୟୁନାଲର ଏକ ପ୍ରତିନିଧି ଦଳ ମହାନଦୀର ବିଭିନ୍ନ ଅଂଚଳ ବୁଲି କ୍ଷେତ୍ର ପରିଦର୍ଶନ ସହ ସ୍ଥିତି ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି । ମହାନଦୀ ସମସ୍ୟାର ସମାଧାନ କିଭଳି ହେବ ସେ ନେଇ ଏବେ ରାଜନୀତିକ ଦଳଗୁଡ଼ିକ ମଧ୍ୟରେ ତୀବ୍ର ମତପାର୍ଥକ୍ୟ ଦେଖାଦେଇଛି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଆଜି ପର୍ଯ୍ୟନ୍ତ କୌଣସି ଜଳ ବିବାଦ ଆପୋଷ ଆଲୋଚନାରେ ସମାଧାନ ହୋଇନାହିଁ, ତେଣୁ ଟ୍ରିବ୍ୟୁନାଲ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉ ।

ମହାନଦୀ ଟ୍ରିବ୍ୟୁନାଲରେ ପ୍ରତିନିଧିତ୍ୱ ପ୍ରଶ୍ନ । ନବୀନ କହିଲେ ସରକାରଙ୍କ ନାହିଁ ଆନ୍ତରିକତା । ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲା କଂଗ୍ରେସ । ବିଧାନସଭାରେ ବିତର୍କ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଆହ୍ୱାନ । ମହାନଦୀ ଜଳ ବିବାଦ ଶୁଣାଣିରେ ବ୍ୟାକଫୁଟରେ ରାଜ୍ୟ ସରକାର । ଟ୍ରିବ୍ୟୁନାଲରେ ମହାନଦୀ ବିବାଦର ଶୁଣାଣି ପ୍ରସଙ୍ଗ । ୫୦ତମ ଶୁଣାଣିରେ ଓଡ଼ିଶାରୁ କୌଣସି ଉଚ୍ଚପଦସ୍ଥ ଅଧିକାରୀ କିମ୍ବା ବଡ ଓକିଲ କଲେ ନାହିଁ ପ୍ରତିନିଧିତ୍ୱ । ଏହାକୁ ନେଇ ବିଜେପିକୁ ଘେରିଛି ବିଜେଡି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିବା ସହ କଡା ସମାଲୋଚନା କରିଛନ୍ତି । ଆଜିର ଶୁଣାଣିରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ୍ ଜେନେରାଲ୍ ଆସିଲେ ନାହିଁ । ମହାନଦୀର ସୁରକ୍ଷାଠାରୁ ଏମିତି କ'ଣ ଗୁରୁତ୍ୱପୂର୍ଣ୍ଣ କାମ ରହିଲା, ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ ? ଟ୍ରିବ୍ୟୁନାଲର ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିବା ଓଡ଼ିଶାବାସୀଙ୍କୁ ମିଳିଲା କ'ଣ ବୋଲି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ନବୀନ । ନବୀନ ଅଭିଯୋଗ କରିଛନ୍ତି ମହାନଦୀକୁ ବଞ୍ଚାଇବା ପାଇଁ ଓଡ଼ିଶା ବିଜେପି ସରକାରଙ୍କ କୌଣସି ଆନ୍ତରିକତା ତଥା ପ୍ରତିବଦ୍ଧତା ନାହିଁ । ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉ ନାହାନ୍ତି । ଖାଲି କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି । ମହାନଦୀ ଆମ ମା', ଓଡ଼ିଶାର ଜୀବନରେଖା । ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ । ଏହାର ସୁରକ୍ଷାରେ ସାଲିସକୁ ଓଡ଼ିଶାବାସୀ କଦାପି ଗ୍ରହଣ କରିବେ ନାହିଁ । ମହାନଦୀକୁ ବଞ୍ଚାଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜୁ ଜନତା ଦଳର ଲଢ଼େଇ ଆହୁରି ଜୋରଦାର କରିବ । ମହାନଦୀ ସମାଧାନ ପାଇଁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ନୂତନ ଶିଖରରେ ମାଲେସିଆ, ଭାରତ ସମ୍ପର୍କ



**ନୂଆଦିଲ୍ଲୀ (ଏଜେନ୍ସି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦୁଇ ଦିନିଆ ଗସ୍ତ ପାଇଁ ମାଲେସିଆରେ ପହଞ୍ଚିଛନ୍ତି । କ୍ୱାଲାଲମ୍ପୁର ବିମାନବନ୍ଦରରେ ପହଞ୍ଚିବା ପରେ ମାଲେସିଆର ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ ତାଙ୍କୁ ବ୍ୟକ୍ତିଗତ ଭାବରେ ସ୍ୱାଗତ କରିଥିଲେ । ଏହା ପରେ, ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ନିଜସ୍ୱ କାରରେ ଯାତ୍ରା ପାଇଁ ସାଙ୍ଗରେ ନେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧିତ କରୁଛନ୍ତି । ସେ କହିଛନ୍ତି ଯେ ମାଲେସିଆ ଆସି ମୁଁ ମୋର ପ୍ରତିଶ୍ରୁତି ପୂରଣ କରିଛି । ମାଲେସିଆରେ ଭାରତ ପ୍ରତି ବହୁତ ସମ୍ମାନ ଏବଂ ପ୍ରେମ ଅଛି । ସେ କହିଛନ୍ତି ଯେ ୨୦୨୬ରେ ମାଲେସିଆକୁ ମୋର ପ୍ରଥମ ଗସ୍ତ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଯେ ଏଠାରେ ଭାରତୀୟ ଚଳଚ୍ଚିତ୍ର ଏବଂ ତାମିଲ ଗୀତ ବହୁତ ଲୋକପ୍ରିୟ । ସେ ତାଙ୍କର ମନ କି ବାତ ଭାଷଣରେ ମାଲେସିଆର ମଧ୍ୟ ଉଲ୍ଲେଖ କରିଥିଲେ । ମାଲେସିଆର ୫୦୦ ସ୍କୁଲ ଭାରତୀୟ ଭାଷାରେ ଶିକ୍ଷାଦାନ କରନ୍ତି । ଭାରତ ଏବଂ ମାଲେସିଆର ସଂସ୍କୃତି ବହୁତ ପ୍ରାଚୀନ । ସେ କହିଛନ୍ତି ଯେ ଯେ ତାମିଲ ସଂସ୍କୃତି ବିଶ୍ୱସ୍ତରୀୟ । ସେ ଗର୍ବର ସହିତ କହିପାରିବେ ଯେ ଆମର ଉପରାଷ୍ଟ୍ରପତି ଡକ୍ଟର ସିପି ରାଧାକୃଷ୍ଣନ, ଆମର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ମେରାଇନ୍ ଇଞ୍ଜିନିୟର ସାର୍ଥକ ନିଖୋଜ

## ସମୁଦ୍ର ମଝିରେ ଚାଲିଛି ସର୍ଚ୍ଚ ଅପରେସନ୍



**ନୂଆଦିଲ୍ଲୀ (ଏଜେନ୍ସି) :** ଚଳନ୍ତା ଜାହାଜରୁ ନିଖୋଜ ହୋଇଗଲେ ଓଡିଆ ମେରାଇନ ଇଞ୍ଜିନିୟର ସାର୍ଥକ । ଘଟଣାକୁ ୩ ଦିନ ବିତିଗଲାଣି । ସମୁଦ୍ର ଗର୍ଭରେ ୫୫ ଘଣ୍ଟାରୁ ଅଧିକ ଚାଲିଲା ସର୍ଚ୍ଚ ଅପରେସନ । କିନ୍ତୁ ଏଯାଏ ମିଳୁନାହିଁ ପତ୍ତା । ପୁଅକୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି ସାର୍ଥକଙ୍କ ମା । ନିଖୋଜ ପୁଅକୁ ଝୁରି ଝୁରି ଭାଙ୍ଗିପଡିଛି ମା । ପୁଅ କଥା ମନେ ପକାଇଲାବେଳକୁ ଆଖି ଜକେଇ ଯାଉଛି । ପୁଅ କେଉଁଠି ଅଛି, କେମିତି ଅଛି,ସେକଥା ଜାଣିନି ମା । ଖାଲି ଏତିକି କହୁଛି ମୋ ପୁଅକୁ ସୁରକ୍ଷିତ ଫେରାଇଆଣ । ସମୁଦ୍ର ଗର୍ଭରେ ପୁଅ ସାର୍ଥକ ନିଖୋଜ ହେବା ପରଠାରୁ ଘରେ କେବଳ ଭୟର ପରିସ୍ଥିତି । ସାର୍ଥକଙ୍କୁ ଖୋଜିବା ପାଇଁ ସମୁଦ୍ରରେ ସର୍ଚ୍ଚ ଅପରେସନ ଚାଲିଥିଲା ବୋଲି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ଶିମିଳିପାଳରେ ବିଏସ୍‌ଏନ୍‌ଏଲ୍ ୪ ଟାଓ୍ୱାର ଉଦ୍‌ଘାଟିତ

## ବ୍ଲାକସ୍ୱାନ ସମ୍ମିଳନୀରେ ଯୋଗଦେଲେ ରାଷ୍ଟ୍ରପତି







**ଭୁବନେଶ୍ୱର/ବାରିପଦା(ଏନ୍.ଏମ୍.):** ମୟୁରଭଞ୍ଜ ଗସ୍ତର ତୃତୀୟ ଦିନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶିମିଳିପାଳ ମଧ୍ୟକୁ ଯାଇଛନ୍ତି । ସେଠାରେ ଗୁଡୁଗୁଡ଼ିଆଠାରେ ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ଏକ ସଭାରେ ଯୋଗ ଦେଇଛନ୍ତି । ଏହି ଅବସରରେ ସ୍ଥାନୀୟ ହୋ, ସାନ୍ତାଳୀ, ମୁଣ୍ଡା, ଭୂମିଜ, ବାଥୁଡ଼ି, ଖଡ଼ିଆ ପ୍ରଭୃତି ଆଦିବାସୀମାନେ ହୁଳହୁଳି, କରତାଳି ଦେଇ ଉଲ୍ଲସିତ ସମ୍ବର୍ଦ୍ଧନା ସହକାରେ ସ୍ୱାଗତ କରିଥିଲେ । ସଭା ପ୍ରାରମ୍ଭରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥାସଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ରାଷ୍ଟ୍ରପତିଙ୍କ ଶିମିଳିପାଳ ଭିତର ଗୁଡୁଗୁଡ଼ିଆକୁ ଆଗମନ ପାଇଁ ତାଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ ।

ଆଜିର ସଭାରେ ରାଷ୍ଟ୍ରପତି ମହୋଦୟଙ୍କ କରକମଳରେ ଭରଚୁଏଲ ମୋଡ଼ ଦ୍ୱାରା ଶିମିଳିପାଳ ଅଂଚଳରେ ବିଏସଏନଏଲର ୪ଜି ନେଟଓ୍ୱାର୍କ ସେବାର ଲୋକାର୍ପଣ କରିଥିଲେ । ଏହି ଅବସରରେ ଶିମିଳିପାଳବାସୀ ମଧ୍ୟ ନିରନ୍ତର ଇଣ୍ଟରନେଟ ତଥା ନେଟଓ୍ୱାର୍କ ସେବା ସହ ଯୋଡ଼ି ହେଲେ ବୋଲି ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ଏହାରି ମାଧ୍ୟମରେ ହାତମୁଠାରେ ସମସ୍ତ ଖବର ଓ ଇଣ୍ଟରନେଟ ସେବା ଅଞ୍ଚଳବାସୀ ପାଇପାରିବା ସହ ଏହି ଅଞ୍ଚଳର ପାଠ ପଢୁଥିବା ଛାତ୍ରଛାତ୍ରୀ ବର୍ତ୍ତମାନ ଇଣ୍ଟରନେଟ ଦ୍ୱାରା ଅଧିକ ପଢିବାର ସୁଯୋଗ ପାଇବେ ଏବଂ ଶିକ୍ଷିତ ଯୁବବର୍ଗଙ୍କ ପାଇଁ ମଧ୍ୟ ଏହା ବେଶ ସହାୟକ ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଶା ବ୍ୟକ୍ତ କରିଛନ୍ତି । ସେହିପରି ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜଙ୍ଗଲ ସୁରକ୍ଷା ଉଦ୍ଦେଶ୍ୟରେ ଆଦିବାସୀଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରି ଏହାର ସଂରକ୍ଷଣରେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ କରିଛନ୍ତି । ଏହା ସହ ଅଧିକ ବୃକ୍ଷରୋପଣ କରି ଜଙ୍ଗଲ ପରିସର ବୃଦ୍ଧି କରିବାକୁ ମଧ୍ୟ ଉପସ୍ଥିତ ଜନସାଧାରଣଙ୍କୁ ଉତ୍ସାହିତ କରିଛନ୍ତି । କାର୍ଯ୍ୟକ୍ରମ ଶେଷରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଉପସ୍ଥିତ ଆଦିବାସୀ ମହିଳା ଓ ଯୁବ ବର୍ଗଙ୍କ ସହ ଭାବବିନିମୟ କରିଛନ୍ତି । ବିଶେଷକରି ଛାତ୍ରଛାତ୍ରୀଙ୍କ ସହ ଭାବ ଆଦାନପ୍ରଦାନ ସମୟରେ ଉଚ୍ଚଶିକ୍ଷା କରିବା ସହିତ ବର୍ତ୍ତମାନର ପ୍ରତିଯୋଗୀତା ମୂଳକ ସମୟରେ ଶିକ୍ଷା ଲାଭପରେ ନିଜର ପ୍ରଚେଷ୍ଟା ଜାରି ରଖି ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଛନ୍ତି । ସଭା ଶେଷରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କମ୍ବଳ ବଣ୍ଟନ କରି ହିତାଧିକାରୀଙ୍କୁ ନିରାମୟ ଜୀବନ କାମନା କରିଛନ୍ତି ।

ଠିକ୍ ସେହିପରି ଲୋକସେବା ଭବନରେ ଉଦଯାପିତ ହୋଇଛି ଦୁଇ ଦିନିଆ ବ୍ଲାକ ସ୍ୱାନ ସମିଟ୍ । ଉଦଯାପନୀ ଉତ୍ସବରେ ଯୋଗ ଦେଇଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସରକାର କରିବାପାଇଁ ହେଲେ ଆମକୁ ଏଆଇ ଉପଯୋଗୀତାରେ ଫାଇନାନ୍ସ ସହ ଟେକ୍ନୋଲୋଜି ଉଭୟର ଆବଶ୍ୟକତା ରହିଛି । ଯାହା ଭାରତ ବର୍ଷରେ ଡିଜିଟାଲ ପେମେଣ୍ଟଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଭାରତ ଆଗକୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ସରକାରଙ୍କ ନୂଆ ଯୋଜନା

## ସହରରେ ଶସ୍ତାରେ ଘରଭଡ଼ା ଦେବେ ସରକାର

**ଭୁବନେଶ୍ୱର (ଏନ୍.ଏମ୍.):** ସହରରେ ଆଉ ରହିବନି ଘର ଭଡ଼ା ଟେନସନ । ଏଣିକି ସହରୀ ଗରିବଙ୍କୁ ଭଡ଼ାରେ ଘର ଦେବେ ସରକାର । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଅବ୍ୟବହୃତ ଘର ଗୁଡ଼ିକୁ ଭଡ଼ା ସୂତ୍ରରେ ଦିଆଯିବ । ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ୨.୦ ମାଧ୍ୟମରେ ସୁଲଭ ମୂଲ୍ୟରେ ଭଡ଼ା ଘର ଯୋଗାଇ ଦେବେ ସରକାର ବୋଲି କହିଛନ୍ତି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ରାଜ୍ୟର ବିଭିନ୍ନ ସହରରେ ଥିବା ଅବ୍ୟବହୃତ ସରକାରୀ ଘର ଗୁଡ଼ିକୁ ଚିହ୍ନଟ କରିବା ପାଇଁ ଗୃହ ବିଭାଗ, କୃଷି, ଶକ୍ତି, ଅର୍ଥ, ଖାଦ୍ୟ ଯୋଗାଣ, ମହିଳା ଓ ଶିଶୁ କଲ୍ୟାଣ, ପଞ୍ଚାୟତିରାଜ, ଅନୁସୂଚିତ ଜାତି ଓ ଜନଜାତି, ସ୍ୱାସ୍ଥ୍ୟ ଏବଂ ସମବାୟ ବିଭାଗକୁ ଚିଠି ଲେଖିଛନ୍ତି ଗୃହ ଏବଂ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ।

ଯେଉଁମାନେ ସହରାଞ୍ଚଳରେ ନିଜର ଘର ତିଆରି କରିବା ପାଇଁ ସକ୍ଷମ ନୁହନ୍ତି । ବିଶେଷ କରି ପ୍ରବାସୀ ସହରୀ ଗରିବ, ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ବ୍ୟବସାୟିକ ଅନୁଷ୍ଠାନରେ କାମ କରୁଥିବା କର୍ମଚାରୀ, କର୍ମଜୀବୀ ମହିଳା ମାନଙ୍କୁ ସରକାର ଭଡ଼ାରେ ଘର ଦେବେ । ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ୨.୦ର ଅପରେସନଆଲ ଗାଇଡ ଲାଇନ ଅନୁଯାୟୀ ୨ଟି ମଡେଲରେ ସୁଲଭ ମୂଲ୍ୟରେ ଭଡ଼ା ଘର ମିଳିବ । ମଡେଲ ନମ୍ବର ୧ରେ ସରକାରଙ୍କ ଅଧୀନରେ ଥିବା ଖାଲି ଘର ଏବଂ ବିଲଡିଙ୍ଗ ଗୁଡ଼ିକୁ ପିପିପି ମୋଡରେ କିମ୍ବା ପବ୍ଲିକ ଏଜେନ୍ସି ମାଧ୍ୟମରେ ସୁଲଭ ମୂଲ୍ୟ ଭଡ଼ା ଘର ଭାବେ ରୂପାନ୍ତରିତ କରାଯିବ ।

# କାହାକୁ ମୋର କିଛି କହିବାର ନାହିଁ ; ମୁଁ ସ୍ୱାଧୀ ଥିଲି ରହିବି



**ନୂଆଦିଲ୍ଲୀ(ଏଜେନ୍ସି):** ବଲିଉଡ ଅଭିନେତ୍ରୀ ମମତା କୁଲକର୍ଣ୍ଣୀ ଭାରତ ଆସିବା ପରଠାରୁ ସେ କୌଣସି ନା କୌଣସି କାରଣରୁ ଚର୍ଚ୍ଚାର ପରିସରରେ ରହିଛନ୍ତି। କିଛି ଦିନ ପୂର୍ବରୁ ମମତାଙ୍କୁ ମହାକୁମ୍ଭ ମେଳାରେ ଦେଖିବାକୁ ମିଳିଥିଲା। ଯେଉଁଠାରେ ତାଙ୍କୁ କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ଉପାଧି ଦିଆଯାଇଥିଲା। ସମ୍ପ୍ରତି ଆଖଡା ମମତାଙ୍କୁ ଏହି ପଦବୀରୁ ହଟାଇ ଦେଇଛି। ଏହି କ୍ରମରେ ମମତା ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ,‘ମୁଁ ମହାମଣ୍ଡଳେଶ୍ୱର ହେବାକୁ ନେଇ ଯେଉଁମାନେ ଆପତ୍ତି ଉଠାଇଥିଲେ ସେହି ଲୋକଙ୍କ ବିଷୟରେ କିଛି କହିବାକୁ ଚାହୁଁ ନାହିଁ। ଯେତେବେଳେ ୨ ଲକ୍ଷ ଟଙ୍କା ଦାବି କରାଯାଇଥିଲା ମହାମଣ୍ଡଳେଶ୍ୱର ଜୟ ଅମ୍ବାନନ୍ଦ ଗିରି ତାଙ୍କ ପକେଟରୁ ୨ ଲକ୍ଷ ଟଙ୍କା ବାହାର କରି ଲକ୍ଷ୍ମୀ ନାରାୟଣ ତ୍ରିପାଠୀଙ୍କୁ ଦେଇଥିଲେ। ମୁଁ ଦୀର୍ଘ ୨୫ ବର୍ଷ ଧରି ସାଧ୍ୱୀ ଥିଲି ଏବଂ ସାଧ୍ୱୀ ହୋଇ ରହିବି। ମୁଁ ମହାମଣ୍ଡଳେଶ୍ୱରଙ୍କୁ କହିବାକୁ ଚାହିଁବି କି ଆଜିଠାରୁ ଆପଣଙ୍କ ପାଖକୁ ଯେଉଁ ପିଲାମାନେ ଆସିବେ ସେମାନଙ୍କୁ ଜ୍ଞାନ ପ୍ରଦାନ କରିଚାଲନ୍ତୁ। ମୋର ଗୁରୁ, ଯାହାଙ୍କ ମାର୍ଗଦର୍ଶନରେ ମୁଁ ୨୫ ବର୍ଷ ଧରି କଠୋର ତପସ୍ୟା କରିଛି, ତାଙ୍କର ନାମ ଶ୍ରୀ ଚୈତନ୍ୟ ଗଗନଗିରି ମହାରାଜ, ମୁଁ ତାଙ୍କ ସମକକ୍ଷ ଆଉ କାହାକୁ ଦେଖୁନାହିଁ। ସମସ୍ତେ ଅହଂକାରୀ ଲୋକ। ସମସ୍ତେ ପରସ୍ପର ସହିତ ଲଢୁଛନ୍ତି। ମୋର ଗୁରୁ ବହୁତ ମହାନ ଏବଂ ମୁଁ ତାଙ୍କ ମାର୍ଗଦର୍ଶନରେ ୨୫ ବର୍ଷ ଧରି ଧ୍ୟାନ କରିଆସୁଛି। ମୋତେ କୌଣସି ମାନ ସରୋବର କିମ୍ବା ହିମାଳୟ ଯିବାର ଆବଶ୍ୟକତା ନାହିଁ। ସମଗ୍ର ବ୍ରହ୍ମାଣ୍ଡ ମୋ ସାମ୍ନାରେ ଅଛି। କିନ୍ତୁ ଆଜି, ଯେଉଁମାନଙ୍କର ମୁଁ ମହାମଣ୍ଡଳେଶ୍ୱର ହେବାରେ ଅସୁବିଧା ଅଛି, ମୁଁ ତାଙ୍କ ବିଷୟରେ କମ୍ କହିବା ଭଲ ହେବ।’

# ଅଶ୍ଳୀଳ କମେଡି କରି କୋଟି କୋଟି ଟଙ୍କାର ମାଲିକ




**ମୁମ୍ବାଇ(ଏଜେନ୍ସି):** କମେଡିଆନ ସମୟ ରାଇନାଙ୍କ ସୋ’ ’ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ’ରେ ବିବାଦୀୟ ବୟାନ ଦେବା ପରେ ୟୁଟ୍ୟୁବର ତଥା ପଡକାଷ୍ଟର ରଣବୀର ଆଲ୍ଲାବାଦିଆଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଗୋଟିଏ ପଟେ, ସେ ସୋସିଆଲ ମିଡିଆରେ କଡ଼ା ସମାଲୋଚନାର ସମ୍ମୁଖୀନ ହେଉଥିବା ବେଳେ ରଣବୀର ଏବଂ ସମୟ ରାଇନାଙ୍କ ବିରୋଧରେ ଅନେକ ରାଜ୍ୟରେ ଏତଲା ରୁଜୁ ହୋଇଛି। ତେବେ ଆପଣ ଜାଣନ୍ତି କି, ରଣବୀର-ସମୟ ଯେଉଁମାନେ ତାଙ୍କ ଅପମାନଜନକ ଭାଷା ପାଇଁ ବିବାଦରେ ରହିଛନ୍ତି, ସେମାନେ ତାଙ୍କ ଭିଡିଓରୁ କେତେ ଆୟ କରନ୍ତି ? ଆସନ୍ତୁ ଜାଣିବା ଏହି ଦୁଇଜଣଙ୍କ ମଧ୍ୟରୁ କିଏ ଅଧିକ ଧନୀ ? ସମୟ ରାଇନା ଏବଂ ରଣବୀର ଆଲ୍ଲାବାଦିଆ କଣ୍ଟେଣ୍ଟ ତିଆରି କରିବା ଜଗତରେ ବହୁତ ପ୍ରସିଦ୍ଧ ଏବଂ ସେମାନଙ୍କର ପ୍ରଶଂସକ ସଂଖ୍ୟା ବହୁତ। ପ୍ରଥମେ, ଆମେ ଆପଣଙ୍କୁ ରଣବୀରଙ୍କ ବିଷୟରେ କହିବୁ, ସେ ୭ଟି ୟୁଟ୍ୟୁବ ଚ୍ୟାନେଲ ଚଳାନ୍ତି ଏବଂ ତାଙ୍କର ପ୍ରାୟ ୧୨ ନିୟୁତ ଫଲୋୟର୍ସ ଅଛନ୍ତି। କୁହାଯାଉଛି ଯେ ସେ ଏହି ଚ୍ୟାନେଲଗୁଡ଼ିକ ମାଧ୍ୟମରେ ପ୍ରତି ମାସରେ ପ୍ରାୟ ୩୦-୩୫ ଲକ୍ଷ ଟଙ୍କା ରୋଜଗାର କରନ୍ତି। ଏହା ବ୍ୟତୀତ, ସେ ସୋ’ ଏବଂ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ମାଧ୍ୟମରେ ମଧ୍ୟ ବହୁତ ରୋଜଗାର କରନ୍ତି। ତାଙ୍କର ଆନୁମାନିକ ସମ୍ପତ୍ତି ପ୍ରାୟ ୬୦କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସମୟ ଜଣେ ଷ୍ଟାଣ୍ଡ-ଅପ୍ କମେଡିଆନ ହେବା ବ୍ୟତୀତ, ଜଣେ ୟୁଟ୍ୟୁବର ମଧ୍ୟ। ସେ କମିକସ୍ତାନ ସିଜିନ-୨ର ବିଜେତା ହେବା ପରେ ତାଙ୍କ ସଫଳତାର ଯାତ୍ରା ଆରମ୍ଭ ହୋଇଥିଲା। ସେ ଜଣେ ପ୍ରସିଦ୍ଧ ସୋସିଆଲ ମିଡିଆ ସେଲିବ୍ରିଟି ଏବଂ ତାଙ୍କ ୟୁଟ୍ୟୁବ ଚ୍ୟାନେଲର ୭୦ଲକ୍ଷରୁ ଅଧିକ ସବସ୍କ୍ରାଇବର୍ ଅଛନ୍ତି। ସମୟ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ ବ୍ୟତୀତ ଲାଇଭ୍ କମେଡି ସୋ’ ମାଧ୍ୟମରେ ମଧ୍ୟ ବହୁତ ରୋଜଗାର କରନ୍ତି। ରିପୋର୍ଟ ଅନୁସାରେ, ସମୟଙ୍କ ମାସିକ ଆୟ ୧-୧.୫ କୋଟି ଟଙ୍କା ଏବଂ ତାଙ୍କର ମୋଟ ସମ୍ପତ୍ତି ପ୍ରାୟ ୧୪୦ କୋଟି ଟଙ୍କା ହେବ। ଉଲ୍ଲେଖଯୋଗ୍ୟ, ହାସ୍ୟ ଅଭିନେତା ସମୟ ରାଇନାଙ୍କ ଦ୍ୱାରା ପରିଚାଳିତ ୟୁଟ୍ୟୁବ୍ ରିୟଲିଟି ସୋ’’ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ’ର ଏକ ଅଧ୍ୟାୟକୁ ରଣବୀର ଅତିଥି ହୋଇ ଯାଇଥିଲେ। ଏହି ସମୟରେ ସେ ଜଣେ ପ୍ରତିଯୋଗୀଙ୍କୁ ପ୍ରଶ୍ନ କରିଥିଲେ, ‘ତୁମେ କ’ଣ ତୁମ ବାପାମାଙ୍କୁ ଜୀବନସାରା ପ୍ରତିଦିନ ଶାରୀରିକ ସମ୍ପର୍କ ରଖୁଥିବାର ଦେଖିବାକୁ ପସନ୍ଦ କରିବ ନା ଥରେ ଏଥିରେ ସାମିଲ ହୋଇ ସବୁଦିନ ପାଇଁ ବନ୍ଦ କରିଦେବ ?’ ତାଙ୍କର ଏହି ପ୍ରଶ୍ନ କାହାକୁ ପସନ୍ଦ ଆସିନଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୟୁଟ୍ୟୁବ୍ ଏବେ ସେହି ଭିଡିଓକୁ ଡିଲିଟ୍ କରିଦେଇଛି।

# ୱେଭସ୍-୨୫ ‘ରିଲ୍ ମେକିଂ’ ଚ୍ୟାଲେଞ୍ଜରେ ୨୦ଟି ଦେଶରୁ ୩,୩୦୦ରୁ ଅଧିକ ଏଣ୍ଟ୍ରି




**ନୂଆଦିଲ୍ଲୀ(ଏଜେନ୍ସି):** ବିଶ୍ୱ ଅଡିଓ ଭିଜୁଆଲ ଆଣ୍ଡ ଏଣ୍ଟରଟେନମେଣ୍ଟ ଶିଖର ସମ୍ମିଳନୀ (ୱେଭ୍ସ)କୁ ୨୦୨୫ରେ ‘ରିଲ୍ ମେକିଂ’ ଚ୍ୟାଲେଞ୍ଜକୁ ଜବରଦସ୍ତ ପ୍ରତିକ୍ରିୟା ମିଳିଛି, ଯେଉଁଥିରେ ଭାରତ ଏବଂ ଅନ୍ୟ ୨୦ଟି ଦେଶରୁ ୩,୩୭୯ ପଞ୍ଜୀକରଣ ହୋଇଛି। ୱେଭ୍ସ ୨୦୨୫ ଅଧୀନରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଗଣମାଧ୍ୟମ ଏବଂ ମନୋରଞ୍ଜନର ଏକ ବିଶ୍ୱ କେନ୍ଦ୍ର ଭାବରେ ଭାରତର ବଢୁଥିବା ପ୍ରଭାବକୁ ରେଖାଙ୍କିତ କରିବା ସହିତ ଦେଶର ଦ୍ରୁତ ବିସ୍ତାରିତ ଡିଜିଟାଲ ନିର୍ମାତା ଅର୍ଥନୀତିକୁ ମଧ୍ୟ ପ୍ରତିଫଳିତ କରୁଛି। ଏହା ଭାରତ ସରକାରଙ୍କ ‘ଭାରତରେ ସୃଜନ କରନ୍ତୁ’ ଦୃଷ୍ଟିକୋଣ ସହ ଯୋଡ଼ି ହୋଇ ଦେଶ ତଥା ଅନ୍ୟ ଦେଶର ପ୍ରତିଭାମାନଙ୍କୁ ସଶକ୍ତ କରୁଛି। ଏହି ପ୍ରତିଯୋଗିତାରେ ଆଫଗାନିସ୍ତାନ, ଆଲବେନିଆ, ଯୁକ୍ତରାଷ୍ଟ୍ର ଆମେରିକା, ଆଣ୍ଡୋରା, ଆଣ୍ଟିଗୁଆ ଓ ବାରବୁଡା, ବାଂଲାଦେଶ, ସଂଯୁକ୍ତ ଆରବ ଏମିରେଟ୍ସ, ଅଷ୍ଟ୍ରେଲିଆ ଓ ଜର୍ମାନୀ ଭଳି ଦେଶରୁ କ୍ରିଏଟରମାନେ ଅଂଶଗ୍ରହଣ କରିଛନ୍ତି। ଏହି ବିଶ୍ୱସ୍ତରୀୟ ପହଞ୍ଚ ଭାରତର ସୃଜନଶୀଳ କ୍ଷେତ୍ରର ବଢୁଥିବା ପ୍ରଭାବ ଏବଂ ବିଶ୍ୱବ୍ୟାପୀ ବିଷୟବସ୍ତୁ ନିର୍ମାତାମାନଙ୍କ ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ଭାବରେ ୱେଭ୍ସର ମହତ୍ତ୍ୱକୁ ସୂଚାଇଥାଏ।

ତୱାଙ୍ଗରୁ ପୋର୍ଟ ବ୍ଲେୟାର: ଏହି ଚ୍ୟାଲେଞ୍ଜ ପାଇଁ ତୱାଙ୍ଗ (ଅରୁଣାଚଳ ପ୍ରଦେଶ), ଦିମାପୁର (ନାଗାଲାଣ୍ଡ), କାର୍ଗିଲ (ଲଦାଖ), ଲେହ, ସୋପିଆନ (କଶ୍ମୀର), ପୋର୍ଟ ବ୍ଲେୟାର (ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ), ତେଲିଆମୋରା (ତ୍ରିପୁରା), କସରଗଡ଼ (କେରଳ) ଏବଂ ଗ୍ୟାଙ୍ଗଟକ୍ (ସିକ୍କିମ) ସମେତ ଭାରତର ବିବିଧ ଏବଂ ଦୂରନ୍ତ ସ୍ଥାନରୁ ଏଣ୍ଟ୍ରି ମିଳିଛି। ଛୋଟ ସହର ଏବଂ ଉଦୀୟମାନ ସୃଜନଶୀଳ କେନ୍ଦ୍ରଗୁଡିକରୁ ‘ରିଲ୍ ମେକିଂ’ ଚ୍ୟାଲେଞ୍ଜ ପ୍ରତିଯୋଗିତାର ଦୃଢ଼ ପ୍ରତିକ୍ରିୟା ଭାରତର ସମୃଦ୍ଧ କାହାଣୀ ପରମ୍ପରା ଏବଂ ବଢୁଥିବା ଡିଜିଟାଲ ନିର୍ମାତା ଇକୋସିଷ୍ଟମକୁ ପ୍ରତିଫଳିତ କରୁଛି। ଏହି ଚ୍ୟାଲେଞ୍ଜରେ ୨୦ ବର୍ଷରୁ ଅଧିକ ବୟସର ଅଂଶଗ୍ରହଣକାରୀମାନଙ୍କୁ ‘ବିକଶିତ ଭାରତ’, ଭାରତର ସାମ୍ପ୍ରତିକ ବୈଷୟିକ ଏବଂ ଭିତ୍ତିଭୂମି ଅଗ୍ରଗତି ଉପରେ ଆଲୋକପାତ କରିବା ଏବଂ ‘ଇଣ୍ଡିଆ@୨୦୪୭’ରେ ଏହି କ୍ଷେତ୍ରରେ ଦେଶର ଭବିଷ୍ୟତ ବିକାଶର ପରିକଳ୍ପନା କରିବା ଭଳି ବିଷୟବସ୍ତୁ ଉପରେ ରିଲ୍ ତିଆରି କରିବାକୁ ପଡିବ। ଏହି ବିଷୟବସ୍ତୁଗୁଡ଼ିକ କାହାଣୀକାରମାନଙ୍କୁ ୩୦-୬୦ ସେକେଣ୍ଡର କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଭାରତର ଉଦ୍ଭାବନ ଯାତ୍ରାକୁ ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରେ, ଯାହା ଦେଶର ପ୍ରଗତି ପାଇଁ ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରେ। ରିଲ୍ ମେକିଂ ଚ୍ୟାଲେଞ୍ଜର ବିଜେତାଙ୍କୁ କେତେକ ସ୍ୱତନ୍ତ୍ର ସୁଯୋଗ ମିଳିବ। ୨୦୨୫ରେ ଏକ ମେଟା ଦ୍ୱାରା ଆୟୋଜିତ ଇଭେଣ୍ଟ ଏବଂ ରିଲ୍ସ ମାଷ୍ଟରକ୍ଲାସ୍ ପାଇଁ ନିମନ୍ତ୍ରଣ ସହିତ ୱେଭ୍ସ ୨୦୨୫ରେ ସେମାନଙ୍କ ପାଇଁ ସମସ୍ତ ଖର୍ଚ୍ଚ ବହନ କରାଯିବ, ଯେଉଁଠାରେ ସେମାନଙ୍କୁ ସମ୍ମାନିତ କରାଯିବ। ଅନ୍ତର୍ଜାତୀୟ କଣ୍ଟେଣ୍ଟ କ୍ରିଏଟର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନ୍ତ୍ରଣାଳୟ ଫାଇନାଲିଷ୍ଟମାନଙ୍କୁ ସହାୟତା ପ୍ରଦାନ କରିବ। ବିଜେତା ରିଲଗୁଡ଼ିକର ପ୍ରଦର୍ଶନ ସମ୍ମାନଜନକ ୱେଭ୍ସ ହଲ୍ ଅଫ୍ ଫେମ୍, ଅଫିସିଆଲ୍ ୱେଭ୍ସ ୱେବସାଇଟ୍ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମରେ ହେବ। ‘ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ’ ୱେଭସ୍ ୨୦୨୫ ପାଇଁ ପ୍ରେରଣା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଏବଂ ମିଶନରୁ ନିଆଯାଇଛି, ଯାହାର ଉଦ୍ଦେଶ୍ୟ ଭାରତର ସୃଜନଶୀଳ ସାମର୍ଥ୍ୟକୁ ଏକ ନୂତନ ବିଶ୍ୱ ପରିଚୟ ପ୍ରଦାନ କରିବା ଏବଂ ଗଣମାଧ୍ୟମ, ମନୋରଞ୍ଜନ ଏବଂ କଣ୍ଟେଣ୍ଟ ସୃଷ୍ଟି ପାଇଁ ଭାରତକୁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠା କରିବା। ଏହି ଶିଖର ସମ୍ମିଳନୀ ଉଦୀୟମାନ ଧାରା ଉପରେ ଆଲୋଚନା କରିବା, ସହଯୋଗକୁ ପ୍ରୋତ୍ସାହିତ କରିବା, ଭାରତର ସମୃଦ୍ଧ ସୃଜନଶୀଳ ଇକୋସିଷ୍ଟମ୍ ପ୍ରଦର୍ଶନ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କ ‘ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ’ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ପାଇଁ ଶିଳ୍ପନେତା, ଅଂଶୀଦାର ଏବଂ ଉଦ୍ଭାବକମାନଙ୍କୁ ଏକାଠି କରିବ। ବର୍ତ୍ତମାନ ସୁଦ୍ଧା ଭାରତର ପ୍ରାୟ ସମଗ୍ର ଅଞ୍ଚଳ ଏବଂ ଅନ୍ୟ ୨୦ଟି ଦେଶର ୩,୩୭୯ ଜଣ ଅଂଶଗ୍ରହଣ କରିବାକୁ ପଞ୍ଜୀକରଣ କରିଛନ୍ତି। ଏହି ରିଲ୍ ମେକିଂ ଚ୍ୟାଲେଞ୍ଜ ଭାରତର ବିବିଧ ଏବଂ ଗତିଶୀଳ ବର୍ଣ୍ଣନାରେ କାହାଣୀର ଦୃଶ୍ୟଚିତ୍ରର ପ୍ରମାଣ, ଯାହା ବିଶ୍ୱ ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପରେ ଏକ ଶକ୍ତିଶାଳୀ ଦେଶ ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ।

# ଦ୍ୱିତୀୟ ବିବାହ ପରେ ସାମନ୍ଥାଙ୍କ ସହ ଛାଡ଼ପତ୍ର ବିଷୟରେ କହିଲେ ଚୈତନ୍ୟ



**ନୂଆଦିଲ୍ଲୀ(ଏଜେନ୍ସି):** ସାଉଥ ଷ୍ଟାର ନାଗା ଚୈତନ୍ୟଏବେ ଦ୍ୱିତୀୟ ବିବାହ କରିସାରିଛନ୍ତି। ସେ ଅଭିନେତ୍ରୀ ଶୋଭିତା ଧୁଲିପାଲାଙ୍କୁ ବିବାହ କରିଛନ୍ତି। ଏହାପୂର୍ବରୁ ସେ ଗୋଆରେ ସାଉଥ୍ ସୁପରଷ୍ଟାର ସାମନ୍ଥା ରୁଥ ପ୍ରଭୁଙ୍କୁ ବିବାହ କରିଥିଲେ। ହେଲେ ପରେ ସେମାନେ ପରସ୍ପରକୁ ଛାଡ଼ପତ୍ର ଦେଇ ଅଲଗା ହୋଇଯାଇଥିଲେ। ଛାଡ଼ପତ୍ର ପରେ ଚୈତନ୍ୟ ଓ ସାମନ୍ଥା ଏହା ପଛର କାରଣ ଜଣାଇନଥିଲେ। ଏବେ ଚୈତନ୍ୟ ନିଜର ଫିଲ୍ମ ପ୍ରମୋସନ ବେଳେ ଏହା ପଛର କାରଣ ଜଣାଇଛନ୍ତି। ତାଙ୍କ କହିବା ମୁତାବକ, ‘ଆମେ ନିଜ ନିଜ ରାସ୍ତାରେ ଯିବାକୁ ଚାହୁଁଥିଲୁ। ନିଜ ନିଜ କାରଣରୁ, ଆମେ ଏହି ନିଷ୍ପତ୍ତି ନେଇଥିଲୁ। ହେଲେ ଛାଡ଼ପତ୍ର ପରେ ବି ଆମେ ପରସ୍ପରକୁ ସମ୍ମାନ କରୁଛୁ। ଆମେ ଆମ ଜୀବନରେ, ନିଜ ନିଜ ଲକ୍ଷ୍ୟ ହାସଲ କରିବାକୁ ଆଗକୁ ବଢୁଛୁ। ଆଉ କ’ଣ ବ୍ୟାଖ୍ୟା ଆବଶ୍ୟକ, ମୁଁ ବୁଝିପାରୁନାହିଁ। ମୁଁ ଆଶା କରୁଛି ଦର୍ଶକ ଏବଂ ଗଣମାଧ୍ୟମ ଏହାକୁ ସମ୍ମାନ ଦେବେ। ଆମେ ପୂର୍ବରୁ ଗୋପନୀୟତା ପାଇଁ ଅନୁରୋଧ କରିଥିଲୁ। ଏହି ପ୍ରସଙ୍ଗକୁ ନେଇ ଆମ ଗୋପନୀୟତାକୁ ସମ୍ମାନ ଦେବାକୁ ଆମେ ଅନୁରୋଧ କରିଥିଲୁ। କିନ୍ତୁ, ଦୁର୍ଭାଗ୍ୟବଶତଃ, ଏହା ଏକ ଚର୍ଚ୍ଚାର ବିଷୟ ପାଲଟିଗଲା। ସମସ୍ତଙ୍କ ପାଇଁ ଏକ ମନୋରଞ୍ଜନ ହୋଇଗଲା।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ପର୍କ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ସ୍ୱାସ୍ଥ୍ୟ ସମସ୍ୟା ଦୂର କରେ ବାସି ରୁଟି ସହ କ୍ଷୀର

ସାଧାରଣତଃ ଦିନ ହେଉ କିମ୍ବା ରାତିରେ ରୁଟି ପ୍ରସ୍ତୁତ କରିବା ପରେ ଅଳ୍ପ ପରିମାଣରେ ରୁଟି ନିଶ୍ଚୟ ବଳକା ରହିଥାଏ। କିଛି ଲୋକେ ବାସି ରୁଟି ଖାଇଥାନ୍ତି ଓ କିଛି ଫିଙ୍ଗି ଦେଇ ଥାନ୍ତି। ବାସି ରୁଟି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ବୋଲି ନିଶ୍ଚୟ ଜାଣିଥିବେ। ମାତ୍ର କ୍ଷୀର ସହ ବାସି ରୁଟି ଖାଇବା ଶରୀର ପାଇଁ କେତେ ଉପକାରୀ, ତାହା ହୁଏତ ସଭିଏଁ ଜାଣିନଥିବେ। କ୍ଷୀର ସହ ବାସି ରୁଟି ଖାଇବା ଦ୍ୱାରା ଏହା ରକ୍ତଚାପକୁ କମ୍ କରିଥାଏ। ପେଟ ସଫା ହୋଇଥାଏ। କୋଷ୍ଠକାଠିନ୍ୟ ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇଥାଏ। ଏଥିରେ ଫାଇବର ମାତ୍ରା ଅଧିକ ରହିଥାଏ । ଯାହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ। ଅନ୍ୟପକ୍ଷରେ କ୍ଷୀରରେ କ୍ୟାଲସିୟମ ରହିଛି, ଯାହା ହାଡକୁ ମଜଭୁତ କରିଥାଏ। କେବଳ କ୍ୟାଲସିୟମ ନୁହେଁ ବରଂ ଫାଇବର ମଧ୍ୟ ରହିଛି। ଯାହା ଓଜନକୁ ନିୟନ୍ତ୍ରିତ କରିଥାଏ। ଖାଦ୍ୟ ଶୀଘ୍ର ମଧ୍ୟ ହଜମ ହୋଇଥାଏ। କ୍ଷୀରକୁ ଭଲ ଭାବେ ଉଷୁମ କରିବା ପରେ ଏହାକୁ ଥଣ୍ଡା କରି ଏଥିରେ ରୁଟି ଖାଇଲେ ଶରୀରର ତାପମାତ୍ରା ମଧ୍ୟ ସଠିକ୍ ରହିଥାଏ । ଯେଉଁମାନଙ୍କର ଗ୍ୟାଷ୍ଟ୍ରିକ୍ ସମସ୍ୟା ରହିଛି, ସେମାନେ ନିୟମିତ ବାସି ରୁଟି ସହ କ୍ଷୀର ଖାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଖାଦ୍ୟ ଖାଇବା ପରେ ବଦହଜମି, ଗଳା, ଛାତି ଜଳାପୋଡା ହେବା, କୋଷ୍ଠକାଠିନ୍ୟ ଆଦି ସମସ୍ୟା ଦୂର ପାଇଁ ବାସି ରୁଟି ସହ କ୍ଷୀର ବେଶ ହିତକାରକ। ବିଶେଷ କରି ରାତିରେ କ୍ଷୀର ସହ ବାସି ରୁଟି ସେବନ କଲେ ପେଟ ସହ ଜଡିତ ସମସ୍ତ ସମସ୍ୟା ଦୂର ହୋଇଥାଏ। ଥକ୍କାପଣ, ଶାରୀରିକ ଦୁର୍ବଳତା, ଶକ୍ତିର ଅଭାବ ଅନୁଭବ ହେବା ଆଦି ସମସ୍ୟା ଦୂର ପାଇଁ ବାସି ରୁଟି ସହ କ୍ଷୀର ଏକ ଉତ୍ତମ ବିକଳ୍ପ।



## ମା’ରାଣ ଦେହକୁ ନେବେନି...

ଇଂରେଜ ଅମଳ ଗଲାଣି କେବେଠୁ
ଚାହିଁଥେଲ କାହାପାଇଁ...
ବନାନ ଗୁଡାକ ବଦଳି ଗଲେବି
କିବା ଲାଭ ଆମ୍ଭ ପାଇଁ...
ପେଟକୁ ତ ଦାନା ନାହିଁ...
ଏ ସରକାରଟା ଗୋଟେ ଧଳାମୂଳା
ଭିତରଟା ଫମ୍ପା ସାଇଁ...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ଚଟପଟା ମାଛ ଫ୍ରାଏ



**ଆବଶ୍ୟକ ସାମଗ୍ରୀ:**

କଟା ମାଛ – ୫୦୦ ଗ୍ରାମ୍, ଅଦା ରସୁଣ ବଟା – ୫୦ ଗ୍ରାମ୍, ଲଙ୍କା ଗୁଣ୍ଡ – ଆବଶ୍ୟକ ପରିମାଣରେ, ଲେମ୍ବୁ ରସ – ୧ ଚାମଚ, ଜୁଆଁଣୀ – ଅଳ୍ପ, ବେସନ – ୨୦୦ ଗ୍ରାମ୍, ଅଣ୍ଡା – ୨ଟି, ଲୁଣ ସ୍ୱାଦ ଅନୁଯାୟୀ, ଦହି – ଆବଶ୍ୟକ ପରିମାଣରେ ତେଲ – ଆବଶ୍ୟକ ପରିମାଣରେ

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏବେ ଏଥିରେ ଲୁଣ, ଲେମ୍ବୁ ରସ , ଅଦାରସୁଣ ବଟା, ଲଙ୍କା ଗୁଣ୍ଡ ପକାଇ ମିଶାଇ ଦିଅନ୍ତୁ। ଏବେ ଆଉ ଏକ ପାତ୍ରରେ ବେସନ, ଦହି, ଅଣ୍ଡା, ଜୁଆଣୀ, ଲୁଣ ଓ ପାଣି ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣରେ ପୂର୍ବରୁ ଥିବା ମାଛକୁ ପକାଇ ୧୦ ମିନିଟ୍ ବୁଡାଇ ରଖି ଦିଅନ୍ତୁ। ଏବେ ଗ୍ୟାସରେ ଏକ କଡେଇ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ପୂର୍ବରୁ ଥିବା ମାଛକୁ ଭଲ ଭାବେ ଛାଣି ଦିଅନ୍ତୁ। ଏହାକୁ ଏକ ପାତ୍ରକୁ କାଢି ମାଛ ଉପରେ ଚାଟ୍ ମସଲା, ଧନିଆପତ୍ର,ଲେମ୍ବୁ ରସ ପକାଇ ଗରମାଗରମ ଖାଆନ୍ତୁ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




ରୁଷିଆ ତେଲ କ୍ରୟ ଉପରେ ହଟିଲା ଟାରିଫ

# ଭାରତ-ଆମେରିକା ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଜାରି

ନୂଆଦିଲ୍ଲୀ (ଏଜେନ୍ସି) : ଆମେରିକା ଏବଂ ଭାରତ ଏକ ମଧ୍ୟବର୍ତ୍ତୀ ବାଣିଜ୍ୟ ଚୁକ୍ତିନାମା ପାଇଁ ଶୁକ୍ରବାର ଡାଞ୍ଚା ପ୍ରକାଶ କରିଛନ୍ତି। ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ଏକ ବ୍ୟାପକ ଏବଂ ସ୍ଥାୟୀ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଦିଗରେ ଅଗ୍ରଗତିକୁ ତ୍ୱରାନ୍ୱିତ କରେ। ଏହି ପଦକ୍ଷେପ ସାମ୍ପ୍ରତିକ ଶୁଳ୍କ ଉତ୍ତେଜନା ମଧ୍ୟରେ ସେମାନଙ୍କର ଆର୍ଥିକ ସମ୍ପର୍କକୁ ମଜବୁତ କରିବା ପାଇଁ ବିଚାର କରାଯାଏ। ମିଳିତ ବିବୃତ୍ତିରେ କୁହାଯାଇଛି ଯେ ଭାରତ ଏବଂ ଆମେରିକା ଖୁବ ଶୀଘ୍ର ଏହି ଡାଞ୍ଚା କାର୍ଯ୍ୟକାରୀ କରିବେ ଏବଂ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମାକୁ ଚୂଡ଼ାନ୍ତ କରିବା ପାଇଁ ଏକାଠି କାମ କରିବେ। ଲକ୍ଷ୍ୟ ହେଉଛି ଏକ ବାଣିଜ୍ୟ ଚୁକ୍ତିନାମା ସୃଷ୍ଟି କରିବା ଯାହା ଉଭୟ ଦେଶକୁ ସମାନ ଭାବରେ ଲାଭ ପହଞ୍ଚାଇବ। ଏହି ଚୁକ୍ତିନାମାକୁ ଭାରତ-ଆମେରିକା ସହଭାଗୀତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ବର୍ଣ୍ଣନା କରାଯାଇଛି। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏକ ଡ-ପୋଷ୍ଟରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଣ୍ଣାୟକ ନେତୃତ୍ୱରେ ଭାରତ ଆମେରିକା ସହିତ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ପାଇଁ ଡାଞ୍ଚା ପ୍ରସ୍ତୁତ କରିଛି। ଏହା ଭାରତୀୟ ରପ୍ତାନିକାରୀ, ବିଶେଷକରି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ପାଇଁ ୩୦ ଟ୍ରିଲିୟନ ଡଲାରର ବଜାର ଖୋଲିବ। ରପ୍ତାନି ବୃଦ୍ଧି ଆମର ମହିଳା ଏବଂ ଯୁବକମାନଙ୍କ ପାଇଁ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଭାରତ ଦ୍ୱାରା ରୁଷୀୟ ତୈଳ କ୍ରୟ ଉପରେ ଲାଗୁ ହୋଇଥିବା ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ ହଟାଇବା ପାଇଁ ପଦକ୍ଷେପ ନେଇଛନ୍ତି। ଏହି ସପ୍ତାହରେ ଘୋଷଣା କରାଯାଇଥିବା ବାଣିଜ୍ୟ ଚୁକ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଟ୍ରମ୍ପଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଅନୁଯାୟୀ, ଭାରତ ରୁଷୀୟ ଫେଡେରେଶନରୁ ତୈଳର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଆମଦାନୀ ବନ୍ଦ କରିବାକୁ ପ୍ରତିବଦ୍ଧ ହୋଇଛି।



# ଲିଭ୍-ରିଲେସନସିପ୍ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ (ଏଜେନ୍ସି) : ସୁପ୍ରିମକୋର୍ଟ ଗୁରୁବାର (ଫେବୃଆରୀ ୫, ୨୦୨୬) ଦିନ ଏକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣି କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ ସମ୍ପର୍କ ଖରାପ ହେବା କିମ୍ବା ଭାଙ୍ଗିବା ପରେ ଏହାକୁ ପ୍ରାୟତଃ ଅପରାଧୀକ ରଙ୍ଗ ଦିଆଯାଇଥାଏ। ବଳାତ୍କାରର ଅଭିଯୁକ୍ତ ଜଣେ ପୁରୁଷଙ୍କ ସହ ଜଡିତ ଏକ ମାମଲାରେ କୋର୍ଟ ଏହି କଥା କହିଛନ୍ତି। ଲାଇଭ ଲ' ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟ ବଳାତ୍କାର ଅଭିଯୋଗରେ ପୁରୁଷଙ୍କ ବିରୁଦ୍ଧରେ ଦାୟର ଏଫଆଇଆରକୁ ରଦ୍ଦ କରିଛନ୍ତି। ଏଫଆଇଆରରେ ଅଭିଯୋଗ କରାଯାଇଛି ଯେ ପୁରୁଷ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ସମ୍ପର୍କରେ ରହିଥିଲେ। କୋର୍ଟ କହିଛନ୍ତି ଯେ ତଥ୍ୟଗୁଡ଼ିକ ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ଏହା ଏକ ସହମତିପୂର୍ଣ୍ଣ ସମ୍ପର୍କର ମାମଲା ଥିଲା ଯାହା ପରେ ତିକ୍ତ ହୋଇଗଲା। ବିଚାରପତି ବି.ଭି. ନାଗରତ୍ନା ଏବଂ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି ଯେ ଉଭୟ ପକ୍ଷଙ୍କ ସଂଯମତା ଅବଲମ୍ବନ କରିବା ଏବଂ ସେମାନଙ୍କ ବ୍ୟକ୍ତିଗତ ସମ୍ପର୍କ ଖରାପ ହେବା ସମୟରେ ରାଜ୍ୟକୁ ସମ୍ପୃକ୍ତ କରିବା ଏଡାଇବା ଉଚିତ ଥିଲା। ସୁପ୍ରିମକୋର୍ଟ ଏହାର ପୂର୍ବ କିଛି ରାୟକୁ ଉଦ୍ଧୃତ କରିଛନ୍ତି, ଯେଉଁଥିରେ ସମ୍ପର୍କ ଖରାପ ହେବା କିମ୍ବା ଭାଙ୍ଗିବା ପରେ ଅପରାଧୀ କରିବାର ବିଚଳିତକାରୀ ଧାରା ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ଗତ ବର୍ଷ ମାର୍ଚ୍ଚରେ ଛତିଶଗଡ଼ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରି ଏକ ଆବେଦନ ଉପରେ ତାଙ୍କର ରାୟ ଶୁଣାଇଛନ୍ତି, ଯାହା ଫେବୃଆରୀ ୨୦୨୫ରେ ବିଳାସପୁର ଜିଲାରେ ଦାୟର ହୋଇଥିବା ଏକ ଏଫଆଇଆରରୁ ଆରମ୍ଭ ହୋଇଥିବା କାର୍ଯ୍ୟଧାରା ବାତିଲ କରିବାକୁ ମନା କରିଦେଇଥିଲା। କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଏହି ମାମଲାରେ ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଉଭୟ ଓକିଲ, ଏବଂ ଅଭିଯୋଗକାରୀ ଜଣେ ୩୩ ବର୍ଷୀୟା ବିବାହିତ ମହିଳା ଏବଂ ଏକ ଶିଶୁର ମାଆ। ଖଣ୍ଡପୀଠ କହିଛନ୍ତି, 'ବିବାହର ପ୍ରତିଶ୍ରୁତି ପରେ ପକ୍ଷମାନେ ଶାରୀରିକ ସମ୍ପର୍କ ସ୍ଥାପନ କରିବା ପ୍ରତ୍ୟେକ କ୍ଷେତ୍ରରେ ବଳାତ୍କାର ନୁହେଁ ବୋଲି ଏହି ଅଦାଲତ ବାରମ୍ବାର ମତ ଦେଇଛନ୍ତି।' ଖଣ୍ଡପୀଠ କହିଛନ୍ତି ଯେ ଆଇନର ବଳାତ୍କାର ବ୍ୟବସ୍ଥା ଅନୁଯାୟୀ ଦାୟର ହୋଇଥିବା ପ୍ରକୃତ ମାମଲାଗୁଡ଼ିକୁ ଚିହ୍ନଟ କରିବା ଏବଂ ଅପରାଧ ପ୍ରମାଣ କରିବା ପାଇଁ ଅତ୍ୟାବଶ୍ୟକୀୟ ଉପାଦାନଗୁଡ଼ିକୁ ଚିହ୍ନଟ କରିବା ପାଇଁ କୋର୍ଟଗୁଡ଼ିକୁ ବହୁତ ସାବଧାନ ଏବଂ ସତର୍କ ରହିବାକୁ ପଡିବ।

ଗୋଟେ ପଟେ ଆଲୋଚନା, ଆଉ ଗୋଟେ ପଟେ ଆକ୍ରମଣ

# ଇରାନ ଉପରେ ତୈଳ କଟକଣା ଲଗାଇଲା ଆମେରିକା



ନୂଆଦିଲ୍ଲୀ(ଏଜେନ୍ସି) : ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଓମାନର ମଧ୍ୟସ୍ଥତାରେ ତେହରାନ ଓ ୱାଶିଂଟନ ମଧ୍ୟରେ, ଶୁକ୍ରବାର ମସ୍କଟରେ ଅନେକ ସ୍ତରୀୟ ଆଲୋଚନା ଶେଷ ହେବା କ୍ଷଣି, ଆମେରିକା ତୁରନ୍ତ ଇରାନର ତୈଳ ରପ୍ତାନୀ ଉପରେ କଟକଣା ଘୋଷଣା କରି ଦେଇଛି। ଏହି ସବୁ କଟକଣାର ଉଦ୍ଦେଶ୍ୟ ଇରାନର ତୈଳ ରପ୍ତାନୀକୁ ଆହୁରି ସୀମିତ କରିବା କୁହାଯାଇଛି। ଏହି ଘଟଣା ତେହେରାନକୁ ଆଶ୍ଚର୍ଯ୍ୟ କରିଛି। ଆମେରିକାର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଇରାନ ତୈଳର ହେଉଥିବା ଆୟର ବ୍ୟବହାର ଦୁନିଆର ଅଲଗା ଅଲଗା ଭାଗରେ ଅସ୍ଥିରତା ପ୍ରସାର କରିବା ଏବଂ ନିଜ ଦେଶ ଭିତରେ ଦମନ ବଢାଇବାକୁ କରିଥାଏ। ଆମେରିକା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଟମି ପିଗାଟ୍ କହିଛନ୍ତି – ରାଷ୍ଟ୍ରପତି ଟ୍ରମ୍ପ ଇରାନର ଅବୈଧ ତୈଳ ଓ ପେଟ୍ରୋକେମିକାଲ ରପ୍ତାନୀକୁ ରୋକିବା ପାଇଁ ନିଜର ସର୍ବାଧିକ ଚାପ ନୀତି ଉପରେ ଦୃଢ ରହିଛନ୍ତି। ଆମେ ଯେଉଁ ୧୪ଟି ଜାହାଜକୁ ଟାର୍ଗେଟ୍ କରିଛୁ, ଏହା ଉପରେ ଇରାନୀ ତେଲ ପରିବହନ କରିବାର ଅଭିଯୋଗ ରହିଛି। ଏଥିରେ ତୁର୍କୀ, ଭାରତ ଓ ସଂଯୁକ୍ତ ଆରବ ଏମିରେଟ୍ସର ପତାକା ଉଡ଼ାଉ ଥିବା ଜାହାଜ ସାମିଲ ଥିବାର କୁହାଯାଉଛି। ଏହା ବ୍ୟତୀତ ଆମେରିକା ୧୫ଟି କମ୍ପାନୀ ଓ ୨ ବ୍ୟକ୍ତିଙ୍କ ଉପରେ ମଧ୍ୟ କଟକଣା ଲଗାଇବାକୁ ଘୋଷଣା କରିଛି। ଏହିସବୁ ଜାହାଜ ଓ ସଂସ୍ଥା ସହ ଜଡ଼ିତ କୌଣସି ବି ନେଣ ଦେଣ ଏବେ ଆମେରିକୀୟ ପରିସରରେ ବେଆଇନ ମନେକରାଯିବ। ଆମେରିକା ପ୍ରଥମେ ମଧ୍ୟ ଇରାନ ଉପରେ ଏହିପରି ପ୍ରତିବନ୍ଧକ ଲଗାଇଛି। ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ହିଁ ୱାଶିଂଟନର ନୀତି ରହିଛି ଯେ, ବିଶ୍ୱର କୌଣସି ବି ଦେଶ ଇରାନ ଠାରୁ ତୈଳ କ୍ରୟ ନକରନ୍ତୁ। ଏହି କଟକଣାର ଉଦ୍ଦେଶ୍ୟ ଇରାନର ଅର୍ଥବ୍ୟବସ୍ଥା ଉପରେ ଚାପ ପ୍ରୟୋଗ କରି ତାକୁ ନିଜର ପରମାଣୁ କାର୍ଯ୍ୟକ୍ରମ ଓ କ୍ଷେତ୍ରୀୟ କାର୍ଯ୍ୟକଳାପ ଉପରେ ଆଭିମୁଖ୍ୟ ବଦଳାଇବାକୁ ବାଧ୍ୟ କରିବା। ମଜାଦାର କଥା ଏହା ଯେ, କଟକଣାର ଘୋଷଣା ଏମିତି ସମୟରେ ହୋଇଛି ,ଯେବେ ଇରାନର ବୈଦେଶିକ ମନ୍ତ୍ରୀ ଅବାସ ଅରାଘଚୀ କହିଛନ୍ତି ଯେ, ଓମାନରେ ଆମେରିକାର ବରିଷ୍ଠ ପ୍ରତିନିଧିଙ୍କ ସହ ପରମାଣୁ କାର୍ଯ୍ୟକ୍ରମ ଉପରେ ହୋଇଥିବା ଅପ୍ରତ୍ୟକ୍ଷ କଥାବାର୍ତ୍ତାର ମାହୋଲ ସକରାତ୍ମକ ରହିଛି। ହେଲେ @ûceêÛK[ åaÕÜ ùÕPû_e ^ÚZûe ùKðÝi òXôû ùÜ\ A ^ûjô

ଯମୁନା ଏକ୍ସପ୍ରେସୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ୧୫ଙ୍କୁ ଧକ୍କା ଦେଲା କଣ୍ଟେନର, ୬ମୃତ

ଲକ୍ଷ୍ନୌ (ଏଜେନ୍ସି) : ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାର ଯମୁନା ଏକ୍ସପ୍ରେସୱେରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ପରିସ୍ରା କରିବା ପାଇଁ ବସ୍‌ରୁ ଓହ୍ଲାଇଥିବା ଯାତ୍ରୀମାନଙ୍କୁ ଏକ ଦ୍ରୁତଗାମୀ କଣ୍ଟେନର ଚାପି ଦେଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ନଅ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରିଛି। ପୁଲିସ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ରିପୋର୍ଟ ଅନୁଯାୟୀ, ବସଟି ଦିଲ୍ଲୀର ନାଙ୍ଗଲୋଇରୁ କାନପୁରର ରସୁଲାବାଦକୁ ଯାତ୍ରା କରୁଥିଲା। ସୁରିର ପୁଲିସ ଷ୍ଟେସନ ଅଞ୍ଚଳର ମାଇଲଷ୍ଟୋନ୍ ୮୮ ନିକଟରେ, ଯାତ୍ରୀମାନେ ପରିସ୍ରା କରିବାକୁ ଡ୍ରାଇଭରଙ୍କୁ କହି ବସ୍ ଅଟକାଇଥିଲେ। ଡ୍ରାଇଭର ଗ୍ରୀନ୍ ଜୋନ୍‌ରେ ଅଟକିବା ପରିବର୍ତ୍ତେ ମଝି ରାସ୍ତାରେ ବସ୍ ଅଟକାଇ ଦେଇଥିଲେ।ଯାତ୍ରୀମାନେ ବସ୍‌ରୁ ଓହ୍ଲାଇବା ମାତ୍ରେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ କଣ୍ଟେନର ସେମାନଙ୍କୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଦୁର୍ଘଟଣା ଅତି ଭୟଙ୍କର ଥିଲା। କଣ୍ଟେନରଟି ରାସ୍ତା କଡ଼େର ଠିଆ ହୋଇଥିବା ଯାତ୍ରୀମାନଙ୍କୁ ଧକ୍କା ଦେବା ପରେ ଅନ୍ଧାର ଏବଂ ଦ୍ରୁତ ଗତି ଯୋଗୁ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ। ପୁଲିସ ସୂଚନା ଅନୁଯାୟୀ, ଦୁର୍ଘଟଣାର ଶିକାର ହୋଇଥିବା ୧୫ ଜଣ ଯାତ୍ରୀଙ୍କ ମଧ୍ୟରୁ ଘଟଣା ସ୍ଥଳରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ଗୁରୁତର ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ସୂଚନା ପାଇବା ପରେ ସୁରିର କୋତୱାଲି ପୁଲିସ ଓ ଯମୁନା ଏକ୍ସପ୍ରେସୱେ ସୁରକ୍ଷା କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ସମସ୍ତ ମୃତକଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହକୁ ପଠାଇଛି। ଘଟଣାସ୍ଥଳରେ ଆଉରିୟାର ସର୍ବ କଟରା ନିବାସୀ ସୋନୁ, ବସ୍ତିର ଆଲେୱାଲର ଦେବେଶ, କନୌଜର କେ.ଗଣେଶ, ପୂର୍ବାର ନିବାସୀ ଅସଲମ, ଦିଲ୍ଲୀର ପ୍ରେମ ନଗର ନିବାସୀ ସନ୍ତୋଷ ଓ ଅନ୍ୟ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କର ଏପର୍ଯ୍ୟନ୍ତ ପରିଚୟ ମିଳିନାହିଁ। ଆଉରିୟାର ବେଲା ନିବାସୀ ଅମର ଦୁବେ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଘଟଣା ସମୟରେ କୁହୁଡ଼ି ନଥିଲା ବୋଲି ସୁରିର ଇନ୍ସପେକ୍ଟର ଅଜୟ କୁମାର କହିଛନ୍ତି। କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

# ଆପ୍ ନେତାଙ୍କୁ ଗୁଳି କରି ହତ୍ୟା




ଜଳନ୍ଧର, ୬।୨ (ଏଜେନ୍ସି) ପଞ୍ଜାବର ଜଳନ୍ଧରରେ ଶୁକ୍ରବାର ଆମ୍ ଆଦ୍‌ମୀ ପାର୍ଟି ର ଜଣେ ନେତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତକଙ୍କ ନାଁ ଲକି ଓବେରାୟ। ଜଳନ୍ଧରର ଜନଗହଳିପୂର୍ଣ୍ଣ ମଡେଲ ଟାଉନ ଅଞ୍ଚଳରେ ଥିବା ଏକ ଗୁରୁଦ୍ୱାର ବାହାରେ ଘଟିଛି ଏହି ଘଟଣା। ଲକି ଓବେରାୟ କାରରେ ବସିଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଲକିଙ୍କ ଉପରକୁ ଦୁର୍ବୃତ୍ତମାନେ ଅନେକ ରାଉଣ୍ଡ ଗୁଳି ଫାୟାର କରିଥିଲେ। ଲକିଙ୍କ ଦେହରେ ୫ଟି ଗୁଳି ବାଜିଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଜଳନ୍ଧରରେ ଆତଙ୍କ ଖେଳି ଯାଇଛି। ଲୋକେ ଭୟଭୀତ ହୋଇଯାଇଛନ୍ତି। ଲକିଙ୍କ ପତ୍ନୀ ଆପ୍ ଟିକେଟରେ ମ୍ୟୁନିସିପାଲିଟୀ ନିର୍ବାଚନ ଲଢ଼ିଥିଲେ। ତେବେ ସେ ହାରି ଯାଇଥିଲେ। ଆପ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କ୍ୟାଣ୍ଟ ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ରବୀନ୍ଦର କୌର ଥିଆଡାଙ୍କର ଘନିଷ୍ଠ ଥିଲେ ଲକି।

ବେଆଇନ କୋଇଲା ଖଣିରେ ବିସ୍ଫୋରଣ

# ୧୬ ଶ୍ରମିକ ମୃତ



ଜୈଣ୍ଟିଆ, ୬।୨ (ଏଜେନ୍ସି) : ମେଘାଳୟର ପୂର୍ବ ଜୈଣ୍ଟିଆ ପାହାଡ଼ ଜିଲ୍ଲାର ଗୋଟିଏ ଗାଁରେ ଥିବା ବେଆଇନ ଖଣି ଖାଦାନ ରେ ଭୟଙ୍କର ବିସ୍ଫୋରଣ। ଏଥିଯୋଗୁ ଖଣି ଖାଦାନରେ ଫସି ଯାଇଥିଲେ ଏକାଧିକ ଶ୍ରମିକ। ବର୍ତ୍ତମାନ ସୁଦ୍ଧା ବିସ୍ଫୋରଣ ଯୋଗୁ ୧୬ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ସେହିପରି ଅନେକ ଶ୍ରମିକ ଖଣି ଖାଦାନ ମଧ୍ୟରେ ଫସି ରହିଥିବା ହୋଇଥିବା ଗୁରୁବାର ପୁଲିସ୍ କହିଛି। ଘଟଣାଟି ଥାଙ୍ଗସ୍କୁ ଅଞ୍ଚଳରେ ଘଟିଛି। ଘଟଣା ସମ୍ପର୍କରେ ପୁଲିସ୍ ଖବର ପାଇବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦଳ ବା ଏସଡିଆରଏଫର ସହାୟତା ଲୋଡ଼ିଛି। ବର୍ତ୍ତମାନ ସୁଦ୍ଧା ଖଣି ଖାଦାନରୁ ୧୬ ଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ କହିବା କଥା ଯେ ଅନୁମତି ନଥାଇ ଗାଁ ନିକଟରେ ଥିବା ଖଣିରେ କାମ ଚାଲିଥିଲା। କୋଇଲା ଉତ୍ତୋଳନ ଚାଲିଥିବା ବେଳେ ବିସ୍ଫୋରଣ ଯୋଗୁ ଏହା ଭୁଶୁଡ଼ି ପଡ଼ିଥିଲା। ଏଥିଯୋଗୁ ଏତେ ବଡ଼ ଘଟଣା ଘଟିଛି। ୨୦୧୪ରୁ ମେଘାଳୟରେ ମୂଷା ଗାତ କୋଲ ମାଇନିଂ ଓ ଅନ୍ୟ ଅଣ ବିଜ୍ଞାନ ଭିତ୍ତିକ ଖଣି ଖନନ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ରୋକ ଲଗାଇଛନ୍ତି। ପରିବେଶ ଓ ସୁରକ୍ଷା ଜନିତ ଚିନ୍ତା କାରଣରୁ ଏପରି ପଦକ୍ଷେପ ନିଆଯାଇଛି। ସେହିପରି କୋଇଲା ଚାଲାଣ ଉପରେ ମଧ୍ୟ କଟକଣା ଲଗାଯାଇଛି। ତଥାପି ବେଆଇନ ଖଣି ଖନନ ସ୍ଥାନୀୟ ଅଞ୍ଚଳରେ ବନ୍ଦ ହୋଇ ନାହିଁ। ମୂଷା ଗାତ ମାଇନିଂ ସାଧାରଣତଃ ଅଣ ଓସାରିଆ ଟନେଲକୁ ଖୋଳି କରାଯାଏ। ଏହା ଉଚ୍ଚତା ପ୍ରାୟ ୩ରୁ ୪ ଫୁଟ। ଏହା ମଧ୍ୟରେ ଶ୍ରମିକମାନେ ବିପଦଜନକ ଅବସ୍ଥାରେ ପ୍ରବେଶ କରି ଖଣି ଖନନ କରନ୍ତି। ଏଥିରେ ଗୋଟିଏ ସମୟରେ ଜଣେ ହିଁ ପଶି ପାରିବାର ସୁବିଧା ରହିଥାଏ। ୨୦୧୪ରେ ଜାତୀୟ ଗ୍ରୀନ ଟ୍ର୍ୟୁବନାଲ ଦେଇଥିବା ରାୟକୁ ସୁପ୍ରିମକୋର୍ଟ କାଏମ ରଖିଥିଲେ ଓ କେବଳ ବିଜ୍ଞାଭିତ୍ତିକ ଖଣି ଖନନକୁ ଅନୁମତି ଦେଇଥିଲେ। ହେଲେ ମେଘାଳୟରେ ନିୟମିତ ଭାବେ ବେଆଇନ ଖଣି ଖନନ ଜାରି ରହିଛି। ଏବେ ଏଥିଯୋଗୁ ଏତେ ବଡ଼ ଅଘଟଣ ଘଟିଛି।

# ବିଲ୍‌ଡିଂରୁ ଡେଇଁ ୩ ଭଉଣୀଙ୍କ ଆତ୍ମହତ୍ୟା ଘଟଣା: ସାଂଘାତିକ ଦାବି କଲେ ବାପା

**ଗାଜିଆବାଦ (ଏଜେନ୍ସି) :** ଗାଜିଆବାଦ ଟ୍ରିପଲ ସୁଇସାଇଡ ମାମଲାରେ ନୂଆ ଖୁଲସା। ୩ ଭଉଣୀ କୋରିଆନ ଗେମ ଜାଲରେ ଫସି ଏପରି ପଦକ୍ଷେପ ନେଇଛନ୍ତି ନା ପରିବାରର ଆର୍ଥିକ ବୋଝ ଯୋଗୁ ଏହା ଘଟିଛି, ତା'ର ତଦନ୍ତ ପୁଲିସ୍ ? କରୁଛି। ତେବେ ୩ ଭଉଣୀଙ୍କ ବାପା ସିଧାସଳଖ ଆର୍ଥିକ ବୋଝ ଦିଗକୁ ଖଣ୍ଡନ କରିଛନ୍ତି। ତାଙ୍କ କହିବା କଥା ଯେ ୩ ଝିଅଙ୍କ ମଧ୍ୟରେ ବଢୁଥିବା କୋରିଆ ଓ କୋରିଆପ ପପ ସଂସ୍କୃତି ଯୋଗୁ ସେମାନେ ବୁଧବାର ରାତି ୨.୧୫ରେ ୯ମ ମହଲାରୁ ଡେଇଁ ଜୀବନ ହାରିଛନ୍ତି। ୩ ଭଉଣୀଙ୍କ ବାପା ଚେତନ କୁମାର ଦାବି କରିଛନ୍ତି ଯେ ତାଙ୍କର ୩ ଝିଅ ସେମାନଙ୍କ ଭାରତୀୟତାକୁ ଆଦୌ ପସନ୍ଦ କରୁ ନଥିଲେ। ସେମାନେ କୋରିଆ ସଂସ୍କୃତିକୁ ବେଶ ପସନ୍ଦ କରୁଥିଲେ।

ଚେତନ କହିଛନ୍ତି ଯେ ତାଙ୍କ ୩ ଝିଅ ପାଖି(୧୨), ପ୍ରାଚୀ(୧୨) ଓ ନିଶିକା(୧୬) ନିୟମିତ ଭାବେ କୋରିଆ ଯିବାକୁ କହୁଥିଲେ ଓ ସେମାନଙ୍କୁ ଭାରତୀୟ କହିଲେ ଚିଡୁଥିଲେ। ସେ କହିଛନ୍ତି, "ସେମାନେ ମୋତେ ବାରମ୍ବାର କୋରିଆ ନେଇ ଯିବାକୁ କହୁଥିଲେ। କିନ୍ତୁ ମୁଁ ସେମାନଙ୍କୁ କହୁଥିଲି ଯେ ଆମେ ଭାରତୀୟ। ଭାରତ ନାଁ ଶୁଣିଲେ ସେମାନଙ୍କୁ ରାଗ ଆସୁଥିଲା। ସେମାନେ ଏପରି କି ଖାଉ ନଥିଲେ।"

ଚେତନ ଦାବି କରିଛନ୍ତି ଯେ ମାତ୍ର ୨ରୁ ୩ ମାସ ତଳେ ସେ ଝିଅମାନଙ୍କର କୋରିଆ ସଂସ୍କୃତି ପ୍ରତି ଥିବା ଭଲ ପାଇବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେ କହିଛନ୍ତି, "ସେମାନେ ମୋତେ କହୁଥିଲେ ଯେ ଯଦି ମୁଁ ସେମାନଙ୍କୁ କୋରିଆ ନ ନେବି, ତା'ହେଲେ ସେମାନେ ମରିଯିବେ।"

ପ୍ରାଥମିକ ତଦନ୍ତରୁ ଚେତନଙ୍କ ସମ୍ପର୍କରେ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଚେତନଙ୍କର ୨ ଜଣ ପତ୍ନୀ ରହିଛନ୍ତି ଓ ସେମାନେ ଦୁଇ ଭଉଣୀ। ଏହି ଦୁଇ ପତ୍ନୀଙ୍କ ଠାରୁ ତାଙ୍କର ୫ ପିଲା ରହିଥିଲେ। ୧୬ ବର୍ଷୀୟ ଝିଅ ସବୁଠାରୁ ବଡ଼। ପ୍ରଥମ ପତ୍ନୀଙ୍କ ଝିଅ ହେଉଛି ବିଶିକା। ୧୪ ବର୍ଷୀୟ ପ୍ରାଚୀ ଓ ୧୨ ବର୍ଷୀୟ ପାଖି ଦ୍ୱିତୀୟ ପତ୍ନୀଙ୍କ ଝିଅ।





ଚେତନ ଜଣେ ଷ୍ଟକ ଟ୍ରେଡର। ତାଙ୍କ ଉପରେ ପ୍ରାୟ ୨ କୋଟି ଟଙ୍କାର ଋଣ ଥିଲା। ଏପରି କି ସେ ୩ ଝିଅଙ୍କ ସ୍କୁଲ ଯିବା ୨ ବର୍ଷ ତଳେ ବନ୍ଦ କରି ଦେଇଥିଲେ।

ଏ ସମ୍ପର୍କରେ ଚେତନ କୁମାର କହିଛନ୍ତି ଯେ "ମୁଁ ୨୦ରୁ ୩୦ ଲକ୍ଷ ଟଙ୍କାର କ୍ଷତି ସହିଥିଲି। କିନ୍ତୁ ଏହା ସହ ମୋ ପିଲାଙ୍କ ଆତ୍ମହତ୍ୟା ମାମଲା କେମିତି ଜଡ଼ିତ ମୋର ୩ ଝିଅ କୋରିଆନ ସଂସ୍କୃତି ସହ ଏତେ ମାତ୍ରାରେ ଜଡ଼ିତ ଥିଲେ ଯେ ସେମାନେ ନିଜ ନିଜର ନାଁ ଆଲିଜା, କିଣ୍ଡୀ ଓ ମାରିଆ ରଖିଥିଲେ।"

ମଙ୍ଗଳବାର ସନ୍ଧ୍ୟାରେ କ'ଣ ସବୁ ଘଟିଥିଲା, ତା'ର ବିସ୍ତୃତ ସୂଚନା ଦେଇ ଚେତନ କହିଛନ୍ତି ଯେ ସନ୍ଧ୍ୟା ୭ଟାରେ ଝିଅମାନଙ୍କ ସହ ତାଙ୍କର ଛୋଟ ଧରଣର ଯୁକ୍ତିତର୍କ ହୋଇଥିଲା। ନିଜର ପାଠ ପଢ଼ା ଶେଷ କରିବାକୁ ଜଣେ ଝିଅ କୋରିଆ ଯିବାକୁ ଜିଦ କରିବାକୁ ପାଟିତୁଣ୍ଡ ହୋଇଥିଲା। ଏହାପରେ ଚେତନ ୩ ଝିଅଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। କିନ୍ତୁ ରାତି ପ୍ରାୟ ୧୦ଟା ବେଳେ ସେମାନେ ପୁଣି ମୋବାଇଲ ପାଇଯାଇଥିଲେ।

ମଧ୍ୟରାତ୍ର ଯାଏ ସେମାନେ ମୋବାଇଲ ଚିପିବାରୁ ମୋ ପତ୍ନୀ ସେମାନଙ୍କ ଠାରୁ ଏହା ପୁଣି ନେଇ ଆସିଥିଲେ। ଏହି ଘଟଣା ପରେ ୩ ଭଉଣୀ ନିଜକୁ ଘରର ପ୍ରାର୍ଥନା ରୁମରେ ଲକ କରି ଦେଇଥିଲେ। ଶେଷରେ ୨.୧୫ରେ ପରିବାର ଲୋକ ସେମାନଙ୍କୁ ମୃତ ଅବସ୍ଥାରେ ପାଇଥିଲେ ବୋଲି ଚେତନ କହିଛନ୍ତି।

ତଦନ୍ତକାରୀ ଅଧିକାରୀମାନେ ଗୋଟିଏ ହାତ ଲେଖା ଚିଠି ପାଇଛନ୍ତି। ଏଥିରେ ୩ ଭଉଣୀ ସେମାନଙ୍କ ବାପାଙ୍କୁ କ୍ଷମା ମାଗିଛନ୍ତି ଓ ଉତ୍ତର ପାଇବାକୁ ସେମାନେ ଛାଡ଼ି ଯାଇଥିବା ଡାଏରୀ ପଢ଼ିବାକୁ କହିଛନ୍ତି। ଜଣେ ଭଉଣୀ ଲେଖିଛନ୍ତି ଯେ "ମୁଁ ପୂରା ଦୁଃଖିତ, ଦୁଃଖିତ ପାପା।" କାନ୍ଥରେ ଲେଖା ହୋଇଛି ଯେ "ମୋ ଜୀବନ ଅତ୍ୟନ୍ତ ଏକା।"

ପୁଲିସ୍‌ର କହିବା କଥା ଯେ ୩ ଭଉଣୀ କୋରିଆନ ସଂସ୍କୃତି ସହ ଗଭୀର ଭାବେ ପ୍ରଭାବିତ ହୋଇଥିଲେ। ସେମାନେ କୋରିଆନ ସିନେମା, ମ୍ୟୁଜିକ ଓ ଗେମରେ ବୁଡ଼ି ରହୁଥିଲେ। ମୋବାଇଲ ନିଶା ସେମାନଙ୍କୁ ଘାରିଥିଲା। ପରିବାର ଲୋକ ସେମାନଙ୍କ ଏହି ନିଶାକୁ ବାରଣ କରିବାରୁ ସମ୍ଭବତଃ ସେମାନେ ଏପରି ପଦକ୍ଷେପ ନେଇଛନ୍ତି।



## ସମ୍ପାଦକୀୟ

# ବିଶ୍ୱକୁ ହାତମୁଠାରେ ରଖିବା ଟ୍ରମ୍ପଙ୍କ ଉଦ୍ଦେଶ୍ୟ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀରେ ଶାନ୍ତି ସ୍ଥାପନ ନିମନ୍ତେ ଜାତିସଂଘ ଗଠନ କରାଯାଇଥିଲା । ହେଲେ ବିଭିନ୍ନ ଦେଶ ଭିତରେ ବାରମ୍ବାର ଯୁଦ୍ଧ, ସଂଘର୍ଷ ଦେଖାଦେଉଥିଲେ ମଧ୍ୟ ଜାତିସଂଘ ଏବେ କେବଳ ଏକ ଦନ୍ତହୀନ ସଙ୍ଗଠନ ଭାବେ ରହିଛି । ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଦୀର୍ଘ ବର୍ଷ ଧରି ଚାଲିଥିଲେ ମଧ୍ୟ ତାହାର ସମାଧାନର ସୂତ୍ର ବାହାରି ପାରୁନାହିଁ । ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରେ ଗାଜା ଶାନ୍ତି ପ୍ରସ୍ତାବ ମାଧ୍ୟମରେ ଇସ୍ରାଏଲ-ହମାସ ସଂଘର୍ଷକୁ ବନ୍ଦ କରିଦେବା ଉପରେ ଗୁରୁତ୍ୱ ଦେଇଛନ୍ତି । ଗାଜାର ପୁନରୁଦ୍ଧାର ଓ ବିକାଶ ଲାଗି ଟ୍ରମ୍ପ୍ ଙ୍କ ଦ୍ୱାରା 'ବୋର୍ଡ ଅଫ୍ ପିସ୍' ନାମକ ସଙ୍ଗଠନର ପରିକଳ୍ପନା କରାଯାଇଥିଲା । ବିଶ୍ୱରେ ଯୁଦ୍ଧର ପରିସର ବୃଦ୍ଧି ପାଉଥିବା ଲକ୍ଷ୍ୟ କରିବା ପରେ ଟ୍ରମ୍ପ୍ ଏହାକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି । ଜାତିସଂଘର ବିକଳ୍ପ ଭାବେ ଏହା ଉଭା ହେବା ଓ ସେଥିପ୍ରତି ଅନ୍ୟ ଦେଶଗୁଡ଼ିକର ସମର୍ଥନ ମିଳିବା ଭୂରାଜନୈତିକ ସ୍ଥିତିରେ ନୂଆ ସମୀକରଣ ଆଣିବ ବୋଲି କୁହାଗଲାଣି । ଟ୍ରମ୍ପ୍ ଏହି ଶାନ୍ତି ବୋର୍ଡରେ ଆଜୀବନ ସଦସ୍ୟ ରହିଛନ୍ତି । କହିବାକୁ ଗଲେ ଏହା କର୍ପୋରେଟ୍ ଶୈଳୀରେ ଗଢ଼ାଯାଇଥିବା ଏକ ସଙ୍ଗଠନ । ଏଥିରେ ସ୍ଥାୟୀ ସଦସ୍ୟ ହେବା ପାଇଁ ୧ ବିଲିୟନ ଆମେରିକୀୟ ଡଲାର ଦେବାର ବ୍ୟବସ୍ଥା କରାଯାଇଛି । ଜାତିସଂଘ ଢାଞ୍ଚାରେ ଅସ୍ଥାୟୀ ସଦସ୍ୟ ରହିବା ଓ ତାହାର ଅବଧି ୩ ବର୍ଷ ରଖାଯାଇଛି । ଶାନ୍ତି ବୋର୍ଡରେ ସାମିଲ ହେବା ପାଇଁ ଟ୍ରମ୍ପ୍ ତାଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ଭାରତକୁ ନିମନ୍ତ୍ରଣ କରିଥିଲେ । ଦୀର୍ଘଦିନ ବିତିଯିବା ପରେ ମଧ୍ୟ ଭାରତ ମିଶିବ କି ନାହିଁ ସେନେଇ ନିଷ୍ପତ୍ତି ନେବାରେ ଅସଫଳ ହେଲା । ଏହାପରେ ଟ୍ରମ୍ପ୍ ତାଙ୍କ ତରଫରୁ ପାକିସ୍ତାନ ଓ ଅନ୍ୟ କେତେକ ଦେଶକୁ ନିମନ୍ତ୍ରଣ ପଠାଇଲେ, ଯାହାକୁ ଇସ୍ରାଏଲ ସମେତ ଅନ୍ୟସବୁ ଦେଶ ଅତି ଆଗ୍ରହର ସହିତ ସ୍ୱୀକାର କରିଛନ୍ତି । ଏଥିରେ ରୁଷିଆ ଓ ଚାଇନା ଏପର୍ଯ୍ୟନ୍ତ ଯୋଗ ଦେଇନାହାନ୍ତି । ସେହିପରି ନରୱେ, ସୁଇଡେନ୍ , ଡେନ୍ ମାର୍କ, ଇଟାଲି ସେଥିରେ ଯୋଗଦେବାକୁ ମନା କରିଦେଇଥିବା ବେଳେ ବ୍ରିଟେନ, ଜର୍ମାନୀ ଓ ଜାପାନ ସେମାନଙ୍କ ମତ ଦେଇନାହାନ୍ତି । ଭାରତ ଦୃଷ୍ଟିକୋଣରୁ ବିଚାର କଲେ 'ବୋର୍ଡ ଅଫ୍ ପିସ୍ 'ରେ ଯୋଗଦେବାକୁ ନିମନ୍ତ୍ରଣ ମିଳିଥିଲେ ମଧ୍ୟ ନୂଆଦିଲ୍ଲୀ କୌଣସି ଉତ୍ତର ନ ଦେବା ତା' ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି । ଏମିତି ଦେଖିଲେ ଭାରତ ତା'ର ସବୁ ପଡ଼ୋଶୀ ଦେଶ ସହ ଅପଡ଼ରେ ରହିଛି । ଟ୍ରମ୍ପ୍ ଙ୍କ ଟାରିଫ୍ ମାଡ଼ ଭାରତର ଅର୍ଥନୀତିକୁ ଦୁର୍ବଳ କଲାଣି । ଭାରତର ଅସ୍ଥିର ଅର୍ଥନୀତିକୁ ଦେଖି ଅନେକ ବିଦେଶୀ ନିବେଶକ ଅର୍ଥ ଉଠାଣ କରି ନେଉଥିବାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହୋଇଚାଲିଛି । ଏଭଳି ସନ୍ଧିକ୍ଷଣରେ ବୋର୍ଡ ଅଫ୍ ପିସ୍ ରେ ଯୋଗଦେବା ଲାଗି ଟ୍ରମ୍ପ୍ ଙ୍କ ନିମନ୍ତ୍ରଣ ଉପରେ ଭାରତ 'ହଁ' ହେଉ ବା 'ନା' କିଛି ବି ନ କହିବା ଏବେ ଆଲୋଚନାର ବିଷୟ ପାଲଟିଛି । ଭାରତର କେତେକ ମହଲ ଗୁଜବ ଉଠାଉଛନ୍ତି ଯେ, 'ବୋର୍ଡ ଅଫ୍ ପିସ୍ 'ରେ ସାମିଲ ହେବା ମାତ୍ରକେ 'କଶ୍ମୀର' ପ୍ରସଙ୍ଗ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନାକୁ ଆସିବା ଥୟ । ଏଣୁ ଭାରତ ସରକାର କୌଣସି ବାଟ ପାଉ ନ ଥିବା ଭଳି ମନେହେଉଛି । ଏହାକୁ ଇଂଲିଶରେ ଫେନ୍ସ-ସିଟର ବା ଦୋଦୁଲ୍ୟମାନ ଚିନ୍ତାଧାରା ବୋଲି କୁହାଯାଏ । ସବୁବେଳେ ଏହିଭଳି ନିର୍ଣ୍ଣୟ ନେବାରେ ଅସଫଳତା ଅନ୍ତର୍ଜାତୀୟ ସ୍ତରରେ କ୍ଷତି ଘଟାଇଥାଏ । ବିପଦ ଆସିଲେ କୌଣସି ଦିଗରୁ ସମର୍ଥନ ହାସଲ କରିବା କଷ୍ଟକର । ଖବର ଆସିଛି ଯେ, ଟ୍ରମ୍ପ୍ ଙ୍କ ଟାରିଫ୍ କ୍ରୋଧକୁ ପ୍ରଶମିତ କରିବା ପାଇଁ ରୁଷିଆରୁ କିଣୁଥିବା ତୈଳ ପରିମାଣକୁ ଭାରତ ଏବେ ବିପୁଳ ମାତ୍ରାରେ ହ୍ରାସ କରିଦେଇଛି । ଅର୍ଥାତ୍ ରୁଷିଆ ମଧ୍ୟ ଭବିଷ୍ୟତରେ ଭାରତକୁ ସମର୍ଥନ କରିବ ବୋଲି କହିହେବ ନାହିଁ । 'ବୋର୍ଡ ଅଫ୍ ପିସ୍ 'ରେ ଭାରତ ନିଜକୁ ସାମିଲ ନ କଲେ ମଧ୍ୟ ପାକିସ୍ତାନ ତାହା ନିଜ ତରଫରୁ 'କଶ୍ମୀର' ପ୍ରସଙ୍ଗକୁ ନିଶ୍ଚୟ ଉଠାଇବ । ଏଠାରେ ମନେପଡ଼େ ଅର୍ଗାନାଇଜେଶନ ଅଫ୍ ଇସ୍ ଲାମିକ୍ କୋଅପରେଶନରେ ଜମ୍ମୁ ଓ କଶ୍ମୀରରେ ମାନବ ଅଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଆସୁଛି । ତେଣୁ କୌଣସି ସଙ୍ଗଠନରେ ସଦସ୍ୟ ନ ହେଲେ ଯେ କଶ୍ମୀର ପ୍ରସଙ୍ଗ ଉଠିବ ନାହିଁ ଭାବିବା ଭୁଲ୍ । ଅନ୍ୟପକ୍ଷରେ ସଙ୍ଗଠନ ଭିତରେ ରହି ନିଜର ଯୁକ୍ତି ଉପସ୍ଥାପନ କରିବା ସହଜ ହୋଇଥାଏ । କୁହାଯାଉଛି ଟ୍ରମ୍ପ୍ 'ବୋର୍ଡ ଅଫ୍ ପିସ୍'ର ଅଧକ୍ଷ ହୋଇଥିବାରୁ ସେ ମନଇଚ୍ଛା ନିଷ୍ପତ୍ତି ନେଇପାରନ୍ତି । ସେଠାରେ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ କେବଳ ରବର ଷ୍ଟାମ୍ପ୍ ହେବେ । ଏହି କଥାରୁ ଖିଅଟାଣି ଆଲୋଚନା କଲେ ଜାତିସଂଘର ୫ ସ୍ଥାୟୀ ସଦସ୍ୟଙ୍କ ଭିଟୋ ଆଗରେ ଭାରତର ଅନେକ ଦାବି ନିଷ୍ପ୍ରଭ ହୋଇଯାଉଛି । ଏଭଳି ସ୍ଥିତିରେ ଭାରତ ନୀରବ ଦର୍ଶକ ସାଜିଲେ ତା'ର ସ୍ଥାନ କେଉଁଠି ରହିଯିବ ଜଣାପଡ଼ିବ ନାହିଁ ।

### କବିତା ଗୁଚ୍ଛ

## ସୁନ୍ଦର ଅନ୍ଧକାର



ମୁଁ ଆଖି ବନ୍ଦ କରି ମୃତ୍ୟୁ ଦେଖେ
ଘଣ୍ଟା ବାଜି ଉଠେ
ସଭିଏଁ ଯିଏ ଯାହାର ଚେୟାରରେ
ହସ ଏବଂ ଆଡ୍ଡାରେ ମସଗୁଲ ଅଛନ୍ତି
ଠିକ ସେତିକି ବେଳେ କିଛି ଚିନ୍ତା
କବିତା ଆଡକୁ ମୁହଁ କରି
ଷ୍ଟ୍ରିଟ ଲାଇଟକୁ ଘେରାଉ କରି
ଜୀବନର ନାଚ ଦେଖନ୍ତି ପତଙ୍ଗଗଣ
ଝର୍କା ବାହାରେ ଦୂରେ ପ୍ରାନ୍ତରେ
ଯେଉଁଠି ପବନର ଶୋଭାଯାତ୍ରା
ଚକ୍ଷୁ ବନ୍ଦ କରେ
ମୁଁ ଫ୍ଲାସ ବ୍ୟାକ ନୁହେଁ
ଅଚିହ୍ନା ଏକ ଘର ଦେଖୁଛି
ଅନ୍ଧକାର
ଚକ୍ଷୁ ଖୋଲି ବି ଦେଖେ
ସୁନ୍ଦର ଅନ୍ଧକାର ।

- ଡକ୍ଟର ନୀଳମଣି ସୂତାର
ଖାନନଗର, କଟକ

# ସହିଷ୍ଣୁତା ଏବଂ ବିଶ୍ୱ ସମନ୍ୱୟକୁ ପ୍ରୋତ୍ସାହନ ଦେବାରେ ଶିକ୍ଷାର ଭୂମିକା

ସହନଶୀଳତା ଏବଂ ବିଶ୍ୱ ଶାନ୍ତି ପାଇଁ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଇତିହାସ ଦର୍ଶାଉଛି ଯେ ଯେଉଁଠାରେ ଶିକ୍ଷା ଶକ୍ତିଶାଳୀ ହୁଏ ସେଠାରେ ଶାନ୍ତି ଏବଂ ପ୍ରଗତି ବୃଦ୍ଧି ପାଇଥାଏ । ଶିକ୍ଷା କେବଳ ପୁସ୍ତକ ଏବଂ ପରୀକ୍ଷା ପର୍ଯ୍ୟନ୍ତ ସୀମିତ ନଥାଏ ବରଂ ଏହା ଲୋକ ମାନଙ୍କୁ ସ୍ପଷ୍ଟ ଭାବରେ ଚିନ୍ତା କରିବା, ଅନ୍ୟମାନଙ୍କୁ ସମ୍ମାନ କରିବା ଓ ବିଭିନ୍ନ ଦୃଷ୍ଟିକୋଣକୁ ବୁଝିବାରେ ସହାୟକ ହୋଇଥାଏ । ଏକ ଶିକ୍ଷିତ ସମାଜ ଅଧିକ ଧୈର୍ଯ୍ୟବାନ ଓ ଖୋଲା ମନସ୍କ ହୋଇଥାଏ । ଶିକ୍ଷିତ ବ୍ୟକ୍ତିମାନେ ଲଢ଼େଇ ପରିବର୍ତ୍ତେ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିଥାନ୍ତି । ଶିକ୍ଷା ମଧ୍ୟ ନ୍ୟାୟ ଏବଂ ସମାନତାକୁ ସମର୍ଥନ କରେ, ଯାହା ସ୍ଥାୟୀ ଶାନ୍ତି ପାଇଁ ଆବଶ୍ୟକ । ଏହା ଦାରିଦ୍ର୍ୟ, ଅଜ୍ଞତା, ଏବଂ ବେକାରୀ ହ୍ରାସ କରିବାରେ ସାହାଯ୍ୟ କରେ, ଯାହା ପ୍ରାୟତଃ ହିଂସା ଏବଂ ଅଶାନ୍ତିର ମୁଖ୍ୟ କାରଣ । ତଥାପି, ଶିକ୍ଷା ସକରାତ୍ମକ ଏବଂ ନିରପେକ୍ଷ ହେବା ଆବଶ୍ୟକ । ଯଦି ଶିକ୍ଷା ଦ୍ୱାରା ପକ୍ଷପାତିତା କିମ୍ବା ଭୁଲ୍ ହୁଏ, ତେବେ ଘୃଣା ଏବଂ ଉଗ୍ରବାଦ ବିସ୍ତାର ହୋଇପାରେ । ପ୍ରକୃତ ଶିକ୍ଷା ଦୟା, ମାନବିକତା ଏବଂ ସମସ୍ତ ଧର୍ମ ଦ୍ୱାରା ଅଂଶୀଦାର ହୋଇଥିବା ସାଧାରଣ ମୂଲ୍ୟବୋଧର ଶିକ୍ଷା ଦିଏ । ପାଠ୍ୟକ୍ରମରେ ଉନ୍ନତି ଆଣିବା, ଶିକ୍ଷକମାନଙ୍କୁ ତାଲିମ ଦେବା, ଆନ୍ତର୍ଜାତୀୟ ସ୍ତରରେ ମିଳିତ ଭାବରେ କାର୍ଯ୍ୟ କରିବା ଏବଂ ପ୍ରଯୁକ୍ତିବିଦ୍ୟାକୁ ଭଲ ଉପାୟରେ ବ୍ୟବହାର କରି ଶିକ୍ଷା ଶାନ୍ତି ପାଇଁ ସହାୟକ ପରିବେଶ ସୃଷ୍ଟି କରାଯାଇପାରିବ । ଶିକ୍ଷା ଏବଂ ବିଶ୍ୱ ଶାନ୍ତି ଘନିଷ୍ଠ ଭାବରେ ଜଡିତ । ଶିକ୍ଷା ଦାୟିତ୍ୱବାନ ଲୋକ ସୃଷ୍ଟି କରେ ଏବଂ ଏକ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବିଶ୍ୱ ଗଠନ କରିବାରେ ସାହାଯ୍ୟ କରେ । ଶିକ୍ଷା ସଚେତନତା, ସହନଶୀଳତା ଏବଂ ବୁଝାମଣା ସୃଷ୍ଟି କରେ, ଯାହା ସ୍ଥାୟୀ ବିଶ୍ୱ ଶାନ୍ତି ପାଇଁ ଜରୁରୀ ମୂଳଦୁଆ । ଶିକ୍ଷିତ ସମାଜ ହିଂସା ପରିବର୍ତ୍ତେ ଆଲୋଚନା, ନ୍ୟାୟ ଏବଂ ପାରସ୍ପରିକ ସମ୍ମାନ ମାଧ୍ୟମରେ ବିବାଦର ସମାଧାନ କରନ୍ତି । ଉପଯୁକ୍ତ ଶିକ୍ଷା ଦାରିଦ୍ର୍ୟ, ଅଜ୍ଞତା ଏବଂ ବେରୋଜଗାରୀକୁ ହ୍ରାସ କରେ, ଯାହା ବିବାଦର ପ୍ରମୁଖ କାରଣ । ପକ୍ଷପାତିତାପୂର୍ଣ୍ଣ ଶିକ୍ଷା ଉଗ୍ରବାଦକୁ ପ୍ରୋତ୍ସାହିତ କରୁଥିବାବେଳେ ମୂଲ୍ୟବୋଧ ଆଧାରିତ ଶିକ୍ଷା ମାନବିକତା, କରୁଣା ଏବଂ ସୌହାର୍ଦ୍ଦ୍ୟକୁ ମଜବୁତ କରିଥାଏ । ପାଠ୍ୟକ୍ରମ ସଂସ୍କାର, ତାଲିମପ୍ରାପ୍ତ ଶିକ୍ଷକ ଏବଂ ବିଶ୍ୱସ୍ତରୀୟ ସହଯୋଗ ଶିକ୍ଷାକୁ ଶାନ୍ତି ପାଇଁ ଏକ ପ୍ରଭାବଶାଳୀ ଉପକରଣ କରିଥାଏ । ମାନବ ଇତିହାସ ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଶିକ୍ଷା ହିଁ ହେଉଛି ସେଇ ମୂଳଦୁଆ ଯାହା ଉପରେ ଶାନ୍ତି, ପ୍ରଗତି ଏବଂ ସଭ୍ୟତା ଗଠନ ହୁଏ । ଯେଉଁଠାରେ ଶିକ୍ଷାର ପ୍ରସାର ହୋଇଥାଏ ସେଠାରେ ଅଜ୍ଞତା, ଅନ୍ୟାୟ ଏବଂ ହିଂସା ଧୀରେ ଧୀରେ ଲୋପ ପାଇଥାଏ । ଶିକ୍ଷା କେବଳ ପୁସ୍ତକ ଏବଂ ଡିଗ୍ରୀ ମଧ୍ୟରେ ସୀମିତ ନୁହେଁ; ଏହା ସଚେତନତା, ସହନଶୀଳତା, ପାରସ୍ପରିକ ସମ୍ମାନ ଏବଂ ବୁଝାମଣାର ବିକାଶ କରେ । ଆଜିର ଦୁନିଆରେ, ବିଶ୍ୱ ଶାନ୍ତି ସ୍ଥାପନ କରିବା ହେଉଛି ସବୁଠାରୁ ବଡ ଆହ୍ୱାନ ମଧ୍ୟରୁ ଗୋଟିଏ, ଏବଂ ଏହି ଆହ୍ୱାନର ମୁକାବିଲା କରିବାରେ ଶିକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଶିକ୍ଷା ଲୋକଙ୍କୁ ବିଶ୍ଳେଷଣାତ୍ମକ ଚିନ୍ତାଧାରାର ବିକାଶ, ଅନ୍ୟମାନଙ୍କୁ ବୁଝିବା ଏବଂ ବୁଦ୍ଧିମାନ ନିଷ୍ପତ୍ତି ନେବାର କ୍ଷମତା ଦେଇଥାଏ । ଜଣେ ଅଶିକ୍ଷିତ ବ୍ୟକ୍ତି ପ୍ରାୟତଃ ଜୀବନକୁ ସଂକୀର୍ଣ୍ଣ ଦୃଷ୍ଟିକୋଣରୁ ଦେଖନ୍ତି ଏବଂ କୁସଂସ୍କାର କିମ୍ବା ଭୁଲ ବୁଝାମଣାରେ ପଡ଼ିପାରନ୍ତି । ଅପରପକ୍ଷେ, ଜଣେ ଶିକ୍ଷିତ ବ୍ୟକ୍ତି ବ୍ୟାପକ ମାନସିକତା ଏବଂ ଖୋଲାପଣ ବିକାଶ କରେ । ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ଗୁଣଗୁଡ଼ିକ ଏକାନ୍ତ ଜରୁରୀ । ଯେତେବେଳେ ଲୋକମାନେ ସଚେତନ ହୁଅନ୍ତି, ସେମାନେ ନ୍ୟାୟ, ସମାନତା ଏବଂ ଭାଇଚାରାର ନୀତି ଅନୁଯାୟୀ ବଞ୍ଚିବା ଆରମ୍ଭ କରନ୍ତି ।

ଦୁନିଆରେ ସଂଘର୍ଷର ଏକ ପ୍ରମୁଖ କାରଣ ହେଉଛି ସହନଶୀଳତାର ଅଭାବ । ଶିକ୍ଷା ଲୋକଙ୍କୁ ଶିକ୍ଷା ଦିଏ ଯେ ମତଭେଦ ଘୃଣା ଆଡକୁ ଯିବା ଉଚିତ ନୁହେଁ ବରଂ ସଂଳାପ ଏବଂ ବିଶ୍ଳେଷଣ ମାଧ୍ୟମରେ ସମାଧାନ ହେବା ଉଚିତ୍ । ଶିକ୍ଷିତ ସମାଜର ବ୍ୟକ୍ତିମାନେ ପାର୍ଥକ୍ୟ ସତ୍ତ୍ୱେ ଏକାଠି ରହିବା ପାଇଁ ଶାନ୍ତିପୂର୍ଣ୍ଣ ଉପାୟ ଖୋଜନ୍ତି । ସେଥିପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରାୟତଃ ଶାନ୍ତିର ରାଷ୍ଟ୍ରଦୂତ କୁହାଯାଏ, କାରଣ ସେମାନେ ସହଯୋଗ, ଧୈର୍ଯ୍ୟ ଏବଂ ସମ୍ମାନର ମୂଲ୍ୟବୋଧ ସହିତ ଯୁବ ପିଢ଼ିକୁ ଗଠନ କରନ୍ତି । ଶିକ୍ଷାର ଲକ୍ଷ୍ୟ କେବଳ ବ୍ୟକ୍ତିଗତ ବିକାଶ ନୁହେଁ ବରଂ ସାମାଜିକ ଏବଂ ବିଶ୍ୱ ସୌହାର୍ଦ୍ଦ ମଧ୍ୟ । ଆଜି, ବିଶ୍ୱ ଏକ 'ଗ୍ଲୋବାଲ୍ ଭିଲେଜ' ରେ ପରିଣତ ହୋଇଛି ଯେଉଁଠାରେ ବିଭିନ୍ନ ଧର୍ମ, ସଂସ୍କୃତି ଏବଂ ଭାଷାର ଲୋକମାନେ ଘନିଷ୍ଠ ଯୋଗାଯୋଗରେ ରହନ୍ତି । ଯଦି ଶିକ୍ଷାର ସଠିକ୍ ମାର୍ଗଦର୍ଶନ କରାଯାଏ ନାହିଁ, ତେବେ ଏହା ଘୃଣା, ଉଗ୍ରବାଦ ଏବଂ ଅସହିଷ୍ଣୁତା ସୃଷ୍ଟି କରିପାରେ । ଉପଯୁକ୍ତ ଶିକ୍ଷା ବ୍ୟକ୍ତିବିଶେଷଙ୍କୁ ହୃଦୟଙ୍ଗମ କରିବାରେ ସାହାଯ୍ୟ କରେ ଯେ ସେମାନେ ବିଶ୍ୱ ମାନବ ସମ୍ପ୍ରଦାୟର ଏକ ଅଂଶ, ଏବଂ ଏହି ସଚେତନତା ବିଶ୍ୱ ଶାନ୍ତିକୁ ମଜବୁତ କରିଥାଏ । ନ୍ୟାୟ ବିନା ଶାନ୍ତିର ଅସ୍ତିତ୍ୱ ନାହିଁ । ଶିକ୍ଷା ମଣିଷକୁ ନ୍ୟାୟ ଏବଂ ସମାନତା ଶିଖାଇଥାଏ । ନ୍ୟାୟର ନୀତି ଅନୁସରଣ କରିବା ଦ୍ୱାରା ସମାଜରେ ଅତ୍ୟାଚାର ଏବଂ ଶୋଷଣ ହ୍ରାସ ପାଇଥାଏ । ନ୍ୟାୟ ବିନା ଶାନ୍ତି କେବଳ ଏକ ସ୍ୱପ୍ନ ମାତ୍ର । ଶିକ୍ଷା ଲୋକଙ୍କୁ ବୁଝାଇଥାଏ ଯେ ଅନ୍ୟମାନଙ୍କ ଅଧିକାରକୁ ସମ୍ମାନ ଦେବା ହେଉଛି ସ୍ଥାୟୀ ଶାନ୍ତିର ପ୍ରକୃତ ମୂଳଦୁଆ । ଶିକ୍ଷା ଦ୍ୱାରା ସାମାଜିକ ବିକାଶ ହୁଏ ଯାହା ଦାରିଦ୍ର୍ୟ, ବେକାରୀ ଏବଂ ଅଜ୍ଞତା ଭଳି ସମସ୍ୟାକୁ ହ୍ରାସ କରିଥାଏ । ଏହି ସମସ୍ୟାଗୁଡ଼ିକ ପ୍ରାୟତଃ ବିବାଦ ଏବଂ ହିଂସାର ମୂଳ କାରଣ ହୋଇଥାଏ । ଏକ ଶିକ୍ଷିତ ଏବଂ ସମୃଦ୍ଧ ସମାଜ ଶାନ୍ତିପୂର୍ଣ୍ଣ ସମ୍ପର୍କ ବଜାୟ ରଖିବାରେ ଅଧ ?କ ସକ୍ଷମ । ସେଥିପାଇଁ ବିଶେଷଜ୍ଞମାନେ କହିଛନ୍ତି ଯେ ଶାନ୍ତି ପାଇଁ ଶିକ୍ଷା ହେଉଛି ସର୍ବୋତ୍ତମ ବିନିଯୋଗ । ତଥାପି, ସମସ୍ତ ଶିକ୍ଷା ବ୍ୟବସ୍ଥା ଶାନ୍ତିକୁ ପ୍ରୋତ୍ସାହିତ କରେ ନାହିଁ । ଶିକ୍ଷାର କେତେକ ରୂପ ବିକୃତ ପାଠ୍ୟକ୍ରମ ମାଧ୍ୟମରେ ଘୃଣା, ପକ୍ଷପାତିତା ଏବଂ ଉଗ୍ରବାଦକୁ ପ୍ରୋତ୍ସାହିତ କରେ । ଏହିପରି ଶିକ୍ଷା ସମାଜକୁ ଏକଜୁଟ କରିବା ପରିବର୍ତ୍ତେ ବିଭାଜିତ କରିଥାଏ । ତେଣୁ, ଶିକ୍ଷା କେବଳ ନିଯୁକ୍ତି କିମ୍ବା ଅର୍ଥନୈତିକ ଲାଭ ପାଇଁ ଲକ୍ଷ୍ୟ ରଖାଯିବା ଉଚିତ ନୁହେଁ ବରଂ ମାନବିକତା, କରୁଣା ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ବିନିଯୋଗ ହେବା ଉଚିତ୍ । ସମସ୍ତ ପ୍ରମୁଖ ଧର୍ମ ଶାନ୍ତି, ପ୍ରେମ ଏବଂ ଭାଇଚାରାର ଶିକ୍ଷା ଦେଇଥାଏ । ଶିକ୍ଷା ଏହି ଅଂଶୀଦାର ମୂଲ୍ୟବୋଧକୁ ଆଲୋକପାତ କରିବା ଦ୍ୱାରା ଧାର୍ମିକ ପାର୍ଥକ୍ୟ ସୌହାର୍ଦ୍ଦ୍ୟରେ ପରିଣତ ହୋଇଥାଏ । ପ୍ରତ୍ୟେକ ଧର୍ମ ମାନବିକ ମହତ୍ତ୍ୱକୁ ସମ୍ମାନ ଦିଅନ୍ତି ବୋଲି ଛାତ୍ରମାନଙ୍କୁ ଶିକ୍ଷା ଦେବା ଦ୍ୱାରା ଉଗ୍ରବାଦ ଏବଂ ଧାର୍ମିକ ଘୃଣାକୁ ବହୁଳ ଭାବରେ ହ୍ରାସ କରାଯାଇପାରେ । ସ୍ଥାୟୀ ଶାନ୍ତି ଏବଂ ମାନବ କଲ୍ୟାଣ ପାଇଁ ଶିକ୍ଷାର ପ୍ରୋତ୍ସାହନ ଜରୁରୀ । ଶିକ୍ଷା ବ୍ୟକ୍ତିତ୍ୱ, ଚରିତ୍ର ଏବଂ ଆଚରଣକୁ ଆକୃଷ୍ଟ କରେ । ଯଦି ଶିକ୍ଷା ବ୍ୟବସ୍ଥା ଶାନ୍ତି, ସହନଶୀଳତା, ମାନବିକ ସମ୍ମାନ ଏବଂ ବିଶ୍ୱ ଭ୍ରାତୃତ୍ୱର ମୂଲ୍ୟବୋଧ ଉପରେ ନିର୍ମିତ ହୁଏ, ତେବେ ଏହା ଉଗ୍ରବାଦ, ଅଜ୍ଞତା ଏବଂ ହିଂସାକୁ ଫଳପ୍ରଦ ଭାବେ ମୁକାବିଲା କରିବା ପାଇଁ ସମର୍ଥ ହୁଏ । ତେଣୁ ଏଠାରେ ପ୍ରଣିଧାନଯୋଗ୍ୟ ଯେ ଶିକ୍ଷାଗତ ପାଠ୍ୟକ୍ରମରେ ସଂସ୍କାର ଆଣିବା ଆବଶ୍ୟକ । ପାଠ୍ୟପୁସ୍ତକରେ ଏପରି ବିଷୟବସ୍ତୁ ଅନ୍ତର୍ଭୁକ୍ତ ହେବା ଉଚିତ ଯାହା ପ୍ରେମ, ସହନଶୀଳତା, ସମାନତା ଏବଂ ଆନ୍ତଃଧର୍ମ ସମନ୍ୱୟକୁ ପ୍ରୋତ୍ସାହିତ କରେ । ଇତିହାସ, ସାମାଜିକ ଅଧ୍ୟୟନ, ନୈତିକତା ଏବଂ ଧାର୍ମିକ ଶିକ୍ଷା ପରି ବିଷୟଗୁଡ଼ିକ ସକରାତ୍ମକ ଚିନ୍ତାଧାରା ଏବଂ ସାର୍ବଜନୀନ ମାନବିକ ମୂଲ୍ୟବୋଧ ଉପରେ ଧ୍ୟାନ ଦେବା ଉଚିତ୍ । ଶାନ୍ତିର ଆନ୍ତର୍ଜାତୀୟ ନୀତି, ମାନବାଧିକାର ଏବଂ ବିଶ୍ୱ ସହଯୋଗ ମଧ୍ୟ ଅନ୍ତର୍ଭୁକ୍ତ ହେବା ଉଚିତ୍ । ଦ୍ୱିତୀୟତଃ, ଶିକ୍ଷକ ତାଲିମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଛାତ୍ରମାନଙ୍କର ନୈତିକ ଏବଂ ବୌଦ୍ଧିକ ବିକାଶକୁ ଆକାର ଦେବାରେ ଶିକ୍ଷକମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଯଦି ଶିକ୍ଷକମାନେ ଶାନ୍ତି, ନ୍ୟାୟ ଏବଂ ସହନଶୀଳତାରେ ବିଶ୍ୱାସ କରନ୍ତି, ତେବେ ସେମାନେ ସେମାନଙ୍କର ଶିକ୍ଷାଦାନ ଏବଂ ଆଚରଣ ମାଧ୍ୟମରେ ଏହି ମୂଲ୍ୟବୋଧକୁ ଆଗକୁ ବଢ଼ାଇ ପାରିବେ । ଶିକ୍ଷକମାନଙ୍କ ପାଇଁ ଶାନ୍ତି ଶିକ୍ଷାରେ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯିବା ଉଚିତ୍ । ତୃତୀୟତଃ, ଆନ୍ତର୍ଜାତୀୟ ଶିକ୍ଷା ନିଗମକୁ ଉତ୍ସାହିତ କରାଯିବା ଉଚିତ୍ । ଆଦାନପ୍ରଦାନ କାର୍ଯ୍ୟକ୍ରମ, ମିଳିତ ଗବେଷଣା ପ୍ରକଳ୍ପ ଏବଂ ବିଶ୍ୱସ୍ତରୀୟ ଶିକ୍ଷା ସମ୍ମିଳନୀ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ ଏହିପରି ପାରସ୍ପରିକ କ୍ରିୟା ଛାତ୍ର ଏବଂ ଶିକ୍ଷକମାନଙ୍କୁ ବିଭିନ୍ନ ସଂସ୍କୃତିକୁ ପ୍ରଶଂସା କରିବାକୁ ଏବଂ ଦୃଢ ବିଶ୍ୱସ୍ତରୀୟ ସମ୍ପର୍କ ଗଠନ କରିବାକୁ ଅନୁମତି ଦେଇଥାଏ । ଚତୁର୍ଥତଃ, ଗଣମାଧ୍ୟମ ଏବଂ ପ୍ରଯୁକ୍ତି ବିଦ୍ୟା ସକରାତ୍ମକ ଭାବରେ ବ୍ୟବହାର କରାଯିବା ଉଚିତ୍ । ଡିଜିଟାଲ୍ ଯୁଗରେ, ଅନଲାଇନ୍ ପ୍ଲାଟଫର୍ମ, ଡକ୍ୟୁମେଣ୍ଟାରୀ ଏବଂ ସୋସିଆଲ୍ ମିଡିଆ ଅଭିଯାନ ଶାନ୍ତି ଏବଂ ସମାନତାର ବାର୍ତ୍ତା ବିସ୍ତାର କରିପାରିବ । ଶିକ୍ଷାନୁଷ୍ଠାନଗୁଡିକ ଡିଜିଟାଲ୍ ନୈତିକତା ଶିକ୍ଷା ଦେବା ଉଚିତ୍ ଯାହା ଦ୍ୱାରା ପ୍ରଯୁକ୍ତି ବିଦ୍ୟା ଘୃଣା କିମ୍ବା ପ୍ରଚାର ପରିବର୍ତ୍ତେ ସକାରାତ୍ମକ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହୋଇପାରିବ । ଶେଷରେ, ବ୍ୟବହାରିକ କାର୍ଯ୍ୟକଳାପ ଏବଂ ଚରିତ୍ର ଗଠନ କାର୍ଯ୍ୟକ୍ରମ ଜରୁରୀ । ବିତର୍କ, ଶାନ୍ତି ଅଭିଯାନ, ସମ୍ପ୍ରଦାୟ ସେବା ଏବଂ ବିଭିନ୍ନ ପୃଷ୍ଠଭୂମିର ଛାତ୍ରମାନଙ୍କୁ ଜଡିତ ମିଳିତ ପ୍ରକଳ୍ପ ଶିକ୍ଷାର୍ଥୀମାନଙ୍କୁ କେବଳ ସିଦ୍ଧାନ୍ତରେ ନୁହେଁ, ବାସ୍ତବ ଜୀବନରେ ଶାନ୍ତି ପାଳନ କରିବାରେ ସାହାଯ୍ୟ କରେ । ପରିଶେଷରେ, ଶିକ୍ଷା ଏବଂ ବିଶ୍ୱ ଶାନ୍ତି ନିବିଡ଼ ଭାବରେ ଜଡିତ । ଶିକ୍ଷା ଜ୍ଞାନ ଏବଂ ଦାୟିତ୍ୱବାନ ନିଷ୍ପତ୍ତି ନେବାର ବିକାଶ କରୁଥିବାବେଳେ ଶାନ୍ତି ଜ୍ଞାନ ବୃଦ୍ଧିର ଏକ ପରିବେଶ ପ୍ରଦାନ କରିଥାଏ । ଯଦି ରାଷ୍ଟ୍ରମାନେ ଶିକ୍ଷାକୁ ଶାନ୍ତି ପାଇଁ ଏକ ଉପକରଣ ଭାବରେ ବ୍ୟବହାର କରନ୍ତି, ତେବେ ମାନବ ସମାଜ ଏକ ଶାନ୍ତିପୂର୍ଣ୍ଣ, ସମୃଦ୍ଧ ଏବଂ ସମ୍ମାନଜନକ ବିଶ୍ୱ ଆଡକୁ ଗତି କରିପାରିବ ।

ଡ. ଜାଫର ଡାରିକ୍ କାସମୀ
ନ୍ୟୁ ଏଜ୍ ଇସଲାମ

# ଅପାଠୁଆ ମଣିଷ

ବାଲ୍ୟବନ୍ଧୁ ମଧୁମାଧବଙ୍କ ଠାରୁ ଖବର ପାଇଲି ଯେ ବାଲ୍ୟବନ୍ଧୁ ଘନ ସଗରିଆ ପରିଣତ ବୟସରେ ଆଖି ବୁଜିଲା । ଖବର ପାଇବାର କିଛିଦିନ ପରେ ନିଜର ମୂଳ ସ୍ଥାନ ମଲ୍ଲଗଡ଼କୁ ସେ ଯାଇଥିଲେ । ସେଠାରେ ପହଞ୍ଚିବା ପରେ ମଧୁ ମାଧବ ଯାଇଥିଲେ ଘନର ଘରକୁ । ଘନର ପୁଅ ଓ ବୋହୂକୁ ଯାଇ ଭେଟିଥିଲେ ଓ ସଙ୍ଖୁଳି ଥିଲେ । ଘନ ଚାଲିଯିବାର ଦୁଃଖ ଓ ସମବେଦନା ଜଣାଇଥିଲେ । ମୋର ସମବେଦନା ବି ଜଣେଇଥିଲେ । କିଛି ଦିନ ମଲ୍ଲଗଡ଼ରେ କଟେଇ ମଧୁ ଫେରିଆସିଥିଲେ ଭୁବନେଶ୍ୱରକୁ । ସେ ଫେରିବାର ଖବର ପାଇ ମୁଁ ତାଙ୍କ ଘରକୁ ଯାଇଥିଲି । ବହୁତ ସମୟ ଧରି ଆମେ ଦୁଇଜଣ କଥା ହେଉଥିଲୁ ଆମର ପିଲାଦିନର କଥା । ପାଠପଢ଼ା ବେଳର ସ୍ମୃତି, ଏବେ ସଂସାରରୁ ଚାଲିଯାଇଥିବା ଘନ ସଗରିଆର କଥା । ମଧୁ ମାଧବ ମିଶ୍ର ଓ ମୁଁ ଶକ୍ତିକାନ୍ତ ପାଣିଗ୍ରାହୀ ଉଭୟେ ସରକାରୀ ଚାକିରିରୁ ଅବସର ନେଇ ଭୁବନେଶ୍ୱରରେ ଘର କରି ରହିଛୁ । ଆମେ ଉଭୟେ ମଲ୍ଲଗଡ଼ର ମୂଳ ବାସିନ୍ଦା । ମଲ୍ଲଗଡ଼ ଗୋଟିଏ ପୂର୍ବତନ ଦେଶୀୟ ଗଡ଼ଜାତ ଥିଲା । ଭୌଗୋଳିକ ଦୃଷ୍ଟିରୁ ଏହା ପଞ୍ଚଧାରା ପର୍ବତମାଳା ଓ ମହାନଦୀ ମଝିରେ ଏକ ଉପତ୍ୟକା । ଗତ ଶତାବ୍ଦୀର ଚାଳିଶ ଦଶକର ଶେଷ ଭାଗରେ ଆମେ ମଲ୍ଲଗଡ଼ର ସବୁଠାରୁ ନାମଜାଦା ପ୍ରାଥମିକ । ବିଦ୍ୟାଳୟରେ ନାଁ ଲେଖେଇଥିଲୁ । ସ୍କୁଲର ନାଁ ଥିଲା ଟାଉନ୍ ପ୍ରାଇମେରି ସ୍କୁଲ । ସମ୍ପୂର୍ଣ୍ଣ ଓଡ଼ିଆ ମାଧ୍ୟମରେ ପାଠପଢ଼ା ଯାଉଥିଲା । ଆଜିକାଲି ଇରାଜୀ ମାଧ୍ୟମ ସ୍କୁଲ ପରି କିର୍ଣ୍ଡରଗାଟେନ୍ ବା କେ.ଜି. ସ୍ତର ନ ଥିଲା । ଶିଶୁ ଶ୍ରେଣୀୟ କିମ୍ବା ପ୍ଲେ ସ୍କୁଲର ପରିକଳ୍ପନା ନ ଥିଲା । ସବୁ ଛାତ୍ର, ଛାତ୍ରୀମାନେ ପ୍ରଥମେ ଶିଶୁ ଶ୍ରେଣୀରେ ନାଁ ଲେଖଉଥିଲେ । ଶ୍ରେଣୀ ଶିକ୍ଷକ ଯେଉଁ ପ୍ରକାରେ ପିଲାମାନଙ୍କୁ ପଢ଼ାଉଥିଲେ ତାହାସେ କାଳର ପରିବଶେକୁ ଚାହିଁ କୌଣସି ପ୍ଲେ ସ୍କୁଲ ବା କେଜି କ୍ଲାସ୍‌ରୁ ଗୁଣାତ୍ମକ ଭାବେ ଊଣା ନ ଥିଲା । ସେତେବେଳେ ସିଲଟ୍ ଖଡ଼ିର ପ୍ରଚଳନ ଥିଲା । ଏକ ପ୍ରକାର ମାଟିରେ ତିଆରି ଚିକ୍କଣ ସିଲଟ୍ ପଟାରେ ଥରେ ଲେଖି ଗାରେଇ ସାରିବା ପରେ ଓଦା କନାରେ ପୋଛିଦେଲେ ତାହା ଲିଭି ଯାଉଥିଲା । ପୁଣି ସେଇ ସଫା ସିଲଟରେ ଆଉ ଥରେ ଲେଖାଯାଇ ପାରୁଥିଲା । କେତେବେଳେ ଶିଶୁ ଶ୍ରେଣୀରେ ପଢୁଥିବା ପୁଅ ବା ଝିଅ ଓଦା କନାଟି ଶୁଖିଯାଇଥିଲେ ସେ ଅନ୍ୟମାନଙ୍କ ଦୃଷ୍ଟି ଆଢୁଆଳରେ ସିଲଟ୍ ଉପରେ ଛେପ ପକେଇ ଦେଇ ଶୁଖିଯାଇଥିବା କନାରେ ପୋଛି ପକାଉଥିଲା । ଏହି ଲୁଚ୍ଛପା କାମଟି ଆଉ କୌଣସି ସହପାଠୀର ଦୃଷ୍ଟିରେ ପଡ଼ିଲେ ଶ୍ରେଣୀ ଶିକ୍ଷକଙ୍କୁ କହିଦେଉଥିଲେ । ଫଳରେ ଛେପ ପକେଇ ସିଲଟକୁ କନାରେ ସଫା କରିଥିବା ପିଲାକୁ ଶ୍ରେଣୀ ଗୁରୁଜୀ ଗାଳି ଦେଉଥିଲେ । ତାଗିଦ୍ କରି କହୁଥିଲେ ଯେ ସିଲଟ ପଟାରେ ବିଦ୍ୟାଦାତା ଗଣେଶ ଓ ବିଦ୍ୟା ଦାତ୍ରୀ ସରସ୍ୱତୀ ଅଦୃଶ୍ୟରେ ରହିଥାନ୍ତି । ସିଲଟରେ ଛେପ ପକାଇବା ମାନେ ବିଦ୍ୟା ଠାକୁରଙ୍କର ଦ୍ରୋହୀ ହେବା ସଙ୍ଗେ ସମାନ । ଭୁଲ କରିଥିବା ପିଲାକୁ ନିଜେ ନିଜର କାନମୋଡ଼ି ହେବା ପାଇଁ କହନ୍ତି ଆଉ ସେମିତି ଭୁଲ ନ କରିବା ପାଇଁ ତାଗିଦ୍ କରନ୍ତି । ପିଲାଟି ମୁଣ୍ଡ ହଲେଇ ଆଉ ସେପରି ନ କରିବାର ସଂକେତ ଦିଏ । ଘନ ସଗରିଆ ଶିଶୁ ଶ୍ରେଣୀରେ ଆମର ସହପାଠୀ ଥିଲା ।

ଶିଶୁ ଶ୍ରେଣୀରେ ଆମେ ପଢୁଥିବା ପିଲାମାନଙ୍କର ବୟସ ସାଢ଼େ ଚାରିବର୍ଷରୁ ପାଞ୍ଚବର୍ଷ ଥିବା ବେଳେ ଘନର ବୟସ ନଅ ବା ଦଶବର୍ଷ ଥିଲା । ତେଣୁ ସେ ଅନ୍ୟ ସହପାଠୀମାନଙ୍କ ଠାରୁ ବାରି ହୋଇଯାଉଥିଲା । ଆମେ ସମସ୍ତେ ହାଫ୍‌ପ୍ୟାଣ୍ଟ ଓ ସାର୍ଟ (ଝିଅମାନେ ଫ୍ରକ୍) ପିନ୍ଧି ଆସୁଥିବା ବେଳେ ଘନ ଛୋଟ ଖଦିରେ ଆଣ୍ଠୁ ଉପରକୁ କଛାମାରି ଦେହର ତଳଭାଗକୁ ଆବୃତ କରୁଥିଲା ଓ ଉପର ଭାଗକୁ ଛୋଟ ଗାମୁଛାରେ ଘୋଡ଼େଇ ଦେଉଥିଲା । ତା'ର ବେଶଭୂଷା ତା'ର ଦାରିଦ୍ର୍ୟର ସୂଚନା ଦେଉଥିଲା । ଏଠାରେ ଘନର ବିସ୍ତୃତ ପରିଚୟ ଦେବାର ଆବଶ୍ୟକ ମନେ କରୁଛି । ଘନ ଏକ ଦଳିତ ସମ୍ପ୍ରଦାୟରୁ ଆସିଥିଲା । ମଲ୍ଲଗଡ଼ରୁ ଦେଢ଼ ମାଇଲ ଦୂରରେ ଥିଲା ତା'ର ବସ୍ତି । ବସ୍ତିର ସମସ୍ତେ ଥିଲେ ଭୂମିହୀନ । ଦିନ ମଜୁରିଆ । କୂଅ ପୋଖରୀ ଖୋଳା ଓ ଅନ୍ୟ ପ୍ରକାର ମାଟି କାମରେ କାମ କରି ସେମାନେ ଯାହା ମଜୁରି ପାଉଥିଲେ ସେଥିରେ ଗୁଜୁରାଣ ମେଣ୍ଟଉଥିଲେ । ନିଜର ସମ୍ପତ୍ତି ବୋଇଲେ କେବଳ ଭିଟାମାଟି ଘରଡ଼ିହ ଖଣ୍ଡକ । କାମ ନ ମିଳିଲେ ଜଙ୍ଗଲରୁ କନ୍ଦା ଓ ଫଳମୂଳ ଆଣି ବଡ଼ କଷ୍ଟରେ ଚଳୁଥିଲେ । କହିବାକୁ ଗଲେ ସେମାନେ ସମସ୍ତେ ଥିଲେ ସୁଖିବାସୀ । ଭୌତିକ ସମ୍ପତ୍ତି ନ ଥିଲା, ନିଜର ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଚାଳନାରୁ ନିର୍ଗତ ଉର୍ଜାରେ ସେମାନେ କଠିନ ପରିଶ୍ରମ କରି ଦୈନିକ ମଜୁରି ରୋଜଗାର କରୁଥିଲେ । ଘନର ବାପାର ଗଙ୍ଗା ସଗରିଆ ଦଳିତ ବସ୍ତି ଟିଙ୍ଗରାପଡ଼ାର ଅନ୍ୟମାନଙ୍କଠାରୁ ଟିକେ ଅଲଗା ଥିଲା । ସେ ମାଟି କାମ ନ କରି ହସ୍ତଚାଳିତ କରତରେ ବିରାଟ କାଠଗଣ୍ଡିମାନଙ୍କୁ ଚିରି ଆବଶ୍ୟକ ସାଇଜ୍‌ର ପଟା ବାହାର କରୁଥିଲା । ମହାନଦୀର ଆରପଟକୁ ଯାଇ ବୁଧଗଡ଼ରେ ଦୁଇବର୍ଷ ରହି କରତରେ କାଠଗଣ୍ଡିକୁ ଚିରି ପଟା ବାହାର କରିବାର କୌଶଳ ଶିଖିଥିଲା । ବୁଧଗଡ଼ ବି ଏକ ଦେଶୀୟ ଗଡ଼ଜାତ ଥିଲା । ସେଠିକାର ତିଲକ୍‌ରାମ ସେଠ୍‌ର ଏକ କାଠ ଗୋଦାମ ଥିଲା । ରାଜାଙ୍କ ଠାରୁ ଗୋଟିଏ ଜଙ୍ଗଲର ପାଞ୍ଚବର୍ଷିଆ ଲିଜ୍ ନେଇ ପୁରୁଣା ଶାଳ, ପିଆଶାଳ, ତେନ୍ତରା, ଅସନ, ଧରୁଆ ଆଦି ଗଛ କଟେଇ ନିଜ ଗୋଦାମ୍‌କୁ ତିଲକ୍ ସେଠ୍ ଆଣି ଜମା କରୁଥିଲା । ଯେଉଁ ସମୟର କଥନ ବର୍ଣ୍ଣନା ହେଉଛି ସେତେବେଳେ ବୁଧଗଡ଼ ଅବା ମଲ୍ଲଗଡ଼ରେ ଯନ୍ତ୍ରଚାଳିତ କରତ କଳ ନ ଥିଲା । ଆବଶ୍ୟକ ସଂଖ୍ୟକ ବିଭିନ୍ନ ସାଇଜ୍ ପଟାର ବରାଦ ପାଇ କରତିଆମାନଙ୍କ ଦ୍ୱାରା ମୋଟା କାଠଗଣ୍ଡିମାନ ହସ୍ତଚାଳିତ କରତରେ ଚିରେଇ ସାଇଜ୍ ପଟା ବାହାର କରାଯାଉଥିଲା । କରତ ଥିବା କାଠର ପ୍ରକାର ଓ ପଟାମାନଙ୍କର ସାଇଜ୍ ଓ ସଂଖ୍ୟାକୁ ହିସାବ କରି କରତିଆମାନଙ୍କୁ ମଜୁରି ମିଳୁଥିଲା । କହିବା ଅନାବଶ୍ୟକ ଯେ ମାଟି କାମରୁ ମିଳୁଥିବା ମଜୁରି ଅପେକ୍ଷା ଏହା ଯଥେଷ୍ଟ ଅଧିକ ଥିଲା । ଗୋଟିଏ କାଠଗଣ୍ଡିକୁ କରତିବା ପାଇଁ ଦୁଇଜଣ କରତିଆ ଦରକାର ପଡୁଥିଲେ । ବହ୍ଲାଗୁଡ଼ିକ ଦ୍ୱାରା କାଠଗଣ୍ଡିକୁ ଷାଠିଏ ଡିଗ୍ରୀ କୋଣିଆ ଠିଆ କରାହେଉଥିଲା । ଜଣେ କରତିଆ କାଠଗଣ୍ଡି ଉପରେ ଚଢ଼ି କରତ ଚଳାଉଥିବା ବେଳେ ଆରଜଣକ ତଳେ ଠିଆ ହୋଇ କରତକୁ ଉପରକୁ ଠେଲୁଥିଲା । ଉପରେ ଠିଆହୋଇ କରତ ଚଳାଉଥିବା କରତିଆର ଦାୟିତ୍ୱ ଓ ସାମ୍ଭାବ୍ୟ ଆପଦ ବେଶୀ ଥିଲା, କାରଣ ତଳକୁ ଚାହିଁ ବଳ ଖଟେଇ କରତ ଚଳେଇବା ବେଳକୁ ମୁଣ୍ଡ ବୁଲେଇଥାଏ ଓ ପଡ଼ିଯିବାର ସମ୍ଭାବନା ଥାଏ । ଗଙ୍ଗା ସବୁବେଳେ ଉପର ମୁଣ୍ଡରେ ଠିଆ ହୋଇ କରତ ଚଳଉଥିଲା । ଗଙ୍ଗା ଓ ତା'ର ପୁତୁରା ଅଷାଢୁ ନିର୍ଦ୍ଦିଷ୍ଟ ସମୟ ଭିତରେ ଅନ୍ୟ କରତିଆମାନଙ୍କ ତୁଳନାରେ ପ୍ରାୟ ଦୁଇଗୁଣା ପଟା ଚିରି ବାହାର କରିପାରୁଥିଲେ । ସେ ଅନୁସାରେ ଗଙ୍ଗାର ପାଉଣା ବି ଅଧିକା ଥିଲା । ତିଲକ୍ ସେଠ୍ ସେମାନଙ୍କ ଉପରେ ବହୁତ ଖୁସି ଥିଲା । ରୋଜଗାର ଟଙ୍କାରୁ ବଡ଼ଭାଗ ତିଲକ ସେଠ୍ ପାଖରେ ଜମା ରଖି ଅଳ୍ପଭାଗ ପୁତୁରା ଅଷାଢୁ ହାତରେ ତା'ର ସ୍ତ୍ରୀ ଜେମା ପାଖକୁ ପଠଉଥିଲା । ଜେମା ସେଇ ଅଳ୍ପ ପଇସାରେ ଘରର ଗୁଜୁରାଣ ମେଣ୍ଟାଇବା ସମ୍ଭବ ନ ଥିବାରୁ ନିଜେ କୁଲି ଭୂତି କରି ଯାହା ପାଉଥିଲା ସେଥିରେ ଘର ଚଳଉଥିଲା । ରୋଜଗାରରୁ ବଡ଼ଭାଗ ତିଲକ ସେଠ୍ ପାଖରେ ଜମା କରି ଦୁଇବର୍ଷ ପରେ ସେ ଜମା କରିଥିବା ପଇସାରେ ତା' ପାଇଁ ନୂଆ କରତଟିଏ କିଣିଦେବା ପାଇଁ କହିଲାରୁ ସେଠ୍ ରାଇପୁରରୁ ଭଲ କମ୍ପାନୀର ନୂଆ କରତଟିଏ ମଗେଇ ଗଙ୍ଗାକୁ ଦେଲା । ତିଲକ୍ ସେଠ୍ ଠାରୁ ମେଲାଣି ନେଇ ଗଙ୍ଗା ମଲ୍ଲଗଡ଼ର ନିଜ ବସ୍ତି ଟିଙ୍ଗ୍‌ରାପଡ଼ାକୁ ଫେରିଲା । ନିଜର କରତ ଥିଲେ କରତର ଭଡ଼ା ସହ ନିଜର ଶ୍ରମର ମଜୁରିକୁ ମିଶେଇ ଭଲ ରୋଜଗାର ହେବ ।

ଗଙ୍ଗା ପରି ଟିଙ୍ଗରାପଡ଼ା ଦଳିତ ବସ୍ତିର ଅନ୍ୟମାନେ ଅଶିକ୍ଷିତ ଥିଲେ । ତେଣୁ ସରକାରି କାଗଜ ବା କୌଣସି ଦଲିଲରେ ଟିପ ଚିହ୍ନ ଦେବା ଛଡ଼ା ସେମାନଙ୍କର ବିକଳ୍ପ ନ ଥିଲା । ଗଙ୍ଗାର ବହୁତ ଇଚ୍ଛା ଥିଲା ଯେ ସେ ତା ପୁଅକୁ ପାଠ ପଢ଼େଇବ ଓ ଅତିକମ୍‌ରେ ସାତ କ୍ଲାସ୍ ଯାଏ ପଢ଼େଇ ଶିକ୍ଷିତ କରେଇବ । ଘନର ବୟସ ନଅ ପୂରି ସାରିଥିଲେ ବି ଗଙ୍ଗା ତା ସ୍ତ୍ରୀ ଜେମାକୁ ବୁଝେଇଲା ଯେ ପୁଅକୁ ମଲ୍ଲଗଡ଼ ସହରର ଟାଉନ୍ ପ୍ରାଇମେରୀ ସ୍କୁଲରେ ନାଁ ଲେଖେଇବା । ଗଙ୍ଗାର କଥା ଶୁଣି ଜେମା ହସିଲା । ମଲ୍ଲଗଡ଼ିଆ ଭାଷାରେ କହିଲା "ପିଲାକେ ଆଉ ଦୁଇ ବଛର୍‌ରେ ବାର କି ତେର ବରଷ ହେବା । ଜବାନ୍ ଭେଣ୍ଡିଆ ପୁଅର ଲାଗି ଟୁକେଲ୍ ଗୁଟେ ନାଇଁ ଖୁଜି କରି ପାଠ ପଢ଼େଇବାର ଲାଗି ଇତାଙ୍କର ମନ୍ ହେଉଚେ । ଇତାଙ୍କର ବିଚାର କେ ଦେଖି ତ ଗ ପଡ଼ାର ଲୋକ୍‌ମାନେ ।" ଜେମା ଜୋର୍‌ରେ ହସି ଏଇ କଥା ପଦକ କହିଲା ବେଳେ ତା ମୁହଁକୁ ହାତରେ ଚାପି ଗଙ୍ଗା ଚୁପ୍ ହେବାକୁ କହେ । ଜେମାକୁ ବୁଝାଏ ଯେ ଘନ ପାଠ ପଢ଼ି ମଣିଷ ହେଲେ ପଢୁଆ ଆଖିରେ ସଂସାରକୁ ଦେଖିବ, ଦୁନିଆଁର କଥା ଜାଣିପାରିବ, ପଡ଼ାର ଅନ୍ୟମାନଙ୍କୁ ବି ପାଠ ପଢ଼ିବା ପାଇଁ ମନେଇବ । ସ୍କୁଲରେ ପାଠ ପଢ଼ିବା ପାଇଁ ତ ପଇସା ଖର୍ଚ୍ଚ କରିବାକୁ ପଡୁନାହିଁ । ଦଳିତ ପଡ଼ା ଟିଙ୍ଗ୍‌ରାଗୁଡ଼ାର ଚେହେରା ବଦଳିଯିବ । ବହୁତ ବୁଝେଇବା ପରେ ଜେମା ଶେଷରେ ରାଜି ହେଲା ।

ନିର୍ଦ୍ଧାରିତ ଦିନ ଟାଉନ୍ ପ୍ରାଇମେରୀ ସ୍କୁଲର ପ୍ରଧାନ ଗୁରୁଜୀ ମାଗୁଣି ମାଷ୍ଟ୍ରଙ୍କ ପାଖକୁ ଗଲା । ଖଣ୍ଡେ ଦୂରରେ ଠିଆ ହୋଇ ଜୁହାର କଲା ଓ ଘନର ନାଁ ଶିଶୁ ଶ୍ରେଣୀରେ ଲେଖେଇବା ପାଇଁ ଆକୁଳ ଭାବେ କହି ଭୂଇଁରେ ମୁଣ୍ଡିଆ ମାଇଲା; ବାପାର କରିବାର ଅନୁସାରେ ଘନ ବି ମୁଣ୍ଡିଆ ମାଇଲା । ଗଙ୍ଗାର କଥା ଶୁଣି ମାଗୁଣି ପଣ୍ଡିତେ କିଛି ସମୟ ବାପ, ପୁଅ ଆଡ଼କୁ ଚାହିଁଲେ, ତାପରେ ହସିଲେ । କହିଲେ "ହଇରେ ଗଙ୍ଗା, ତୋର ପିଲାର ବୟସ କେତେ ହେଲାଣି ଜାଣିଲୁଣି ତ; ଭେଣ୍ଡା ବୟସର ପିଲାକୁ ଶିଶୁ ଶ୍ରେଣୀରେ ଛୋଟ ପିଲାଙ୍କ ସାଙ୍ଗରେ ପଢ଼େଇବୁ । ତମ ଦଳିତ ବସ୍ତିରୁ କେତେଜଣ ପାଠ ପଢ଼ିଲେଣି ଯେ ତୁ ଏତେ ବଡ଼ ପିଲାଟାକୁ ପାଠ ପଢ଼େଇବୁ ବୋଲି ମନ କରିଛୁ । ଶ୍ରେଣୀରେ ତାକୁ ଛୁଇଁଲେ ଅନ୍ୟମାନେ ଛୁଆଁ ହେବେ । ତୋର ତ ସାହସ କମ୍ ନୁହେଁ ରେ ।" ଗଙ୍ଗା ତା'ର ଗାମୁଛା ଗଣ୍ଠିଲିରୁ ଦୁଇ ତମ୍ବି ଚାଉଳ । ସୁସ୍ୱାଦୁ ଜଙ୍ଗଲି କନ୍ଦା ଓ ଚାରିଅଣା ପଇସା ଶାଳ ପତ୍ର ଖଲି ଉପରେ ରଖିଲା । ଗଙ୍ଗା ଆଣିଥିବା ଜିନଷକୁ ଦେଖି ମାଗୁଣି ପଣ୍ଡିତଙ୍କର ମନ ହୁଏତ ବଦଳିଲା । ତଥାପି ଛୁଆଁ ଅଛୁଆଁ କଥାକୁ ନେଇ ମନ ତାଙ୍କର ଅସ୍ଥିର ହେଉଥାଏ ।

ଘନର ଶ୍ରେଣୀ ଶିକ୍ଷକ ଥିଲେ ଈଶ୍ୱର ତ୍ରିପାଠୀ । ଶିଶୁ ଶ୍ରେଣୀରେ ପିଲାମାନଙ୍କୁ ଅକ୍ଷର ଶିକ୍ଷା ଦିଆଯାଉଥିଲା କାନ୍ଥର କଳାପଟାରେ ବଡ଼ ଆକାରରେ 'ଅ', 'କ' ଆଦି ବର୍ଣ୍ଣ ଲେଖି ପିଲାମାନଙ୍କୁ ତା ଆନୁସାରେ ସେଇପରି ନିଜର ସିଲେଟ୍‌ରେ ଖଡ଼ି ବୁଲେଇ ଲେଖିବାକୁ ଶ୍ରେଣୀ ଗୁରୁଜୀ କହୁଥିଲେ । ଶିଶୁ ଶ୍ରେଣୀର ଶିକ୍ଷାବର୍ଷ ଶେଷ ହେବାକୁ ବସିଲା, ହେଲେ ଘନ ଗୋଟିଏ ବି ଅକ୍ଷର ଠିକ୍‌ରେ ଲେଖି ପାରିଲା ନାହିଁ । ସିଲଟରେ ଖଡ଼ି ବୁଲେଇ ଅକ୍ଷର ଲେଖିଲା ବେଳେ ଘନ ଗୋଟିଏ ବି ବର୍ଣ୍ଣ ଠିକ୍‌ରେ ଲେଖିପାରିଲା ନାହିଁ । ସିଲଟ୍‌ରେ ଖଡ଼ି ବୁଲେଇ ଲେଖିଲା ବେଳେ ଘନ ବିଚିତ୍ର ଭାବେ ଅବୋଧ ରେଖାଗୁଡ଼ିଏ ସୃଷ୍ଟି କରେ । କଳାପଟାରେ ଲେଖା ହୋଇଥିବା ଗୋଟିଏ ବି ଅକ୍ଷର ଘନ ସିଲଟ୍‌ରେ ଲେଖି ପାରିଲା ନାହିଁ । କିନ୍ତୁ ବୟସରେ କନିଷ୍ଠ ଥିବା ଶିଶୁ ଶ୍ରେଣୀର ଅନ୍ୟ ସହପାଠୀମାନଙ୍କୁ ଅନ୍ୟ ପ୍ରକାରେ ସାହାଯ୍ୟ କରିବାରେ ଘନ ଧୂରନ୍ଧର ଥିଲା । ଶିଶୁ ଶ୍ରେଣୀରେ ପ୍ରାଥମିକ ଗଣିତ ଶିକ୍ଷା ଦେବାପାଇଁ ଶ୍ରେଣୀ ଗୁରୁଜୀ ପ୍ରତ୍ୟେକ ପିଲାକୁ ଛୋଟ ବାଉଁଶ କାଠି ଦଶଟିରେ ଗୋଟିଏ ବିଡ଼ା କରି ଦଶବିଡ଼ା କାଠି ଓ ବିଡ଼ା ବନ୍ଧା ନ ହୋଇଥିବା ଆଉ ଦଶଟି କାଠି ଆଣିବା ପାଇଁ କହନ୍ତି । ଗୋଟିଏ ବିଡ଼ାରେ ଦଶଟି କାଠି, ଦୁଇଟି ବିଡ଼ାରେ କୋଡ଼ିଏ, ଦୁଇ ବିଡ଼ା ଓ ପାଞ୍ଚଟି କାଠି ମିଶେଇଲେ ପଚିଶ, ଏପରି ଭାବେ ସଂଖ୍ୟା ଗଣିବାର ଶିକ୍ଷା ଦିଆଯାଉଥିଲା । ସବୁ ପିଲା ଠିକ୍ ସମୟରେ ବାଉଁଶ କାଠି ବିଡ଼ା ଘରେ ତିଆରି କରି ଆଣି ପାରୁ ନ ଥିଲେ । ସେଥିପାଇଁ ଶ୍ରେଣୀ ଗୁରୁଜୀଙ୍କ ଠାରୁ ଗାଳି ଖାଉଥିଲେ । ଏ କଥା ଘନକୁ ବାଧିଲା । ଦିନେ ସ୍କୁଲରୁ ଫେରି ତାକୁ ମିଶେଇ ଶ୍ରେଣୀର କୋଡ଼ିଏ ଜଣ ପୁଅ, ଝିଅ ମାନଙ୍କ ପାଇଁ ଦଶ ବାଉଁଶ କାଠିର ଦଶ ବିଡ଼ା ଓ ଖୋଲା ଦଶ କାଠି ତିଆରି କଲା । ତା ପରଦିନ ଶ୍ରେଣୀର ସବୁ ପିଲାଙ୍କୁ ଦେଲା । ପିଲାମାନେ ବହୁତ ଖୁସି ହେଲେ । ସେ ସେଇ ଦିନରୁ ତାକୁ ଆଉ ଘନ ନାଁରେ ନଡ଼ା କି ଘନ ଦାଦା (ବଡ଼ଭାଇ) ବୋଲି ଡାକିଲେ । ଏକା ବେଳେ ସବୁ ପିଲାମାନଙ୍କ ପାଖରେ ବାଉଁଶ କାଠିର ବିଡ଼ା ଦେଖି ଶ୍ରେଣୀ ଗୁରୁଜୀ ଖୁସି ହେଲ, ଆଶ୍ଚର୍ଯ୍ୟ ବି ହେଲେ । କାଲି ତ କାହାରି ପାଖରେ ବାଉଁଶ କାଠି ବିଡ଼ା ନ ଥିଲା, ଆଜି କେମିତି ସମସ୍ତଙ୍କ ପାଖକୁ ଆସିଲା ବୋଲି ପଚାରିଲାରୁ ଆମେ ସମସ୍ତେ ଘନ ଦାଦା ଆଡ଼େ ଚାହିଁ ମୁରୁକି ହସା ଦେଲୁ । ଈଶ୍ୱର ସାର୍ ବୁଝିଗଲେ । ଘନକୁ ଛିଡ଼ା ହେବା ପାଇଁ କହିଲେ । ଘନ କହିଲା ଯେ ଆଗରୁ ଜଙ୍ଗଲରୁ ବାଉଁଶ କାଟି ଘରେ ରଖିଥିଲା । ବେଳବୁଡ଼ାରୁ ବାଉଁଶଟାକୁ ଚିରି ସିଅଳି ସୂତାରେ ଗୁଡ଼େଇ ବିଡ଼ା ତିଆରି କଲା । ରାତି ଦୁଇଘଡ଼ି ଯାଏ ସେ ଓ ତା ବାପା ମିଶି ସବୁ ପିଲାଙ୍କ ପାଇଁ କାଠି ବିଡ଼ା ତିଆରି କରିଦେଲୁ ବୋଲି କହିଲା । ତା କଥା ଶୁଣି ଈଶ୍ୱର ଗୁରୁଜୀ କହିଲେ, ଠିକ୍ ଗଣିକରି କୋଡ଼ିଏ ପିଲାଙ୍କ ପାଇଁ ବି ଦଶଟିକିଆ କାଠିରେ ଦୁଇଶ ବିଡ଼ା ବାଉଁଶ କାଠି ରାତିକ ଭିତରେ କରିଦେଲୁ, ଅକ୍ଷର ଶିଖି ପାରୁନାହୁଁ କାହିଁକି ? କିଛି ନ କହି ଘନ ତଳକୁ ଚାହିଁ ରହିଲା ।

ସଞ୍ଜୀବ ଚନ୍ଦ୍ର ହୋତା
ବି.ଜେ.୨୦, ବି.ଜେ.ବି. ନଗର,
ଭୁବନେଶ୍ୱର
ମୋ.- ୯୯୩୭୦୧୧୨୨୧






# ଚଳିତ ମେଟ୍ରିକ ପରୀକ୍ଷା ପାଇଁ ଚାଲିଛି ପ୍ରସ୍ତୁତି
# ଟାଙ୍ଗୀ-ଚୌଦ୍ୱାର ବ୍ଲକରୁ ୨୬୦୩ ପରୀକ୍ଷାର୍ଥୀ



**ଚୌଦ୍ୱାର(ଏନ୍.ଏମ୍.):** ଚଳିତ ବର୍ଷ ଫେବୃୟାରୀ ୧୯ତାରିଖରେ ଆରମ୍ଭ ହେବ ୧୦ମ ଶ୍ରେଣୀ ବୋର୍ଡ଼ ପରୀକ୍ଷା। ଏଥିପାଇଁ ଏବେ ସମସ୍ତ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତି ଜୋରଦାର କରାଯାଉଛି। ସମସ୍ତ ସ୍କୁଲରେ ପାଶ ହାର ଶତପ୍ରତିଶତ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବା ଦେଖିବାକୁ ମିଳିଛି। ଏହି ପରୀକ୍ଷା କେବଳ ପରୀକ୍ଷାର୍ଥୀ କାହିଁକି ସ୍କୁଲ ମାନଙ୍କ ପାଇଁ ମଧ୍ୟ ଏକ ଚାଲେଞ୍ଜ। ଏହି ପରୀକ୍ଷାରେ କେଉଁ ସ୍କୁଲ କେତେପିଲାଙ୍କୁ ପାସ ଦେଇ ପାରୁଛି ଏବଂ କେତେ ପିଲା ଏ-୧, ଏ-୨, ବି-୧ ବି-୨ ଦେଇପାରିବେ ସେ ନେଇ ମଧ୍ୟ ସ୍କୁଲମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଛି। କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ମଧ୍ୟରେ ଏହି ପ୍ରତିଯୋଗିତା ଯୋରଦାର ଚାଲିଥିବା ଦେଖିବାକୁ ମିଳିଛି। ବିଗତ ବର୍ଷ ମାନଙ୍କରେ ଯେଭଳି ବହୁ ସରକାରୀ ସ୍କୁଲ ଶତ ପ୍ରତିଶତ ପାସ ହାର ରଖିଥିଲା ଚଳିତ ବର୍ଷ ମଧ୍ୟ ସେହିଭଳି ଧାରା ବଜାୟ ରଖିବା ପାଇଁ ଶିକ୍ଷକମାନେ ଲାଗିପଡ଼ିଛନ୍ତି। ଛାତ୍ରଛାତ୍ରୀଙ୍କ ସନ୍ଦେହ ମୋଚନ ନିମନ୍ତେ ଅତିରିକ୍ତ କ୍ଲାସ ସହିତ ଡାଉଟ କ୍ଲିୟର ନିମନ୍ତେ ଭିଡ଼ିଓ କନଫରେନ୍ସିରେ ପାଠପଢ଼ା ଯାଉଥିବା ଦେଖିବାକୁ ମିଳିଛି। ସେହିଭଳି ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ମଧ୍ୟ ନିଜଆଡ଼ୁ ପ୍ରସ୍ତୁତି ଚଳାଇଛନ୍ତି। କେଉଁ ଶିକ୍ଷକଙ୍କ ନିକଟରେ କେଉଁ ବିଷୟ ପାଇଁ ଟ୍ୟୁସନ ଦେଲେ ପିଲା ଭଲ ବୁଝିପାରିବ ଏବଂ ଭଲ ନମ୍ବର ରଖିବ ସେହିଠାରେ ଟ୍ୟୁସନ ଦେବା ପାଇଁ ଅଭିଭାବକଙ୍କ ପ୍ରତିଯୋଗିତା ମଧ୍ୟ ଚାଲିଛି। ଚଳିତ ବର୍ଷ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୩୯ଟି ସ୍କୁଲର ଛାତ୍ରଛାତ୍ରୀ ମେଟ୍ରିକ ପରୀକ୍ଷା ଦେବେ। ଏଥିପାଇଁ ୧୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ସେହିଭଳି କଳିଙ୍ଗ ବିଦ୍ୟାପୀଠକୁ ନୋଡାଲ ସେଣ୍ଟର କରାଯାଇଛି। ସମସ୍ତ ପରୀକ୍ଷାକେନ୍ଦ୍ରର ପ୍ରଶ୍ନ ପତ୍ର ଏହି ସ୍କୁଲରେ କଡ଼ା ସୁରକ୍ଷା ବଳୟ ଭିତରେ ରହିବ। ଏହି ବ୍ଲକରୁ ଚଳିତ ବର୍ଷ ୨୬୦୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୁରଣ କରିଛନ୍ତି। ଚଳିତ ବର୍ଷ କଟକ ଜିଲ୍ଲା କିଭଳି ଭଲ ରେଜଲ୍ଟ କରିବ ସେଥିପାଇଁ ଜିଲ୍ଲାପାଳ ମିଶନ ମେରିଟ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମିଶନରେ ଛାତ୍ରଛାତ୍ରୀମାନେ କିଭଳି ଭଲ ରେଜଲ୍ଟ କରିବେ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସବୁ ସ୍କୁଲରେ ବଛାବଛା ପିଲାମାନଙ୍କୁ ନେଇ ସେମାନେ କିଭଳି ଏ-୧ ପାଇବେ ସେଥିପାଇଁ ଅତିରିକ୍ତ କ୍ଲାସ ଦିଆଯିବା ସହ, ପରୀକ୍ଷା ଦର୍ପଣ ଭଳି ସମ୍ଭାବ୍ୟ ପ୍ରଶ୍ନୋତ୍ତର ଜରିଆରେ ସେମାନଙ୍କୁ ପ୍ରସ୍ତୁତ କରାଯାଇଛି। ଗତ ବର୍ଷ ୩୯ଜଣ ଛାତ୍ରଛାତ୍ରୀ ଏ-୧ ପାଇଥିବାବେଳେ ଚଳିତ ବର୍ଷ ୧୦୦ଜଣ ଛାତ୍ରଛାତ୍ରୀ ଏ-୧ ପାଇବାର ଆଶା କରାଯାଉଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକ ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନେ ପରୀକ୍ଷାକୁ ଏକପ୍ରକାର ଚାପ ନଭାବି ସୁସ୍ଥ ମସ୍ତିସ୍କରେ ପ୍ରଶ୍ନକୁ ବୁଝି ଉତ୍ତର ଲେଖିବା ପାଇଁ ବରିଷ୍ଟ ଶିକ୍ଷକ ମେଘମାଳା ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ପତି ଓ ହରେକୃଷ୍ଣ ସାହୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

# ଚୌଦ୍ୱାର ଜେଲ ଅଧିକ୍ଷକଙ୍କ ବିରୋଧରେ ସଂଗୀନ ଅଭିଯୋଗ
# କଏଦୀଙ୍କ ଗହଣା ଗାଏବ ନେଇ ଥାନାରେ ଏତଲା

**ଚୌଦ୍ୱାର(ଏନ୍.ଏମ୍.):** ଏବେ ଚର୍ଚ୍ଚାରେ ରହିଛି ଚୌଦ୍ୱାର ମଣ୍ଡଳ କାରାଗାର। ଏହି କାରାଗାରରେ ସବୁକିଛି ଠିକ୍‌ଠାକ ଚାଲୁନଥିବା ଅଭିଯୋଗ ହୋଇଛି। କେତେବେଳେ କଏଦୀ ଆତ୍ମହତ୍ୟା କରି ପକାଉଛି ତ ଆଉ କେତେବେଳେ ଜେଲର ସୁଉଚ୍ଚ ପାଚେରୀ ଡେଇ କଏଦୀ ଫେରାର ହୋଇ ଯାଉଛି। ତେବେ ଏହି ଜେଲରେ ବିଭିନ୍ନ ଅନିୟମିତତା ଚାଲିଥିବାବେଳେ ଏବେ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ କାଦୁଅ ଫିଙ୍ଗା ରାଜନୀତି ଚାଲିଛି। ଏହି ସବୁ ଭିତରେ ଜଣେ ମହିଳା ବନ୍ଦୀଙ୍କ ଠାରୁ ଜେଲରେ ଜମା ରଖାଯାଇଥିବା ସୁନା ଗହଣା ଗାଏବ ହୋଇ ଯିବା ଘଟଣା ସମ୍ପୂର୍ଣ୍ଣ କାରାଗାରର ଅଧିକାରୀଙ୍କ ଦାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଉକ୍ତ ମହିଳାଜଣକ ଏ ନେଇ ଚୌଦ୍ୱାର ଥାନାରେ ଏତଲା ଦେବା ସହ ଜେଲ ଅଧିକ୍ଷକଙ୍କ ଚକ୍ରାନ୍ତ ବିଷୟରେ ଯାହା କହିଛନ୍ତି ତାହା ସମସ୍ତଙ୍କୁ ଚକିତ କରିଛି। ଜେଲ ସୁପରିଣ୍ଟେଣ୍ଡଣ୍ଟ ଏଭଳି ହୀନ କାର୍ଯ୍ୟ କରି ପାରନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।



ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲ୍ଲା ମାହାଙ୍ଗା ଥାନା ଶୁକ୍ଳେଶ୍ୱର ଗ୍ରାମର ଇତିଶ୍ରୀ ମହାନ୍ତି ଏକ ମାମଲାରେ ୨୦୨୫ ମସିହା ସେପ୍ଟେମ୍ବର ୨୨ତାରିଖ ଦିନ ଗିରଫ ହୋଇ ୨୩ ତାରିଖ ଦିନ ଚୌଦ୍ୱାର ଜେଲକୁ ଆସିଥିଲେ। ସେଠାରେ ସିସିଟିଭି କ୍ୟାମେରା ସମ୍ମୁଖରେ ଜେଲ କର୍ମଚାରୀମାନେ ତାଙ୍କ ଠାରୁ ପିନ୍ଧିଥିବା ୬ଗ୍ରାମ ଓଜନର ସୁନା କାନର ହଳେ, ୫ଗ୍ରାମ ଓଜର ଏକ ସୁନା ମୁଦି ଏବଂ ଏକ ନାକ ଗୁଣା କାଢ଼ି ନେଇଥିଲେ। ତାହାକୁ ଏକ ମାଟିଆ ରଙ୍ଗର ଖାମ ଭିତରେ ରହି ତା' ଉପରେ ଇତିଶ୍ରୀଙ୍କ ଦସ୍ତଖତ କରାଇଥିଲେ। ଏହାପରେ ଇତିଶ୍ରୀ ୩ମାସ ବିଚାର ବିଭାଗୀୟ ହାଜତରେ ରହିବା ପରେ ୨୦୨୫ ମସିହା ଡିସେମ୍ବର ୨୩ ତାରିଖରେ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ତେବେ ମୁକୁଳିବା ସମୟରେ ଇତିଶ୍ରୀ ଜେଲରଙ୍କୁ ତାହା ଜମା ଥିବା ଗହଣା ମାଗିଥିଲେ। ମାତ୍ର ସେ ଦୀର୍ଘ ୨ଘଣ୍ଟା ୪୫ ମିନିଟ ଇତିଶ୍ରୀଙ୍କୁ ଅପେକ୍ଷା କରାଇ ଗହଣା ଖୋଜା ଖୋଜି କରି ଶେଷରେ ଗହଣା ମିଳୁନି ବୋଲି କହିଥିଲେ। ଏଥି ସହିତ ୨ରୁ ୩ଦିନ ପରେ ଆସିବା ପାଇଁ କହିଥିଲେ। ଏହାପରେ ଇତିଶ୍ରୀ ଏକାଧିକ ବାର ଜେଲକୁ ଆସି ତାଙ୍କ ଗହଣା ମାଗିଥିଲେ ମଧ୍ୟ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଗହଣା ଦେଇନଥିଲେ। ଏହାପରେ ଗତ ଜାନୁଆରୀ ୭ତାରିଖ ଦିନ ଇତିଶ୍ରୀ ଜେଲ ସୁପରିଣ୍ଟେଣ୍ଡଣ୍ଟ ସୁଜିତ ରାଉଳଙ୍କୁ ଭେଟି ଏ ବିଷୟରେ କହିଥିଲେ। ମାତ୍ର ଶ୍ରୀ ରାଉଳ ତାଙ୍କୁ ୧୦ଦିନ ସମୟ ମାଗିଥିଲେ। ୧୦ଦିନ ପରେ ଇତିଶ୍ରୀ ଫୋନ କରିବାପରେ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ରାଉଳ ଅଳଙ୍କାର ଫେରାଇବା ପରିବର୍ତ୍ତେ ପୂର୍ବତନ ଜେଲରଙ୍କ ନାମରେ ମାମଲା କରିବାକୁ ପ୍ରବର୍ତ୍ତାଇଥିଲେ। ପୂର୍ବତନ ଜେଲର ସନ୍ତୋଷିନୀ ଦାସଙ୍କ ନାମରେ ଥାନାରେ ଏତଲା କଲେ କିଛି ଟଙ୍କା ମଧ୍ୟ ଦେବେ ବୋଲି ସେ ଲୋଭ ଦେଖାଇଥିଲେ। ମାତ୍ର ଇତିଶ୍ରୀ ଏନେଇ ସ୍ପଷ୍ଟ ମନା କରିଦେବା ସହ ଜେଲରେ ସିସିଟିଭି ସମ୍ମୁଖରେ ତାଙ୍କ ଠାରୁ ନେଇଥିବା ସମସ୍ତ ଗହଣା ଫେରାଇବାକୁ ସେ ଦାବି କରିବା ସହ ଶ୍ରୀ ରାଉଳଙ୍କ ନାମରେ ଏତଲା କରିଥିବା ଜଣାପଡ଼ିଛି। ଏନେଇ ଜେଲ ଅଧିକ୍ଷକ ସୁଜିତ ରାଉଳଙ୍କୁ ଯୋଗାଯୋଗ କରିବାରେ ସେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ମିଥ୍ୟା ଏକ କପୋଳକଳ୍ପିତ। ପୂର୍ବତନ ଜେଲରଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ସମ୍ପୃକ୍ତ ମହିଳାଙ୍କୁ କେହିବି ବାଧ କରିନାହାନ୍ତି। ତେବେ ତାଙ୍କ ଅଳଙ୍କାର ଜେଲ ପକ୍ଷରୁ ରଖାଯାଇଥିଲା ଏହା ସତ୍ୟ। ସମ୍ପୃକ୍ତ ମହିଳାଜଣକ ୨୦୨୫ ମସିହା ସେପ୍ଟେମ୍ବର ୨୩ତାରିଖରେ ଜେଲକୁ ଆସିଥିଲେ। ଡିସେମ୍ବର ୨୩ତାରିଖରେ ଜେଲରୁ ମୁକୁଳିଥିଲେ। ୨୦୨୫ ଜାନୁଆରୀ ୫ତାରିଖରେ ସେ ଅଭିଯୋଗ କଲେ ତାଙ୍କ ଅଳଙ୍କାର ପାଇ ନାହାନ୍ତି ବୋଲି; ଅଭିଯୋଗ ପାଇବା ପରେ ସଂଗେ ସଂଗେ ଅନୁସନ୍ଧାନ କରାଗଲା। କିନ୍ତୁ ସେତେବେଳେ ଯିଏ ଜେଲ ଗେଟ ଦାୟିତ୍ୱରେ ଥିଲେ ସେ ଆଡମିନଷ୍ଟେସନ ଅଧିକାରୀଙ୍କ ଉପସ୍ଥିତିରେ ଅଳଙ୍କାର ଗ୍ରହଣ କରିଥିଲେ, ଏହାପରେ ଉକ୍ତ ଅଳଙ୍କାରଙ୍କୁ ପୂର୍ବତନ ଜେଲରଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର ତାଙ୍କ ବଦଳି ହେବା ପରେ ଭାଲେବଲ ପ୍ରପଟି ରେଜିଷ୍ଟରରେ ତାହାକୁ ସେ ହସ୍ତାନ୍ତର କରିନାହାନ୍ତି। କିନ୍ତୁ ଏସବୁ ଅନୁସନ୍ଧାନ ପରେ ଜଣାପଡ଼ିଲା। ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ଅଧିକ୍ଷକ ଶ୍ରୀ ରାଉଳ ପ୍ରକାଶ କରିବା ସହ ଏ ସଂକ୍ରାନ୍ତରେ ଜାନୁଆରୀ ୧୮ତାରିଖରେ ଚୌଦ୍ୱାର ଥାନାରେ ମଧ୍ୟ ରିପୋର୍ଟ କରାଯାଇଛି। ଅନ୍ୟପକ୍ଷରେ ଜେଲ ମାନୁଆଲ ଅନୁଯାୟୀ ଜେଲ ଭାଲେବଲ ପ୍ରପଟିର ଦାୟିତ୍ୱ କେବଳ ଜେଲରଙ୍କର। ଏଥିରେ ସିନିୟର ସୁପରିଣ୍ଟେଣ୍ଡଣ୍ଟଙ୍କର କୌଣସି ଦାୟିତ୍ୱ ନାହିଁ। ତାଙ୍କୁ ଏହି ଘଟଣାକୁ ଟାଣିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଶ୍ରୀ ରାଉଳ ପ୍ରକାଶ କରିଛନ୍ତି।

# ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଜାତୀୟ ପାଠଚକ୍ର




**ବ୍ରହ୍ମପୁର(ଏନ୍.ଏମ୍.):** ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ରର ଆୟୋଜନ କରାଯାଇଛି। ପାଠଚକ୍ରର ପ୍ରଥମ ଦିବସରେ ଉଦଘାଟନୀ ପର୍ବକୁ ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଉଦଘାଟନ କରିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣା ତଥା ମାର୍ଗଦର୍ଶନରେ ଆୟୋଜିତ ଏହି ପାଠଚକ୍ରର ଉଦଘାଟନୀ ପର୍ବ ପ୍ରାରମ୍ଭ ହୋଇଥିଲା ଛାତ୍ର ସୁମନ ଓ ଶକ୍ତିଙ୍କ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନରେ। ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସାମ୍ପ୍ରତିକ ବିଶ୍ୱ ସାହିତ୍ୟ ଓ ଭାରତୀୟ ସାହିତ୍ୟ ଅଦ୍ୟତମ ଧାରା ଉପରେ ଆଲୋକପାତ କରି ସଦ୍ୟତମ ପ୍ରକାଶିତ ଓଡ଼ିଆ ଗଳ୍ପ ସଂକଳନ ଓ ଉପନ୍ୟାସ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଗାଳ୍ପିକ ରବିନାରାୟଣ ପଣ୍ଡା ସାମ୍ପ୍ରତିକ କଥା ସାହିତ୍ୟରେ ଧାରା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରବନ୍ଧରେ ଏକବିଂଶ ଶତାବ୍ଦୀରେ ଘଟିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ସାହିତ୍ୟରେ ତାର ପ୍ରଭାବ ଓ ପ୍ରତିଫଳନ ସମ୍ପର୍କରେ ଆଲୋଚନା କରିଥିଲେ, ଓ ପରିବର୍ତ୍ତିତ ସମୟର ସ୍ୱରକୁ ଲକ୍ଷ୍ୟ କରିବା ଆମ ସମସ୍ତଙ୍କ ପାଇଁ ଆହ୍ୱାନ ବୋଲି କହିଥିଲେ। ବିଭାଗମୁଖ୍ୟ ଡ. ଉଷାରାଣୀ ରଥ ପାଠଚକ୍ରର ଉଦ୍ଦେଶ୍ୟ ଓ ଉପଯୋଗିତା ସମ୍ପର୍କରେ ସୂଚନା ଦେଇ ଏକବିଂଶ ଶତାବ୍ଦୀର କଥା ସାହିତ୍ୟର ନୂତନ ଭାବସ୍ୱର ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପକ ଡ. ମନୋରଞ୍ଜନ ବିଷୋୟୀ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଡ. ବନମାଳି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ବୈଷୟିକ ଅଧିବେଶନରେ ସଭାପତିତ୍ୱ କରିଥିଲେ ପ୍ରଫେସର୍ କୃଷ୍ଣଚନ୍ଦ୍ର ପ୍ରଧାନ। ଏଥିରେ ପ୍ରବନ୍ଧ ଉପସ୍ଥାପକ ଭାବେ ଯୋଗ ଦେଇଥିଲେ ଡ. ହୃଷିକେଶ ପଣ୍ଡା. ଡ. କୁଳମଣି ଓଝା, ଡ. ବନମାଳି ପାଣିଗ୍ରାହୀ ଓ ଶ୍ରୀମନ୍ତ ବେହେରା। ପାଠଚକ୍ରର ପରିଚାଳନାରେ ସହଯୋଗ କରିଥିଲେ ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ। ଏହି ଉପଲକ୍ଷେ ବିଭାଗର ପ୍ରାଚୀର ପତ୍ର 'ଶାଶ୍ୱତୀ'ର ନବବର୍ଷ ବିଶେଷାଙ୍କଟି ଅତିଥି ମାନଙ୍କ ହସ୍ତରେ ଉନ୍ମୋଚିତ ହୋଇଥିଲା ଓ ଉଲ୍ଲେଖଯୋଗ୍ୟ ଯେ ପାଠଚକ୍ରରେ ଉପସ୍ଥାପିତ ପ୍ରବନ୍ଧ ଗୁଡ଼ିକର ଏକ ସଂକଳନ 'ଏକବିଂଶ ଶତାବ୍ଦୀର ଓଡ଼ିଆ କଥା ସାହିତ୍ୟ: ବ୍ୟାପ୍ତି ଓ ଦୀପ୍ତି' ମଧ୍ୟ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶତାଧିକ ଛାତ୍ରଛାତ୍ରୀ, ଗବେଷକ ଓ ବିଭିନ୍ନ ମହାବିଦ୍ୟାଳୟର ଅଧାପକ ଓ ଅଧାପିକା ଯୋଗ ଦେଇଥିଲେ।

# ପୂର୍ଣ୍ଣ ଭାଇ ରାୟଗଡା ବିଜେଡିର ଉପସଭାପତି



**ମୁନିଗୁଡା(ଏନ୍.ଏମ୍.):** ବିଧିବଦ୍ଧ ଭାବେ ଜିଲ୍ଲାକୁ ସୁଦୃଢ କରିବା ପାଇଁ ଶଙ୍ଖ ଭବନ ନିର୍ଦ୍ଦେଶ ଅନୁସାରେ ମୁନିଗୁଡା ରାଜନୀତି ଚଳଚଞ୍ଚଳ ହୋଇ ପଡିଛି। ରାୟଗଡା ବିଜେଡିର ଉପ ସଭାପତି ଭାବରେ ପୂର୍ଣ୍ଣ ଚନ୍ଦ୍ର ଗୌଡଙ୍କୁ ଦଳ ଦାୟିତ୍ୱ ଦେବାପରେ ମୁନିଗୁଡା ରାଜନୀତିରେ ଏକ ପ୍ରକାର ଉଷ୍ମତା ଦେଖା ଦେଇଛି। ଶ୍ରୀ ଗୌଡ଼ ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୮୯ ମସିହା ଅଗଷ୍ଟ ୩୦ତାରିଖ ଭାରତ ବନ୍ଦ ଦିନ ଠାରୁ ଜନତା ଦଳରେ ସାମିଲ୍ ହୋଇଥିଲେ। ୨୦୦୨ଠାରୁ ୨୦୦୪ ପର୍ଯ୍ୟନ୍ତ ଯୁବ ବିଜୁଜନତା ଦଳରେ ସମ୍ପାଦକ ଭାବରେ, ୨୦୨୦ ଠାରୁ ୨୦୨୫ ପର୍ଯ୍ୟନ୍ତ ସାଧାରଣ ସମ୍ପାଦକ ଭାବେ ନିଜ ଦକ୍ଷତା ଦେଖାଇଛନ୍ତି। ୮ଟି ବିଧାନସଭା ଓ ୧୦ ଟି ଲୋକ ସଭା ନିର୍ବାଚନରେ ଦଳ ପାଇଁ ଗୋଟି ଚାଳନା କରି ଦଳକୁ ସୁଫଳ କରାଇ, ଶ୍ରୀ ଗୌଡ଼ ମୁନିଗୁଡା ଅଞ୍ଚଳରେ ବିଜୁଜନତାଦଳର ଚାଣକ୍ୟ ଭାବେ ବେଶ ପରିଚିତ। ବର୍ତ୍ତମାନ ଦଳୟ ସୁପ୍ରିମ ନବୀନ ପଟ୍ଟନାୟକ ଶ୍ରୀ ଗୌଡ଼କୁ ରାୟଗଡା ଜିଲ୍ଲାର ବିଜେଡି ଉପ ସଭାପତି ଭାବେ ଦାୟିତ୍ୱ ଦେବାପରେ ଶ୍ରୀ ଗୌଡ଼ଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ଶ୍ରୀ ଗୌଡ଼ କହିଛନ୍ତି ଦଳ ଯାହା ଦାୟିତ୍ୱ ଦେବ ତାକୁ ସୁଚାରୁ ରୁପେ ତୁଲାଇବେ।

# ୯୬ ଜଣ ନିର୍ମାଣ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ କଲ୍ୟାଣ ଯୋଜନା
# ୧ କୋଟି, ୪୬ ଲକ୍ଷ ୨୦ ହଜାର ମୃତ୍ୟୁକାଳୀନ ଆର୍ଥିକ ସହାୟତା




**ଯାଜପୁର(ଏନ୍.ଏମ୍.):** ରାଜ୍ୟରେ ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ସରକାରୀସ୍ତରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା ମାଧ୍ୟମରେ ବିଭିନ୍ନ ବର୍ଗର ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏପରିକି କାମ କରିବା ପାଇଁ ସରଞ୍ଜାମ, ସୁରକ୍ଷା ବ୍ୟବସ୍ଥା ନିମନ୍ତେ ଆବଶ୍ୟକୀୟ ଯନ୍ତ୍ରପାତି ଠାରୁ ଆରମ୍ଭ କରି ସାଇକେଲ ଆଦି ଯୋଗାଇ ଦିଆଯାଇଛି। ସେହିଭଳି ରାଜ୍ୟର ଲକ୍ଷାଧିକ ନିର୍ମାଣ ଶ୍ରମିକଙ୍କୁ ଏସବୁ ସହାୟତା ଯୋଗାଇ ଦିଆଯିବା ପରେ ମଧ୍ୟ ସେମାନଙ୍କ ପିଲାମାନଙ୍କ ଉଚ୍ଚ ଶିକ୍ଷା, ଝିଅ ବାହାଘର ଠାରୁ ଆରମ୍ଭ କରି ମୃତ୍ୟୁକାଳୀନ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେବାର ବ୍ୟବସ୍ଥା ସରକାର କରିଛନ୍ତି। ଏହି ପରିପ୍ରେକ୍ଷୀରେଯାଜପୁର ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କୁ ପ୍ରଶାସନିକସ୍ତରରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଯାଜପୁର ରୋଡ ସ୍ଥିତ ଯୁଗ୍ମ ଶ୍ରମ କମିଶନର କାର୍ଯ୍ୟାଳୟରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବ ଶଙ୍କର ମିଶ୍ର ନିର୍ମାଣ ଓ ଅନ୍ୟାନ୍ୟ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ଚେକ ମାଧ୍ୟମରେ ସହାୟତା ପ୍ରଦାନ କରିଥିଲେ। ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡ, ଯାଜପୁର ମୃତ୍ୟୁକାଳୀନ ସହାୟତା ବାବଦରେ ୪୩ ଜଣଙ୍କୁ ୧ କୋଟି, ୨୬ଲକ୍ଷ ଟଙ୍କା, ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୪୪ ଜଣଙ୍କୁ ୨ଲକ୍ଷ୨୦ ହଜାର ଟଙ୍କାର ସହାୟତା ରାଶି ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ଅନଲାଇନ ମାଧ୍ୟମରେ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ମୃତ୍ୟୁକାଳୀନ ସହାୟତା ବାବଦରେ ୯ଜଣ ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ୧୮ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

## ପୋକତୁଙ୍ଗା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ
# ଯୋଗଦେଲେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ

**ଅନୁଗୁଳ(ଏନ୍.ଏମ୍.):** ଆଜି ପୋକତୁଙ୍ଗା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି। ଏଥିରେ ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ନିଜର ଲକ୍ଷ ସ୍ଥିର କରି ଆଗେଇ ଯିବାକୁ ଉପଦେଶ ଦେଇଥିଲେ। ମୁଖ୍ୟଅତିଥି ପିତାମାତାଙ୍କ ଉପଦେଶ ମାନିବା, ଗୁରୁଜୀ ଗୁରୁମା ମାନଙ୍କ କଥା ମାନିବା ସହିତ ନିଜ ଗ୍ରାମର ନାମ ରଖିବା ପାଇଁ ଉପଦେଶ ଦେଲେ। ଉକ୍ତ ସଭାରେ ଗ୍ରାମର ସରପଞ୍ଚ ସୁଜିତ ମହାଳିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୋଗେଶ କୁମାର ସାହୁ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଶ୍ରୀଯୁକ୍ତ ଜିତେନ୍ଦ୍ର ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୁମୁଦ ଚନ୍ଦ୍ର ପ୍ରଧାନ, ଗ୍ରାମ ସଭାପତି ଲମ୍ବୋଦର ଦେହୁରୀ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମାନସୀ ନନ୍ଦଙ୍କ ସଭାପତିତ୍ୱରେ ସଭକାର୍ଯ୍ୟ ସମ୍ପାଦିତ ହୋଇଥିଲା। ବରିଷ୍ଠ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ଦାଶ ଅତିଥି ପରିଚୟପତ୍ର ପ୍ରଦାନ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ।



# କଳାହାଣ୍ଡିର ବାପ ଛେଉଣ୍ଡ ଯୁବକଙ୍କ ହାଇଦ୍ରାବାଦରେ ମୃତ୍ୟୁ, ବେସାହାରା ହୋଇଗଲେ ମା'

**ଭବାନୀପାଟଣା(ଏନ୍.ଏମ୍.):** ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସଂପୃକ୍ତ ଯୁବକଙ୍କ ମୃତଦେହ ଗାଁକୁ ଫେରୁଛି। ମୃତ ଯୁବକ ହେଲେ କଳାହାଣ୍ଡିଜିଲ୍ଲା କୋକସରା ଥାନା ଚିଲିଗୁଡା ଗ୍ରାମର ବାପ ଛେଉଣ୍ଡ ବସନ୍ତ ବାଗ (୨୨)। ହାଇଦ୍ରାବାଦର ଏକ ଠିକାଦାର ନିକଟରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ଆସୁଥିଲେ ବସନ୍ତ। ତେବେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ହଠାତ ବିଗିଡିବାରେ ଲାଗିଲା। ସାଥିରେ ଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ସ୍ଥାନୀୟ ମେଡ଼ିକାଲରେ ନେଇ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ବସନ୍ତ କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ଫୋନରେ ଶୁଣିବା ପରେ ଚିଲିଗୁଡ଼ା ଗ୍ରାମର ତାଙ୍କ ସମ୍ପର୍କୀୟ ଲୋକ ହାଇଦ୍ରାବାଦ ଯାଇଥିଲେ ଓ ସେଠାରୁ ଆଜି ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ନେଇ ଭିଟାମାଟିକୁ ଫେରୁଥିବା ଖବର ମିଳିଛି। ତେବେ ସ୍ୱାମୀକୁ ହରାଇ ଥିବା ବିଧବା ମା' ନିଜ ରୋଜଗାରିଆ ପୁଅର ମୁହଁ ଦେଖି ଜୀବନ କାଟୁଥିବା ବେଳେ ପୁଅର ମୃତ୍ୟୁ ପରେ ହତବାକ ହୋଇ ପଡିଛନ୍ତି। ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଆର୍ଥିକ ସହାୟତା ଯୋଗାଇଦେବାକୁ ଚିଲିଗୁଡା ଗ୍ରାମବାସୀ ଦାବି କରିଛନ୍ତି।

# କିନ୍ନର ସଙ୍ଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ପରଜଙ୍ଗ(ଏନ୍.ଏମ୍.):** ରାଜଧାନୀରେ ଜଣେ କିନ୍ନରଙ୍କ ସନ୍ଦେହ ଜନକ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଏବେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଘଟଣା ଘଟିବାକୁ ଦିନ ପରେ ଦିନ ଗଡ଼ି ଚାଲିଥିଲେ ମଧ୍ୟ ଏଯାଏ ପୁଲିସ ପ୍ରଶାସନ ଅନ୍ଧାରରେ ବାଡ଼ି ବୁଲାଉଛି ବୋଲି ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଏବେ ସାରା ରାଜ୍ୟରେ କିନ୍ନରମାନଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ କିନ୍ନର ସଂଘ ପକ୍ଷରୁ ରାଜଧାନୀରେ ଗତ ୭ଦିନ ତଳେ ହୋଇଥିବା ଚର୍ଚ୍ଚିତ କିନ୍ନର ଅଞ୍ଜଳି ମୃତ୍ୟୁ ଘଟଣାକୁ ନେଇ ପରଜଙ୍ଗରେ କିନ୍ନର ସଙ୍ଘ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମା ମଙ୍ଗଳା କିନ୍ନର ସଙ୍ଘ ତରଫରୁ ଆୟୋଜିତ ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ସ୍ଥାନୀୟ ପରଜଙ୍ଗ ବିଶ୍ୱାଳ ମାର୍କେଟ ଠାରୁ ଆରମ୍ଭ କରି ପରଜଙ୍ଗ ମାର୍କେଟ ପରିକ୍ରମା କରିଥିଲେ। ଏହି ଅବସରକୁ ଗିରଫ ଓ ପରିବାର ବର୍ଗଙ୍କୁ ସରକାରଙ୍କ ତରଫରୁ ଦଶଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଥିଲେ। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ପରଜଙ୍ଗ, ବଡଝରା, ତାଳଚେର, ଅଞ୍ଚଳର ବହୁ କିନ୍ନର ସାମିଲ ରହିଥିଲେ।




# ମା ତାରାତାରିଣୀଙ୍କ ଦାନହୁଣ୍ଡିର ଗଣନା ଆରମ୍ଭ



**ପୁରୁଷୋତ୍ତମପୁର(ଏନ୍.ଏମ୍.) :** ଗଞ୍ଜାମ ପ୍ରସିଦ୍ଧ ଶକ୍ତିପୀଠ ଓ ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀ ମନ୍ଦିରର ଦାନହୁଣ୍ଡି ଗଣନା ଆରମ୍ଭ ହୋଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ଦେବାଶିଷ ମହାପାତ୍ର ଓ ସେବାୟତ ବାପୁଜୀରଣା, ମନ୍ଦିର କର୍ମଚାରୀ, ଏ. ଏସ. ଆଇ. ସୁଜିତ କୁମାର ରାଉତ ଓ ତହସିଲ କର୍ମଚାରୀ ମାନଙ୍କ ଉପସ୍ଥିତିରେ ସଫଳତାର ସହ ଗଣନା ପ୍ରକ୍ରିୟା ଚାଲୁ ରହିଛି । ଏହି ଗଣତି ପ୍ରକ୍ରିୟାରେ ବିଦେଶୀ ମୁଦ୍ରା, ସୁନା ଅଳଙ୍କାର, ଓ ରୂପା ଅଳଙ୍କାର ସହ ବହୁ ତନଖି ଓ ପଇସା ମିଳିଥିବାର ଅନୁମାନ କରାଯାଉଛି । ଏହାସହ ଗୋଟେ ଛୋଟ ପିଲାର ହାତ ଲେଖା ଚିଠି ବି ରହିଛି ଯେଉଁ ଥିରେ ସେ ତାର ବଡଭାଇକୁ ଠିକ ରାସ୍ତାକୁ ଆଣିବା ପାଇଁ ମାଙ୍କ ପାଖରେ କାକୁତି ମିନତୀ ହୋଇ କହିଥିବାର ଜଣା ପଡିଛି । ସେ ତାର ବାପା, ମା ଓ ଜେଜେବାପା ଜେଜେମାଙ୍କୁ ମା ଜଗତଜନନୀ ଭଲ ରଖିବା ପାଇଁ ମା'ଙ୍କ ପାଖରେ ଗୁହାରି କରିଛି । ଏଠାରେ ସୂଚନା ଯୋଗ୍ୟ ଯେ, ଏହି ଗଣତି ଗତ ଅକ୍ଟୋବର ୧୬ ତାରିଖରେ ଶେଷଥର ପାଇଁ ହୋଇଥିଲା । ଭକ୍ତମାନଙ୍କ ଅତୁଟ ଆସ୍ଥା ଓ ଶ୍ରଦ୍ଧାର ଫଳସ୍ୱରୂପ ହୁଣ୍ଡିରେ ଯଥେଷ୍ଟ ପରିମାଣର ଦାନ ସଂଗ୍ରହ ହୋଇଥିବାର ଅନୁମାନ କରାଯାଉଛି । ଏହି ଦାନ ରାଶିକୁ ମନ୍ଦିର ଉନ୍ନତି, ଭକ୍ତଙ୍କ ସୁବିଧା ଓ ନିତ୍ୟନୀୟ ପୂଜା କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ମନ୍ଦିର ପ୍ରଶାସନ ସୂଚନା ଦେଇଛି ।

## ବନ୍ଧୁକ ଦେଖାଇ ଅଳଙ୍କାର ଲୁଟ୍

**ବାରିପଦା(ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧିନ ଧନାପନା ଗ୍ରାମରୁ ଜଣେ ଅଳଙ୍କାର ବ୍ୟବସାୟୀଙ୍କ ନିକଟରୁ ବନ୍ଧୁକ ଦେଖାଇ ଲୁଟ୍ ହୋଇଛି । ଅଭିଯୋଗ ଅନୁଯାୟୀ ଧନାପନା ଗ୍ରାମର କମଳଲୋଚନ ରଣା ଶନିବାର ଗ୍ରାମ ନିକଟ କହ୍ନେଇବନ୍ଧ ଗ୍ରାମ ସାପ୍ତାହିକ ହାଟକୁ ସ୍ୱର୍ଣ୍ଣ ଅଳଙ୍କାର ବିକ୍ରି କରିବା ପାଇଁ ଯାଇଥିଲେ । ବ୍ୟବସାୟ ସାରି ସଂଧ୍ୟା ସମୟରେ ନିଜ ଘର ଧନାପନା ଗ୍ରାମକୁ ବାଇକ ଯୋଗ ଫେରୁଥିବା ବେଳେ ୩ ଗୋଟି ବାଇକରେ ଆସିଥିବା ୫ଜଣ ବ୍ୟକ୍ତି କମଳଲୋଚନଙ୍କୁ ଅଟକାଇ ବନ୍ଧୁକ ଦେଖାଇ ତାଙ୍କ ନିକଟରେ ଥିବା ଅଳଙ୍କାର ବ୍ୟାଗ୍‌ଟିକୁ ଲୁଟି ଘଟଣା ସ୍ଥଳରୁ ଫେରାର ହୋଇଯାଇ ଥିଲେ । ତେବେ ଉକ୍ତ ବ୍ୟାଗ୍ ରେ ୫୦୦ ଗ୍ରାମର ରୁପା ଅଳଙ୍କାର ଥିବା ଜଣାଯାଇଛି ।

## ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ସରସ୍ୱତୀ ଦେବଙ୍କର ବାର୍ଷିକ ଭକ୍ତ ସମ୍ମିଳନୀ,



**ଢେଙ୍କାନାଳ(ଏନ୍.ଏମ୍.) :** ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ସରସ୍ୱତୀ ଦେବଙ୍କର ୨୬ ତମ ବାର୍ଷିକ ଭକ୍ତ ସମ୍ମିଳନୀ ଶାନ୍ତି ଆଶ୍ରମ ଭୁଷଳ, ଭୁବନ ତତ୍ତ୍ୱାବଧାନରେ ଢେଙ୍କାନାଳ ସାରସ୍ୱତ ସଂଘ ଆନୁକୁଲ୍ୟରେ ଢେଙ୍କାନାଳ ଟାଉନ୍ ପ୍ଲାନିଂ, ଶିଶୁପାର୍କ ଠାରେ ଫେବୃଆରୀ ୬ ରୁ ୮ ତାରିଖ ଯାଏ ଅନୁଷ୍ଠିତ ହେଉଅଛି । ଉକ୍ତ ଉତ୍ସବ ରେ ଗତ ୬ ତାରିଖରେ ରଥାରୁଢ଼ ଶ୍ରୀ ଠାକୁରଙ୍କୁ ଢେଙ୍କାନାଳ ସହର ର ମୁଖ୍ୟ ମାର୍ଗରେ ନଗର ପରିକ୍ରମା କରାଯାଇଥିଲା । ଏହି ଭକ୍ତ ସମ୍ମିଳନୀ ପୂଜ୍ୟ ବାବା ସ୍ୱାମୀ ତ୍ରିଗୁଣାନନ୍ଦ ସରସ୍ୱତୀ ଦେବ ଆରମ୍ଭ କରିଥିଲା ବେଳେ ବର୍ତ୍ତମାନ ପୂଜ୍ୟା ମା ମହାମାୟା ସରସ୍ୱତୀ ଏହାକୁ ପରିଚାଳନା କରୁଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ୱାମୀ ପୂର୍ଣ୍ଣନାନନ୍ଦ ପୁରୀ ମହାରାଜ, ସ୍ୱାମୀ ଚିଦାନନ୍ଦ ମହାରାଜ, ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ, ଶ୍ରୀ ସ୍ୱାମୀ ତ୍ରୈଲୋକ୍ୟସ୍ୱର ଭାରତୀ, ଶ୍ରୀମଦ୍ ତ୍ରିବିକ୍ରମ ଚୈତନ୍ୟ ବ୍ରହ୍ମଚାରୀ, ପଣ୍ଡିତ ଶାନ୍ତନୁ କୁମାର ରଥ, ସାଧୁ ସନ୍ଥ ଯୋଗ ଦେଇ ନିଗମାନନ୍ଦ ଙ୍କର ଗୁରୁବାଦ, ସନାତନ ଧର୍ମର ପ୍ରଚାର ଓ ସତ୍ ଶିକ୍ଷାର ବିସ୍ତାର ଉପରେ ଆଲୋଚନା କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଶାନ୍ତି ଆଶ୍ରମ ଭୁଷଳ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ଶ୍ରୀମଦ୍ ସ୍ୱାମୀ ଚୈତନ୍ୟ ବ୍ରହ୍ମଚାରୀ, ଟ୍ରଷ୍ଟି ଚିତଚୈତନ୍ୟ ବ୍ରହ୍ମଚାରୀ, ଟ୍ରଷ୍ଟ ସମ୍ପାଦକ ପ୍ରୀତି ରଞ୍ଜନ ପଟ୍ଟନାୟକ, ପ୍ରଭାତ କୁମାର ପାଣିଗ୍ରାହୀ ଓ ଢେଙ୍କାନାଳ ନିଗମାନନ୍ଦ ସାରସ୍ୱତ ସଂଘ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହେଉଅଛି । ଏହି ସମ୍ମିଳନୀରେ ସର୍ବ ଭାରତୀୟ ସ୍ତରରୁ ସ୍ୱାମୀ ତ୍ରିଗୁଣାନନ୍ଦ ବାବାଙ୍କର ଶିଷ୍ୟ ଭକ୍ତ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରିବା ସଙ୍ଗେ ସଙ୍ଗେ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ମହାରାଜଙ୍କ ଶାଶ୍ୱତ କରୁଣା ଲାଭ କରୁଛନ୍ତି ।

# ପ୍ରାଚୀ ପରିକ୍ରମା ଆଜିଠାରୁ, ୧୩ରେ ପୂର୍ଣ୍ଣାହୁତି

**ପୁରୀ (ଏନ୍.ଏମ୍.) :** ପ୍ରାଚୀ ନଦୀର ସ୍ୱଚ୍ଛତା, ପବିତ୍ରତା ଓ ସୁରକ୍ଷା ପାଇଁ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ଗଠିତ ହୋଇ କାର୍ଯ୍ୟ କରୁଛି । ଶ୍ରୀ ଗୁରୁଜୀ ପରମହଂସ ପ୍ରଜ୍ଞାନନ୍ଦ ଜୀ ମହାରାଜଙ୍କ ପ୍ରତ୍ୟେକ୍ଷ ମାର୍ଗଦର୍ଶନରେ ଏହା ପ୍ରତି ବର୍ଷ ଆୟୋଜିତ ହୋଇଆସୁଛି । ଚଳିତ ମାସ ୭ ତାରିଖ ଅର୍ଥାତ ଆଜି ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଏକାଧିକ ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା ଓ ସଚେତନତା ସୃଷ୍ଟି କରି ୧୩ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ସ୍ଥିର ହୋଇଛି । ଏହାର ସଫଳ ଓ ଶୃଙ୍ଖଳିତ ଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟ ସମ୍ପାଦନ ପାଇଁ ବିଭିନ୍ନ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା । ପ୍ରାଚୀ ପରିକ୍ରମା ପଦଯାତ୍ରା ଆଜି କଟକ ଜିଲ୍ଲାର ନିଆଳି ତହସିଲ ଅଧିନ ଶ୍ରୀଅନ୍ଧ କପିଳେଶ୍ୱର ମନ୍ଦିର ଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ଥିଲା ।ସଂକୀର୍ତ୍ତନ, ଯୋଡି ଶଙ୍ଖ,ଘୋଡ଼ା ନାଚ,ଘଣ୍ଟ ପାଟୁଆ ଏହି ଶୋଭାଯାତ୍ରାରେ ସାମିଲ ହୋଇ ନୂଆଗାଁ ର ରାଧାକାନ୍ତ ମଠ ପର୍ଯ୍ୟନ୍ତ ଆସି ସେଠାରେ ରାତ୍ରି ଯାପନ କରିଥିଲେ । ରାତ୍ରି ଯାପନ ସ୍ଥଳରେ ପାଲା ପରିବେଷଣ କରାଯାଇଥିଲା । ୮ ତାରିଖ ପୂର୍ବାହ୍ନରେ ପଦଯାତ୍ରା ବାହାରି ଆର୍ତ୍ତତ୍ରାଣ ଗାଦି ମୁଷି ବାବା ମଠ ଜଲ୍ଲାରପୁର ହୋଇ ମାଧବାନନ୍ଦ ମନ୍ଦିରରେ ରାତ୍ରି ଯାପନ କରିବେ ।୯ ତାରିଖରେ ସେଠାରୁ ବେତଣ୍ଡା ନିଆଳି ହୋଇ କାକଟପୁର ତହସିଲର ଦେଉଳି ମଠରେ ରାତ୍ରୀ ଯାପନ କରିବେ । ୧୦ ତାରିଖରେ ସେଠାରୁ ବାହାରି ଅସ୍ତରଙ୍ଗ ତହସିଲର କେଲୁଣୀ ମୁହାଣ କେଉଟଜଙ୍ଗା ଠାରେ ରାତ୍ରୀ ଯାପନ କରିବେ ।୧୧ ତାରିଖରେ ସେଠାରୁ ବାହାରି କାକଟପୁରର ଜଗନ୍ନାଥ ମନ୍ଦିର ଦେଇ ଗୋପ ତହସିଲର ପ୍ରାଚୀ ଗୁରୁ ଧର୍ମକ୍ଷେତ୍ର ନୂଆମଠ ନୂଆହାଟ ଠାରେ ପହଞ୍ଚି ରାତ୍ରି ଯାପନ କରିବେ ।୧୨ ତାରିଖରେ ନିମାପଡ଼ା ତହସିଲର ଶଙ୍ଖ ପଡା ଦଶହରା ପଡିଆ ହୋଇ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ତହସିଲର ଦେଉଳିଧରପୁର ବୃଦ୍ଧିକେଶ୍ୱର ମନ୍ଦିରରେ ରାତ୍ରି ଯାପନ କରିବେ । ପଦଯାତ୍ରା ରାତ୍ରୀ ଯାପନ କରୁଥିବା ସ୍ଥାନ ମାନଙ୍କରେ ପ୍ରତି ସଂଧ୍ୟାରେ ଆଧାମ୍ରିକ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି । ୧୩ ତାରିଖରେ ପଦଯାତ୍ରା ଶ୍ରୀଅନ୍ଧ କପିଳେଶ୍ୱର ମନ୍ଦିର ରେ ପହଞ୍ଚିବେ । ସେଠାରେ ପୂର୍ଣ୍ଣାହୁତି ସମ୍ପର୍ଣ୍ଣର କାର୍ଯ୍ୟ ସୂଚୀ ଧାର୍ଯ୍ୟ ହୋଇଛି । ପୁରୀ ଜିଲ୍ଲା ପରିକ୍ରମା ସମୟରେ ରହଣି ବ୍ୟବସ୍ଥା, ପାନୀୟ ଜଳ,ଶୌଚାଳୟ, ଆଲୋକ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ସମ୍ପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଭାସୀ ମାଧମରେ ଅନୁଷ୍ଠିତ ଏହି ବୈଠକରେ କାକଟପୁର, ଅସ୍ତରଙ୍ଗ, ଗୋପ ବ୍ଲକର ବିଡ଼ିଓ, ଆଇଆଇସି, ଅନ୍ୟାନ୍ୟ ଅଧିକାରୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟର ସଂଯୋଜକ ପ୍ରିୟବ୍ରତ କର,ରାଜ କିଶୋର ନନ୍ଦ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇ କାର୍ଯ୍ୟର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ମେଘାସନୀ ମହୋତ୍ସବ-୨୦୨୬ ଉଦ୍‌ଘାଟିତ

# ପ୍ରଥମ ସଂଧ୍ୟାରେ ସାନ୍ତାଳୀ ସଙ୍ଗୀତରେ ଦର୍ଶକ ମତୁଆଲା



**ବାରିପଦା(ଏନ୍.ଏମ୍.) :** ମେଘାସନୀ ମହୋତ୍ସବ-୨୦୨୬" ତଥା ସ୍ୱଦେଶୀ ଓ ସୁଭଦ୍ରା ଶକ୍ତି ମେଳା ଉଦଘାଟିତ ହୋଇ ଯାଇଛି । ଏହି ଉଦଘାଟନୀ ଉତ୍ସବର ପ୍ରଥମ ସଂଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଯୋଗ ଦେଇ ସୁଭଦ୍ରା ଯୋଜନାରେ ମିଳୁଥିବା ଆର୍ଥିକ ସହାୟତା ଯୋଗୁଁ ମହିଳା ମାନଙ୍କୁ ନୂଆ ପରିଚୟ ମିଳିପାରିଛି ବୋଲି ନିଜ ଅଭିଭାଷଣରେ ମତ ରଖିଛନ୍ତି । ଏହି ଯୋଜନା ଏବେ ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି । ଏହାଯୋଗୁଁ ଆମ ମାଆ ଭଉଣୀମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ସାଂସଦ ଶ୍ରୀମତୀ ମହାନ୍ତ ମତବ୍ୟକ୍ତ କରିଛନ୍ତି । ସମ୍ମାନୀତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମା ନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ଥିବାବେଳେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ମଞ୍ଚ ପରିଚାଳନା କରିଥିଲେ । ସଭାରେ ଜିଲ୍ଲାପାଳ ଶ୍ରୀ ସୟ ଏହି ମହୋତ୍ସବ ଦ୍ୱାରା "ଏକ ଜିଲ୍ଲା ଏକ ଉତ୍ପାଦ"କୁ ପ୍ରୋତ୍ସାହିତ କରାଯାଉଛି ବୋଲି ସୂଚନା ଦେଇଛନ୍ତି । ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ବ୍ରାଣ୍ଡିଂ, ପ୍ୟାକେଜିଂ ଏବଂ ମାର୍କେଟିଂ କରିବା ଏହି ମେଳାର ଉଦ୍ଦେଶ୍ୟ । ଏଥିରେ ସୁଭଦ୍ରା ଶକ୍ତି ସମ୍ପର୍କିତ ଷ୍ଟୋଲ ଗୁଡ଼ିକରେ ମହିଳାମାନେ ଆସି ମହିଳା ଶକ୍ତି ଓ ଆତ୍ମନିର୍ଭରଶୀଳତା ସମ୍ପର୍କରେ କାହାଣୀ ବଖାଣିବା ସହ ଲକ୍ଷପତି ଦିଦି ଆସି ନିଜର ଅଭିଜ୍ଞତା ବାଣ୍ଟିବେ ବୋଲି ଜିଲ୍ଲାପାଳ ଶ୍ରୀ ସୟ ପ୍ରକାଶ କରିଛନ୍ତି । ଆଜିର ଏହି ଉଦଘାଟନୀ ସମାରୋହରେ ସାନ୍ତାଳୀ ଗାୟିକା କଳ୍ପନା ହାଁସଦାଙ୍କ ସୁମଧୁର ସଂଗୀତରେ ଦର୍ଶକଗଣ ମତୁଆଲା ହୋଇଛନ୍ତି । ଏହି ଅବସରରେ ବିଧାୟକ ବଡ଼ସାହି ସନାତନ ବିଜୁଳି ନିଜ ଚିରା ଚରିତ ଢଙ୍ଗରେ ହୃଦୟ ଛୁଆଁ ଓଡ଼ିଆ ସଂଗୀତ ଗାନ କରିଥିଲେ । କଳା, ସଂଗୀତ ଓ ସଂସ୍କୃତିର ଅପୂର୍ବ ମିଶ୍ରଣ ଆଜିର ସଂଧ୍ୟାରେ ଦେଖିବାକୁ ମିଳିଛି । ସେହିପରି ଦ୍ୱିତୀୟ ଦିନ ଅବସରରେ ଗୌତମ ମହାନ୍ତ ଓ ସାଥୀଙ୍କ ଝୁମର ସଙ୍ଗୀତ କାର୍ଯ୍ୟକ୍ରମ, ତୃତୀୟ ଦିନରେ ରାଗା ମିଶ୍ରଣ ସଙ୍ଗୀତ, ଚତୁର୍ଥ ଦିନରେ ସୌରଭ ଭରଦ୍ୱାଜ ଓ ସାଥୀ କଳାକାରଙ୍କ ଭଜନ ସନ୍ଧ୍ୟା, ପଞ୍ଚମ ଦିନରେ ରାଜସ୍ଥାନୀ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ, ଷଷ୍ଠ ଦିନରେ ସ୍ୱଦେଶୀ ପରିଧାନ ପ୍ରଦର୍ଶନ, ସପ୍ତମ ଦିନରେ ଆଞ୍ଚଳିକ ସଂଗୀତ କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ସୋରେନ, ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ସୁଭଦ୍ରା ଶକ୍ତି) ନିରଞ୍ଜନ ପଣ୍ଡା, ଜିଲ୍ଲା ପ୍ରକଳ୍ପ ପରିଚାଳକ ନବୀନ ସେନାପତି, ଓରମାସ୍ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ୟୁପିଏସ୍ ସ୍କୁଲରେ ପରିଭ୍ରମଣ କାର୍ଯ୍ୟକ୍ରମ




**ମାଲକାନଗିର(ଏନ୍.ଏମ୍.) :** ମାଲକାନଗିରି ଜିଲ୍ଲା ଉପାନ୍ତ ମାଥିଲି ବ୍ଲକ ଟେମୁରୁପାଲି ପଞ୍ଚାୟତ ଅନ୍ତର୍ଗତ କୁକୁରକୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ପରିଭ୍ରମଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା । ସାଲିମି ପଞ୍ଚାୟତ ଅନ୍ତର୍ଗତ ଚାମୁଣ୍ଡାରାଶି ନିକଟରେ ଥିବା ଏକାଗୋଡ଼ି ଜଳପ୍ରପାତ ପରିଭ୍ରମଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବାଲ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ମାନଙ୍କ ସହ କେତେକ ଅଭିଭାବକ ଉପସ୍ଥିତଥିଲେ । ଏହି ଅବସରରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ନକୁଳ ଚନ୍ଦ୍ର ବିଶ୍ୱାଳ ଛାତ୍ରଛାତ୍ରୀ ମାନଙ୍କୁ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଜଳପ୍ରପାତ କିପରି ସୃଷ୍ଟି ହେଉଛି, ଏବଂ ଭୂମିରୂପ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ସେହି ପରି ସହକାରୀ ଶିକ୍ଷକ ପି ଜାନକୀ ରାଓ ପ୍ରାକୃତିକ ଭାବେ ଜଙ୍ଗଲ ସୃଷ୍ଟି ସହ ବୃକ୍ଷର ବିଭିନ୍ନ ଅଂଶ ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପାଳଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଟେମୁରୁପାଲି ପଞ୍ଚାୟତ ସରପଞ୍ଚ ତୁମେଶ୍ୱର ସମରଥ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ସିଆରସି ସତ୍ୟ ବ୍ରତ ବେହେରା, ଟେମୁରୁପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଜେନା ପରିଚାଳନା କମିଟି ସଭାପତି ମାରୁ ଦୂରୁଆ ଯୋଗଦେଇ ପରିଭ୍ରମଣ କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଲେ ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ପ୍ରକାରର ଦକ୍ଷତା ବୃଦ୍ଧି ହେବ ବୋଲି ମତ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଦୂରଭାଷ ଯୋଗେ ଛାତ୍ର ଛାତ୍ରୀ ମାନଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ ।

## ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯାତନା

# ନିରୋଧ ଆଇନ ସମ୍ପର୍କିତ ସଚେତନତା ଶିବିର



**ଭୁବନେଶ୍ୱର(ଏନ୍.ଏମ୍.) :** ଶିଶୁଙ୍କ କ୍ଷେତ୍ରରେ ଯୌନ ଶୋଷଣ, ବାଲ୍ୟ ବିବାହ ତଥା ସାଇବର ଅପରାଧ ଦିନକୁ ଦିନ ବଢୁଥିବା କାରଣକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଖୋର୍ଦ୍ଧା ଆନୁକୁଲ୍ୟରେ ଆଜି ୟୁନିଟ -୨ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯ୍ୟାତନା ନିରୋଧ ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା କୁମାରୀ ପରିଡ଼ା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଉକ୍ତ ଶିବିରର ନିଜର ଆଭିମୁଖ୍ୟ ପ୍ରଦାନ କରିବା ସହିତ ୧୪ ରୁ ୧୮ ବର୍ଷ ର ପିଲା ମାନେ କିପରି ଯୌନ ଶୋଷଣର ଶିକାର ହେଉଛନ୍ତି ଏବଂ ଏହାକୁ ରୋକିବ ପାଇଁ ପୋକ୍ସୋ ଆଇନ ଥିଲେ ମଧ୍ୟ ପିଲାମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁତ ପିଲାମାନେ ଏହାର ଶିକାର ହେଉଛନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋବସନ ଅଧିକାରୀ ସୌମେନ୍ଦ୍ର ନାୟକ ସାଇବର ଅପରାଧ କବଳରୁ ପିଲା ମାନେ କିପରି ନିବୃତ୍ତ ହେବେ ଏହା ଉପରେ ସଚେତନ କରାଇଥିଲେ । ଏହି ଶିବିରରେ ବିଦ୍ୟାଳୟର ନବମ ଶ୍ରେଣୀରୁ ୬୦ରୁ ଉର୍ଦ୍ଧ୍ୱ ପିଲାମାନେ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ତଥା ଏସଜେପିୟୁର ସଭ୍ୟ ରଞ୍ଜନ କୁମାର ଗୋଛାୟତ, ବିଜ୍ଞାନ ଶିକ୍ଷକ ଗିରିଜା ଶଙ୍କର କୁଣ୍ଡ ଏବଂ ଶିକ୍ଷୟତ୍ରୀ ସ୍ମିତା ମହାନ୍ତି ଓ କଲ୍ୟାଣୀ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

# ସରଳାଦେବୀ ଜୀବନାଦର୍ଶ ଓ ଅଗ୍ନିକନ୍ୟା ସରଳା ଆଲୋଚନାଚକ୍ର




**ରାଉରକେଲା (ଏନ୍.ଏମ୍.) :** ସାମାଜିକ ଅନୁଷ୍ଠାନ ଭଜକୃଷ୍ଣ ସାରସ୍ୱତ ସ୍ମୃତି ସଂସଦ,ସରଳାଦେବୀ - ଭାଗିରଥି ମହାପାତ୍ର ଟ୍ରଷ୍ଟ ଓ ସେକ୍ଟର ୪ ସ୍ଥିତ ରାଉରକେଲା କଲେଜ ର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସଭା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରାଉରକେଲା କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତିଙ୍କ ଅଧକ୍ଷତା ଓ କବୟିତ୍ରୀ ନିରୁପମା ପତିଙ୍କ ସଂଯୋଜନା କରିଥିଲେ । ଏଥିରେ ଉଦଘାଟକ ଭାବେ କଲେଜର ଅଧକ୍ଷ ଡ ରବୀନ୍ଦ୍ର କୁମାର ଜେନା,ବିଷୟ ବିଶେଷଜ୍ଞ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ର ଓଡ଼ିଆ ବିଭାଗର ସହକାରୀ ପ୍ରାଧାପିକା ଡ ସଂଘମିତ୍ରା ବେହେରା ରାମାୟଣୀ ମାନସ ଦାସ, ବିଶିଷ୍ଟ ଅତିଥି ଭାବେ ରାଉରକେଲା କଲେଜର ଓଡ଼ିଆ ବିଭାଗର ମୁଖ୍ୟ ରଶ୍ମିପ୍ରଭା ମଥାନ ଯୋଗଦେଇ ସରଳା ଦେବୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ । ଉଦଘାଟକ ଡ ଜେନା ତାଙ୍କ ବକ୍ତବ୍ୟରେ ଏହି ଆଲୋଚନାଚକ୍ରକୁ ସମୟର ଆହ୍ୱାନ ତଥା ସରଳାଦେବୀ ଙ୍କୁ ସମାଜ ସଂସ୍କାରକ,ନିର୍ଭିକତାର ପ୍ରତୀକ ବୋଲି ଅବହିତ କରିଥିଲେ । ବିଷୟ ବିଶେଷଜ୍ଞା ଡ ବେହେରା ସରଳାଦେବୀଙ୍କ ଜୀବନାଦର୍ଶ ସମ୍ପର୍କରେ ବହୁ ଅନାଲୋଚିତ ଦିଗକୁ ଉନ୍ମୋଚନ କରିବା ସହ ତତ୍କାଳୀନ ସମୟରେ ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ସେ କିପରି ରାଜନୀତି, ସମାଜସେବା ଓ ସାହିତ୍ୟ ସର୍ଜନା କରିଥିଲେ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ଆଲୋଚକ ରାମାୟଣୀ ଶ୍ରୀ ଦାସ ଆଲୋଚ୍ୟ ପ୍ରସଙ୍ଗ ଅଗ୍ନିକନ୍ୟା ସରଳା ସମ୍ପର୍କରେ ଆଲୋଚନା କରି ସାମ୍ପ୍ରତିକ ସମାଜ ଓ ତତ୍କାଳୀନ ସମାଜ ର ତୁଳନାତ୍ମକ ଚିତ୍ର ସହ ନାରୀମାନଙ୍କ ସଶକ୍ତିକରଣ ଓ ଦାୟିତ୍ୱ ତଥା କର୍ତ୍ତବ୍ୟବୋଧ ଉପରେ ମତ ରଖିଥିଲେ । ବିଶିଷ୍ଟ ଅତିଥି ଶ୍ରୀମତୀ ମଥାନ ସରଳାଦେବୀଙ୍କ ସୃଷ୍ଟି, ଆଦର୍ଶ ଓ ତାଙ୍କ ବ୍ୟକ୍ତିତ୍ୱ କିପରି ଆମ ଜନମାନସକୁ ପ୍ରଭାବିତ କରିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସଂସଦର ସମ୍ପାଦକ କବି କୁଞ୍ଜବିହାରୀ ରାଉତ ସ୍ୱାଗତ ଭାଷଣ ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ଅନ୍ୟତମ ଆବାହକ ଟ୍ରଷ୍ଟର କାର୍ଯ୍ୟକାରୀ ସମ୍ପାଦକ ତଥା ସରଳାଦେବୀ ଙ୍କ ନାତି ଲକ୍ଷ୍ମୀପ୍ରକାଶ ମହାପାତ୍ର ସରଳା ଦେବୀଙ୍କ ସଂଗଠନ ସମ୍ପର୍କରେ ତଥା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ତଥା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା ।

## ବ୍ରହ୍ମପୁର ଓ ଆସିକା ସଂସଦୀୟ କ୍ଷେତ୍ର ଆଲୋଚନା




**ବ୍ରହ୍ମପୁର(ଏନ୍.ଏମ୍.) :** ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ବ୍ରହ୍ମପୁର ଏବଂ ଆସିକା ଲୋକସଭା ସଂସଦୀୟ କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା ଏହି ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପୂର୍ବତନ ମନ୍ତ୍ରୀ ବିଶେଶ୍ୱର ଟୁଡୁ, ସାଙ୍ଗଠନିକ ମନ୍ତ୍ରୀ ମାନସ ମହାନ୍ତି, ଜିଲ୍ଲା ପ୍ରଭାରୀ ଶାରଦା ପ୍ରସାଦ ଶତପଥୀ, ଜିଲ୍ଲାର ଦୁଇ ମନ୍ତ୍ରୀ, ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ଆସ୍କା ସାଂସଦ ଅନିତା ଶୁଭଦର୍ଶନୀ ସମସ୍ତ ବିଧାୟକ ଗଣ, ସମସ୍ତ ଜିଲ୍ଲା ସଭାପତି ଙ୍କ ସମେତ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଙ୍କ ସମେତ ସମସ୍ତ ବିଧାୟକ ଗଣ ଯୋଗ ଦେଇ ଆଗାମୀ ଦିନରେ ହେବାକୁ ଥିବା ଦଳର ରଣନୀତି ଉପରେ ଆଲୋଚନା କରିଥିଲେ । ତୃଣମୂଳ ସ୍ତରରୁ ଦଳକୁ ମଜବୁତ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ।



ଆଞ୍ଚଳିକ

# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଓଡ଼ିଶା ଭିଜନ ୨୦୪୭ର ହେବ ...

ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଆଜିର ଏହି ଯୋଜନା ଓଡିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ । ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ଥିବା ବଡ ବଡ ସହର ମାନଙ୍କ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବ । ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ରାଜ୍ୟରେ ସହରୀକରଣର ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦେଉଛନ୍ତି । ସହରୀକରଣ ବୃଦ୍ଧି କ୍ଷେତ୍ରରେ ୨୮ଟି ନୂଆ ଏନ୍‌ଏସି, ୭ଟି ମ୍ୟୁନିସ୍‌ପାଲ୍‌ଟି ଏବଂ ଗୋଟିଏ ମହାନଗର ନିଗମ ସୃଷ୍ଟି ସହରୀକରଣ କ୍ଷେତ୍ରରେ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା କହିଥିଲେ ଯେ, ବିକଶିତ ଓଡିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ବିସିପିପିଇଆର ପ୍ରୋଜେକ୍ଟ । ଦେଶର ୨୦ଟି ପ୍ରମୁଖ ସହରର ଉନ୍ନତି ପାଇଁ ପ୍ରସ୍ତାବ ରହିଥିବା ବେଳେ, ପ୍ରଥମ ୫ଟି ମଧ୍ୟରେ ବିସିପିପିଇଆର ସ୍ଥାନିତ ହୋଇଛି । ଏହି ରିଜିଅନର ଅଭିବୃଦ୍ଧି ହେଲେ ଏ ଅଞ୍ଚଳବାସୀଙ୍କର ମଧ୍ୟ ଅଭିବୃଦ୍ଧି ଘଟିବ । ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ । ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ନୀତି ଆୟୋଗର ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରତି ଧନ୍ୟବାଦ ଜଣାଇ କହିଥିଲେ ଯେ, ଆମର ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ । ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ମୁମ୍ବାଇ, ସୁରଟ, ବିଶାଖାପଟଣା, ବାରଣାସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା । ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ବିକଶିତ ଓଡିଶା ପାଇଁ ମଧ୍ୟ ନୀତି ଆୟୋଗ ଯୋଜନା ପ୍ରସ୍ତୁତ କରିଛି । ଆମର ଏହି ଯୋଜନା କେବଳ ଓଡିଶା ପାଇଁ ନୁହେଁ ବିକଶିତ ଭାରତ ପାଇଁ ମଧ୍ୟ ସହାୟକ ହେବ ବୋଲି ସେ କହିଥିଲେ ।ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ପ୍ରଦାନ କରିଥିଲେ । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାର୍ଚ୍ଚ ୧୪ରେ ପରବର୍ତ୍ତୀ ...

ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ପିସିସି ସଭାପତି ଦାବି କରିଛନ୍ତି । ଟ୍ରିପଲ ଇଂଜିନ ସରକାର ତୁରନ୍ତ ସମସ୍ୟାର ସମାଧାନ କରିବା କଥା । ହେଲେ ତାହା ହେଉନାହିଁ । ବିଜେପି ସରକାର ଜଳ ବିବାଦର ସମାଧାନ ଚାହୁଁନାହିଁ । ସେପଟେ ବିଧାନସଭା ଭିତରେ ମହାନଦୀ ପ୍ରସଙ୍ଗରେ ବିତର୍କ ପାଇଁ ପୁଣି ଆହ୍ୱାନ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ମହାନଦୀ ଜଳ ବିବାଦର ସମାଧାନ ପାଇଁ ବିଜେପି ସରକାର ବାରମ୍ବାର ଆପୋସ ସମାଧାନ କଥା କହୁଛି । ୧୯ ମାସ ହେବ ଛତିଶଗଡ଼ ସରକାର ଅନେକ ଡ୍ୟାମ ଓ ବାଲିବନ୍ଧ ନିର୍ମାଣ କରୁଛନ୍ତି । ସରକାରଙ୍କ ଦ୍ୱାରା ଗଠିତ ମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଘୋଷଣା ପରେ ବି ଗସ୍ତ କରିନାହିଁ । ଯାହାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ ।

ଠିକ୍ ସେହିପରି ଖର୍ଚ୍ଚ ହୋଇପାରୁନି ବଜେଟ୍ ଅର୍ଥ । ଡିସେମ୍ବର ସୁଦ୍ଧା ୫୦ ପ୍ରତିଶତରୁ କମ । ଖର୍ଚ୍ଚକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି । ଘେରିଲା କଂଗ୍ରେସ, ଜବାବ ରଖିଲା ବିଜେପି । ବଜେଟରେ ବ୍ୟୟ ବରାଦ ବଢୁଛି, କିନ୍ତୁ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁନାହିଁ ଟଙ୍କା । ଡିସେମ୍ବର ସୁଦ୍ଧା ୫୦ ପ୍ରତିଶତ ଅର୍ଥ ବି ଖର୍ଚ୍ଚ ହୋଇନି । ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ସିଧା ନିଶାନା କରିଛି ବିଜେଡି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି, ବିଜେପି ସରକାର ବଜେଟ ଅର୍ଥ ଖର୍ଚ୍ଚ କରିବାରେ ବିଫଳ ହୋଇଛନ୍ତି । ତେଣୁ ବଜେଟ ଅଧିବେଶନରେ ପୁଣି ବଜେଟ ଆଣିବାର କିଛି ଅର୍ଥ ନାହିଁ । ଡିସେମ୍ବର ସୁଦ୍ଧା ରାଜ୍ୟ ସରକାର ବଜେଟରେ ବ୍ୟୟ ବରାଦ ଅର୍ଥରୁ ମାତ୍ର ୪୮.୨୮ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି । ସେଥିରୁ ବିଶେଷ କରି ଗୃହ, ବାଣିଜ୍ୟ, ରାଜସ୍ୱ, ଅବକାରୀ, ଶ୍ରମ, ଅର୍ଥ, ସାଧାରଣ ଉଦ୍ୟୋଗ, କ୍ରୀଡ଼ା ଓ ଯୁବ ବ୍ୟାପାର ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବଜେଟ ଅର୍ଥ ଖର୍ଚ୍ଚ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ବଜେଟ ଅର୍ଥ ଖର୍ଚ୍ଚ କରିବାରେ ବିଫଳ ହୋଇଛନ୍ତି ସରକାର । ତେଣୁ ୨୦୨୬-୨୭ ବାର୍ଷିକ ବଜେଟ ଆଣିବାର ଅଧିକାର ନାହିଁ ବୋଲି କହିଛି ବିଜେଡି । ମାର୍ଚ୍ଚ ସୁଦ୍ଧା ମୂଳ ବଜେଟ ସହ ଅତିରିକ୍ତ ବଜେଟ ଅର୍ଥ ଖର୍ଚ୍ଚ କରିବା ନେଇ ସନ୍ଦେହ ରହିଛି । କଂଗ୍ରେସ କହିଛି, ବଜେଟ ଅର୍ଥ ଖର୍ଚ୍ଚ ହୋଇ ପାରୁନଥିବାରୁ ରାଜ୍ୟରେ ଠପ ହୋଇଛି ବିକାଶ କାର୍ଯ୍ୟ । ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୨୦୨୫-୨୬ ପାଇଁ ରାଜ୍ୟ ସରକାର ବଜେଟ ଆକାରରେ ୯.୪ ପ୍ରତିଶତ ବୃଦ୍ଧି କରିଥିଲେ । ୨୦୨୪-୨୫ରେ ୨ ଲକ୍ଷ ୬୫ ହଜାର କୋଟିର ବଜେଟ ପ୍ରସ୍ତୁତ ହୋଇଥିଲା । ଆଉ ୨୦୨୫-୨୬ରେ ବଜେଟ ଆକାର ୨ ଲକ୍ଷ ୯୦ ହଜାର କୋଟିକୁ ବଢିଲା । ଏଥିରେ କୃଷି ପାଇଁ କେବଳ ୩୭ ହଜାର ୮୩୮ କୋଟିର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା । ଏଥିସହ ୨୦୨୫ ଡିସେମ୍ବରରେ ସରକାର ଆଣିଥିଲେ ୧୭ ହଜାର ୪୪୦ କୋଟିର ଅତିରିକ୍ତ ବଜେଟ୍ । ତଥ୍ୟ କହୁଛି, ଗତବର୍ଷ ତୁଳନାରେ ରାଜସ୍ୱ ବିଭାଗ ୩୪.୭୬, ଅବକାରୀ ବିଭାଗ ୪୧.୬୬, ଏମଏସଏମଇ ୪୪.୨୨, ଶ୍ରମ ବିଭାଗ ପରି ବହୁ ବିଭାଗ କମ ଅର୍ଥ ଖର୍ଚ୍ଚ କରିଛନ୍ତି । ତେବେ କାହିଁକି ରାଜସ୍ୱ ବିଭାଗ କମ ଅର୍ଥ ଖର୍ଚ୍ଚ କରିଛି ସେନେଇ ଯୁକ୍ତି ବାଢ଼ିଛନ୍ତି ରାଜସ୍ୱ ମନ୍ତ୍ରୀ । ସରକାରୀ ହିସାବ କହୁଛି, ଡିସେମ୍ବର ସୁଦ୍ଧା ରାଜ୍ୟ ସରକାରଙ୍କ ବଜେଟ ବ୍ୟୟ ବରାଦ ଖର୍ଚ୍ଚ ୪୮.୨୮ ପ୍ରତିଶତ । ଏଭଳିସ୍ଥିତିରେ ପୁଣି ରାଜ୍ୟ ସରକାର ବଡ଼ ବଜେଟ ଆଣିବାକୁ କସରତ ଜାରି ରଖିଛନ୍ତି ।

## ନୂତନ ଶିଖରରେ ମାଲେସିଆ...

ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଆମର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଭଳି ଅନେକ ପ୍ରମୁଖ ନେତା ତାମିଲନାଡୁରୁ ଆସିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ମାଲେସିଆ ସହିତ ଭାରତର ସମ୍ପର୍କ ଏବେ ନୂତନ ଶିଖରରେ ପହଞ୍ଚିଛି । ଗତ ବର୍ଷ, ଯେତେବେଳେ ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ନୂଆଦିଲ୍ଲୀ ଗସ୍ତ କରିଥିଲେ, ଭାରତ ଏବଂ ମାଲେସିଆ ସେମାନଙ୍କର ରଣନୈତିକ ସହଭାଗୀତାକୁ ଯଥେଷ୍ଟ ମଜବୁତ କରିଥିଲେ । ଭାରତର ସଫଳତା ହେଉଛି ମାଲେସିଆର ସଫଳତା । ଉଭୟ ଦେଶ ପରସ୍ପରର ସଫଳତାକୁ ପାଳନ କରୁଛନ୍ତି । ସେ କହିଛନ୍ତି ଯେ ଭାରତ-ମାଲେସିଆର ସଫଳତା ହେଉଛି ଏସିଆର ସଫଳତା । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଯେ ଭାରତର ୟୁପିଆଇ ଖୁବ୍ ଶୀଘ୍ର ମାଲେସିଆରେ ଆସୁଛି । ଗତ ଦଶନ୍ଧିରେ ଭାରତ ବିମାନବନ୍ଦରଠାରୁ ଆରମ୍ଭ କରି ଆଧୁନିକ ବନ୍ଦେ ଭାରତ ଟ୍ରେନର ବିକାଶ ପର୍ଯ୍ୟନ୍ତ ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିଛି । ସମଗ୍ର ସ୍ଥାନରେ 'ମୋଦୀ, ମୋଦି' ଧ୍ୱନି ଗୁଞ୍ଜରିତ ହୋଇଥିଲା । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଭାରତ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବ । ଏହା ସହିତ, ଏହା ବିଶ୍ୱର ସର୍ବବୃହତ ଆନ୍ତଃ-ପରିବେଶ ବ୍ୟବସ୍ଥା ମଧ୍ୟ ସୃଷ୍ଟି କରିବ, ଏବଂ ଏହା ବିଶ୍ୱର ସର୍ବବୃହତ ଡିଜିଟାଲ ନେଟୱାର୍କ ହେବ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ନିକଟ ଅତୀତରେ ଭାରତ ୟୁଏଇ, ଓମାନ, ନ୍ୟୁଜିଲ୍ୟାଣ୍ଡ, ୟୁରେସିଆ, ୟୁରୋପୀୟ ସଂଘ ଏବଂ ଆମେରିକା ସହିତ ପ୍ରମୁଖ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛି । ସେ କହିଛନ୍ତି ଯେ ଭାରତ ବିଶ୍ୱରେ ଏକ ନିର୍ଭରଯୋଗ୍ୟ ବାଣିଜ୍ୟ ଅଂଶୀଦାର ପାଲଟିଛି । ବିଶ୍ୱାସ ହେଉଛି ଭାରତର ସବୁଠାରୁ ବଡ଼ ସମ୍ପତ୍ତି । ସେ ଭାରତୀୟ ସମ୍ପ୍ରଦାୟକୁ ପଚାରିଥିଲେ ଯେ ସେମାନେ ଏକ ବିକଶିତ ଭାରତ ଗଠନ କରିପାରିବେ କି ନାହିଁ, ସେମାନେ ସେମାନଙ୍କର ସ୍ୱପ୍ନକୁ ସାକାର କରିପାରିବେ କି ନାହିଁ, ସେମାନେ ସେମାନଙ୍କର ସଂକଳ୍ପ ପୂରଣ କରିପାରିବେ କି ନାହିଁ । ଏହି ବିଷୟରେ ଲୋକମାନେ ତାଙ୍କ ସହିତ ସହମତ ହୋଇଥିଲେ । ସେ କହିଥିଲେ ଯେ ପ୍ରବାସୀ ଭାରତୀୟମାନେ ଆମ ପାଇଁ ଏକ ବଡ଼ ସମ୍ପତ୍ତି ।

## ସମୁଦ୍ର ମଝିରେ ଚାଲିଛି ସର୍ଚ୍ଚ...

ଆଙ୍ଗ୍ଲୋ ଇଷ୍ଟର୍ଣ୍ଣ କମ୍ପାନୀ ପକ୍ଷରୁ ଇମେଲ ଜରିଆରେ ଜଣାଇଛି । ୪ଟି ପାଣି ଜାହାଜ ଓ ଗୋଟିଏ ବିମାନ ସାହାଯ୍ୟରେ ସାର୍ଥକଙ୍କୁ ଖୋଜିବା ପାଇଁ ପ୍ରୟାସ କରାଯାଇଥିବା କମ୍ପାନୀ କହିଛି । ୧୬୯ ନଟିକାଲ୍ ବର୍ଗ ମାଇଲ୍ ଅଞ୍ଚଳରେ ଖୋଜା ଚାଲିଛି । ୫୫ ଘଣ୍ଟାରୁ ଅଧିକ ସମୟ ଧରି ତଲାସୀ ଚାଲିଥିବା ଆଙ୍ଗ୍ଲୋ ଇଷ୍ଟର୍ଣ୍ଣ ପକ୍ଷରୁ ସୂଚନା ଦିଆଯାଇଛି । ୩ ଫେବୃଆରୀ ସକାଳେ ଜାହାଜର ସିସିଟିଭିରେ ନଜର ଆସିଥିଲେ ସାର୍ଥକ । ସାଦା ପୋଷାକରେ ଫୋନ୍ ଧରି ଜାହାଜର ଆକମୋଡେସନ୍ ଅଞ୍ଚଳରେ ଥିଲେ ସାର୍ଥକ । ଏନେଇ ପରିବାର ଲୋକଙ୍କୁ ସୂଚନା ଦେଇଛି ଆଙ୍ଗ୍ଲୋ ଇଷ୍ଟର୍ଣ୍ଣ । ଜାହାଜ କେବିନ୍‌ରୁ ସେ କେଉଁଆଡେ ଚାଲିଯାଇଥିବା କୁହାଯାଉଛି । ସାର୍ଥକର ସ୍ଥିତି ଜାଣିବା ପାଇଁ ଜାହାଜର ସିସିଟିଭି ବିଷୟରେ ଜାଣିବାକୁ ଚାହିଁଥିଲେ ପରିବାର ଲୋକ । ସିସିଟିଭି ଦୃଶ୍ୟ ବିଷୟରେ ଜାଣିବା ସମ୍ଭବ ନୁହଁ ବୋଲି ସଫାସଫା ମନା କରିଦେଇଥିଲା ଆଙ୍ଗ୍ଲୋ ଇଷ୍ଟର୍ଣ୍ଣ କମ୍ପାନୀ କର୍ତ୍ତୃପକ୍ଷ । କିନ୍ତୁ ଦିନକ ପରେ ସିସିଟିଭି ବିଷୟରେ ଇମେଲ ଜରିଆରେ ଜଣାଇଲା କମ୍ପାନୀ । କମ୍ପାନୀର ଏଭଳି ଆଚରଣ ଯୋଗୁଁ ସନ୍ଦେହ ବଢ଼ିଛି । ତେବେ ସାର୍ଥକ ଜାହାଜରେ ଯେଉଁଠି ରହୁଥିଲେ ସେହି ସ୍ଥାନର ଦୃଶ୍ୟ ଦେଖାଇବା ପାଇଁ କମ୍ପାନୀକୁ ନିବେଦନ କରିଥିଲେ ସାର୍ଥକଙ୍କ ମା । ଆଙ୍ଗ୍ଲୋ ଇଷ୍ଟର୍ଣ୍ଣ କମ୍ପାନୀର ଜଣେ ଅଧିକାରୀ ସାର୍ଥକଙ୍କ ଘରକୁ ଆସି ଭିଡିଓ କଲ ଜରିଆରେ ଜାହାଜରେ ଥିବା ସାର୍ଥକ ରହିଥିବା କୋଠରି ର ଦୃଶ୍ୟ ଦେଖାଇଥିଲେ । ସାର୍ଥକ ନିଖୋଜ ଘଟଣାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି ସାର୍ଥକଙ୍କ ମା । ତେବେ କିଛି ଦିନ ମଧ୍ୟରେ ସିପ୍ ସିଙ୍ଗାପୁରରେ ପହଞ୍ଚିବ । ଜାହାଜ ପହଞ୍ଚିଲା ପରେ ସାର୍ଥକ ନିଖୋଜ ଘଟଣାର ଖୋଲତାଡ଼ ହେବ । ସେହି ସମୟରେ ଉପସ୍ଥିତ ରହିବାକୁ ପରିବାର ସଦସ୍ୟଙ୍କୁ ନିବେଦନ କରିଛି ଆଙ୍ଗ୍ଲୋ ଇଷ୍ଟର୍ଣ୍ଣ କମ୍ପାନୀ ।

## ବ୍ଲାକସ୍ୱାନ ସମ୍ମିଳନୀରେ ଯୋଗଦେଲେ ...

ବଢୁଛି । ଏଭଳି ସ୍ଥିତିରେ ଓଡ଼ିଶା ସରକାର ଏବଂ ସିଙ୍ଗାପୁରର ଜିଏଫ୍‌ଟିଏନ୍ ବା ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱର୍କର ମିଳିତ ସହ ଯୋଗରେ ଆୟୋଜିତ ଏହି ଦୁଇ ଦିନିଆ ସମ୍ମିଳନୀ ଆଗାମୀ ଯୁବ ଯୁବପିଢୀଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି କହିଲେ, ଆମ ଦେଶର ଯୁବପିଢ଼ି ପାଇଁ ସୁନେଲି ଭବିଷ୍ୟତ ଅପେକ୍ଷା କରିଛି । ଫିନଟେକ୍ ଭାରତୀୟ ଅର୍ଥନୀତିର ଲାଇଫଲାଇନ ବା ଜୀବନରେଖା ହେବାକୁ ଯାଉଛି । ବୈଷୟିକ ଜ୍ଞାନକୌଶଳ ଉପରେ ଆମ ନିର୍ଭରଶୀଳତା ବଢ଼ି ବଢ଼ି ଚାଲିଛି । କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଆମ ବ୍ୟବସ୍ଥା, ପାଠପଢ଼ାରୁ ସ୍ୱାସ୍ଥ୍ୟ ସବୁ କ୍ଷେତ୍ରକୁ ନିର୍ଭରଶୀଳ କଲାଣି । ଆଗକୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଯୁବପିଢ଼ିଙ୍କୁ ଦକ୍ଷ କରିବାରେ ଫିନଟେକ୍ ବଡ଼ ଭୂମିକା ତୁଲାଇବ । ମହିଳା ଉଦ୍ୟୋଗୀ ସୃଷ୍ଟି ସହ ସଶକ୍ତିକରଣ ଓ ଆର୍ଥିକ ସ୍ୱାଧୀନତା ଆଣିବାରେ ଏହା ସହାୟକ ହେବ । ଜନଧନ ଆକାଉଣ୍ଟ ଦେଶରେ ବଡ଼ ବିପ୍ଲବ ଆଣିଛି । ଏ ସମ୍ମିଳନୀ ଓଡ଼ିଶା ଅର୍ଥନୀତିକୁ ସମୃଦ୍ଧ କରିବାର ବାଟ ଫିଟାଇବ ।ଏହି ସମ୍ମିଳନୀରେ ସିଙ୍ଗାପୁରର ଏଆଇ ସେକ୍ଟରର ଅଗ୍ରଣୀ ସଂସ୍ଥା ସ୍ରାଭମ ସହ ଓଡ଼ିଶା ସରକାରଙ୍କ ଏମଓୟୁ ସ୍ୱାକ୍ଷର ହୋଇଥିଲା । ଯାହା ଓଡ଼ିଶାକୁ ଟେକ୍ନୋଲୋଜି କ୍ଷେତ୍ରରେ ଆହୁରି ମଜଭୁତ କରିବ । ଦେଶ ବିଦେଶରୁ ବହୁ ସଂଖ୍ୟାରେ ପ୍ରତିନିଧି ଏହି ଦୁଇ ଦିନିଆ ସମ୍ମିଳନୀରେ ସାମିଲ ହୋଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ।

# ରାଜ୍ୟରେ ଖୁବ୍‌ଶୀଘ୍ର ଲାଗୁ ହେବ ନୂଆ ଅବକାରୀ ଆଇନ



ଭୁବନେଶ୍ୱର(ଏନ୍.ଏମ୍.) : ରାଜ୍ୟରେ ନିଶା ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଯାହା ଦ୍ୱାରାକି ଯୁବପୀଢ଼ି କୁମାର୍ଗକୁ ଗଳିଯାଉଛନ୍ତି । ବହୁ ପରିବାର ଉଜୁଡ଼ି ଯାଉଛି । ତେଣୁ ରାଜ୍ୟରେ ଖୁବ୍‌ଶୀଘ୍ର ଲାଗୁ ହେବ ନୂଆ ଅବକାରୀ ଆଇନ । ପ୍ରକ୍ରିୟା ଶେଷ ହେବା ପରେ ଅବକାରୀ ଆଇନ ଅନୁପାଳନ କରାଯିବ । ଏନେଇ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ଜୋରଦାର ହେବ । ଅବୈଧ ନିଶା କାରବାର ରୋକିବା ପାଇଁ ବି ପଦକ୍ଷେପ ନିଆଯିବ । ଚଢ଼ାଉ ବେଳେ ଏନ୍‌ଫୋର୍ସମେଣ୍ଟ ଟିମ୍ ବଡି କ୍ୟାମେରା ପିନ୍ଧିବେ । ଏହାଦ୍ୱାରା କୋର୍ଟରେ ଭିଡିଓ ପ୍ରମାଣ ଦେଇପାରିବେ ତଦନ୍ତକାରୀ ଅଫିସର । ପ୍ରମାଣ ଅଭାବରୁ ଆଉ ଅଭିଯୁକ୍ତ ଆଉ ଖସି ପାରିବେନି ବୋଲି ମନ୍ତ୍ରୀ କହିଛନ୍ତି । ଏଥିସହିତ ଅବକାରୀ କର୍ମଚାରୀ ଓ ଅଫିସରଙ୍କୁ ସଶସ୍ତ୍ର ବାହିନୀ କରିବାକୁ ପ୍ରକ୍ରିୟା ଚାଲିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ପାଚେରୀ ଡେଇଁ ହଷ୍ଟେଲରୁ ଦୁଇ ଷଷ୍ଠ ଶ୍ରେଣୀ ଛାତ୍ରୀ ଫେରାର ଘଟଣା

# ୨୧ ଘଣ୍ଟା ପରେ ହେଲେ ଉଦ୍ଧାର



ବାରିପଦା (ଏନ୍.ଏମ୍.) : ହଷ୍ଟେଲରୁ ୨ ଛାତ୍ରୀ ହେଲେ ଗାଏବ । ସନ୍ଧ୍ୟା ସମୟରେ କ୍ଲାସ ସରିବା ପର ଠାରୁ ଛାତ୍ରୀମାନେ ନିଖୋଜ ରହିଥିଲେ । ଆଉ ନିଖୋଜ ହେବାର ୨୧ ଘଣ୍ଟା ପରେ ୨ ଛାତ୍ରୀ ହେଲେ ଉଦ୍ଧାର । ଏଭଳି ଘଟଣା ଦେଖିବାକୁ ମିଳିଛି ଉଦଳା ବ୍ଲକ ରାଡୋ କେଜିବିଭି ବିଦ୍ୟାଳୟରେ । ରାଡୋ କେଜିବିଭି ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଷଷ୍ଠ ଶ୍ରେଣୀର ଦୁଇ ଅନ୍ତେବାସିନୀ ମନ୍ଦାକିନୀ ସିଂ ଏବଂ ରାଜଲକ୍ଷ୍ମୀ ସିଂ ଗୁରୁବାର ରାତି ୮ ଟା ସମୟ ଠାରୁ ହଷ୍ଟେଲରୁ ନିଖୋଜ ଥିଲେ । ପରବର୍ତ୍ତୀ ସମୟରେ ଘଟଣା ସଂପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଅବଗତ କରାଇଥିଲା । ଖବର ପାଇ ଉଭୟ ଛାତ୍ରୀଙ୍କ ଅଭିଭାବକ ଘର ଠାରୁ ଆରମ୍ଭ କରି ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ପାଇ ନ ଥିଲେ । ଏପରିକି ଅଭିଭାବକମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ପତ୍ତା ମିଳିନଥିଲା । ହଷ୍ଟେଲ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଥିଲେ । ଏପରିକି ଘଟଣା ବାବଦରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାଳତୀ ବେହେରା ଓ ୱାର୍ଡେନ୍ ରଶ୍ମିତାରାଣୀ ସାମଲ କିଛି କହି ନ ଥିବା ବେଳେ ହଷ୍ଟେଲରେ ଲାଗିଥିବା ସିସିଟିଭିକୁ ଧରି ତଦନ୍ତ ଆରମ୍ଭ କରିଥିଲେ ଉଦଳା ବିଇଓ । ଉଦଳା ବିଇଓ ଦୀପକ କୁମାର ମିଶ୍ର ଏବଂ ଏବିଇଓ ମିନତୀ ମଞ୍ଜରୀ ପଣ୍ଡା ବିଦ୍ୟାଳୟରେ ପହଂଚି ତଦନ୍ତ କରିଥିଲେ । ବିଇଓ ତଦନ୍ତ ସମୟରେ ସିସିଟିଭି ଫୁଟେଜ ଦେଖିଥିବା ବେଳେ ସନ୍ଧ୍ୟା ସମୟରେ ହଷ୍ଟେଲରେ କ୍ଲାସ ସରିବା ପରେ ଦୁଇ ଛାତ୍ରୀ ଏକ ପାଖିଆ ହୋଇ ଛିଡା ହୋଇଥିଲେ ଏବଂ ପରେ ବିଦ୍ୟାଳୟର ପାଚେରୀ ଡେଇଁ ବାହାରକୁ ଚାଲି ଯାଇଥିବା ଜାଣିବାକୁ ପାଇଥିଲେ । ହେଲେ ହଷ୍ଟେଲରେ ଅନ୍ତେବାସିନୀ ପାଚେରୀ ଡେଇଁ ଚାଲିଯାଇଥିଲେ ସୁଦ୍ଧା ୱାର୍ଡେନ କିମ୍ବା ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟିତ୍ରୀ କିଛି ଜାଣି ପାରି ନ ଥିଲେ । ସେପଟେ ଅନେକ ଖୋଜାଖୋଜି ଚାଲିଥିବା ବେଳେ ୨୧ ଘଣ୍ଟା ପରେ ଉଭୟ ଛାତ୍ରୀଙ୍କୁ ଶ୍ମଶାନକାଳି ରାସ୍ତାରେ ପାଇଥିଲେ ସ୍ଥାନୀୟ ବାସିନ୍ଦା । ପରେ ଏ ନେଇ ପୋଲିସ୍ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ । ଉଭୟ ଛାତ୍ରୀଙ୍କୁ ଉଦ୍ଧାର କରାଯାଇ ଥାନାକୁ ଅଣାଯାଇଥିଲା । ଥାନାକୁ ଆଣିବା ପରେ ଛାତ୍ରୀମାନଙ୍କ ବୟାନ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ସାମ୍ନାକୁ ଆଣିଥିଲା । ଛାତ୍ରୀ ଦୁଇ ଜଣ ମେଳା ବୁଲିବା ପାଇଁ ହଷ୍ଟେଲ ପାଚେରୀ ଡେଇଁ ବାହାରକୁ ଚାଲି ଯାଇଥିବା ବେଳେ ମେଳା ବୁଲି ସାରି ରାତି ତମାମ ବାହାରେ ରହିଥିଲେ ଏବଂ ଶୁକ୍ରବାର ଅପରାହ୍ନରେ ଚାଲି ଚାଲି ଶ୍ମଶାନ କାଳୀ ରାସ୍ତାରେ ଯାଉଥିବା ବେଳେ ଉଦ୍ଧାର ହୋଇଥିଲେ । ଦୁଇ ଛାତ୍ରୀ ଉଦ୍ଧାର ହେବା ପରେ ସେମାନଙ୍କୁ ଅଭିଭାବକମାନଙ୍କୁ ହସ୍ତାନ୍ତର କରାଯାଇଛି । ମାତ୍ର ସୁପରିଟେଣ୍ଡେଣ୍ଟ ଏବଂ ୱାର୍ଡେନଙ୍କ ଅବହେଳା ଜଳଜଳ ଦେଖାଯାଉଥିଲେ ହେଁ ତାଙ୍କ ବିରୁଦ୍ଧରେ ଏବେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ସେପଟେ ଏହି ଘଟଣାରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ । ତେବେ କାର୍ଯ୍ୟରେ ଅବହେଳା କରିଥିବା ଦୁଇ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ହେଉଛି ତାହାକୁ ଅପେକ୍ଷା ।

## ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା (ଏନ୍.ଏମ୍.) : ଜଣେ ନାଗରିକ ହିସାବରେ ଦେଶରେ ଚାଲୁଥିବା ଜଣଗଣନା କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବା ନିତ୍ୟାନ୍ତ ଆବଶ୍ୟକ । ଯେଭଳି ଭୋଟ ଦେବାର ଅଧିକାର ରହିଛି ସେହିଭଳି ଜନଗଣନାରେ ସାମିଲ ହେଲେ ସମସ୍ତଙ୍କୁ ସରକାରୀ ସୁବିଧା ମିଳିବା ପାଇଁ ସୁବିଧା ହେବ । ଜନଗଣାନା ସମୟରେ ନୂତନ ସଂଯୋଗ ହୋଇଥିବା ତାଲିକା ସହିତ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାମ ତାଲିକାରୁ ସଂଶୋଧନ ହୋଇ ପାରିବ । ତେବେ ଆସନ୍ତା ବର୍ଷ-୨୦୨୭ ପ୍ରଥମ ପର୍ଯ୍ୟାୟ ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀ ମାନଙ୍କୁ ନେଇ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୨୦୧୧ ପରେ ୧୫ ବର୍ଷ ବ୍ୟବଧାନରେ ଜନଗଣନା ହେଉଥିବାରୁ ସଠିକ ଏବଂ ଦାୟିତ୍ୱବାନ ହୋଇ ଜନଗଣନା କାର୍ଯ୍ୟ କରିବାକୁ ବୈଠକରେ ଅଧକ୍ଷତା କରିଥିବା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ କହିଛନ୍ତି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡିଡି ପ୍ଲାନିଂ ଆରତୀ ନାୟକ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟର ମାନେ ଉପସ୍ଥିତ ଥିଲେ ।

### ସୁବର୍ଣ୍ଣପୁର ଏସପିଙ୍କ ସାମ୍ବାଦିକ ସମ୍ମିଳନୀରେ ସୂଚନା

## ବିଦ୍ୟାଳୟରେ ଅସାମାଜିକ ଯୁବକର ଉନ୍ମତ୍ତ କାଣ୍ଡ : ଅଭିଯୁକ୍ତ ଗିରଫ



ସୁବର୍ଣ୍ଣପୁର(ଏନ୍.ଏମ୍.) : ରାଜ୍ୟରେ ନିଶାସେବନ ସହ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହା ଦ୍ୱାରା ସମାଜ କଳୁଷିତ ହୋଇ ପଡ଼ିବା ସହ ସାଧାରଣ ଜନତା ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ତେବେ ଏଭଳି ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ଏପରିକି ଶିକ୍ଷାନୁଷ୍ଠାନରେ ପଶି ଆକ୍ରମଣ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି ।ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କମସରା ନୋଡାଲ ସ୍କୁଲକୁ ଦୁଇ ଜଣ ଦୁର୍ବୃତ୍ତ ପ୍ରବେଶ କରି ଶିକ୍ଷକମାନଙ୍କୁ ବାଡେଇ ଥିବା ଘଟଣାରେ ଉକ୍ତ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିବା ନେଇ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ପ୍ରେସ ମିଟରେ ଏସପି ନାରାୟଣ ନାୟକଙ୍କ ସୂଚନା ଦେଇଛନ୍ତି । ସୂଚନା ମୁତାବକ ତରଭା ବ୍ଲକ୍ ଅଧିନସ୍ଥ କମସରା ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ ଦୁଇ ଜଣ ଯୁବକ ବିଦ୍ୟାଳୟ ପରିସରରେ ଶିକ୍ଷକକୁ ବାଡେଇବା ଘଟଣା ନେଇ ତରଭା ଥାନା ରେ ଏତାଲା ହୋଇଥିଲା । ଆଶିଷ ବିଭାର ଓ ଅମିୟ ଭୂଷଣ ନାଗ ବିଦ୍ୟାଳୟରେ ପ୍ରବେଶ କରି ଛାତ୍ର ଛାତ୍ରୀ ଙ୍କ ସମ୍ମୁଖରେ ଶିକ୍ଷକଙ୍କୁ ଗାଳି ଗୁଲଜ କରିବା ସହିତ ଶିକ୍ଷକ ଗୌରୀଶଙ୍କର ସାହୁ, ଶିକ୍ଷକ ସତ୍ୟବ୍ରତ ବେହୁରାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ । ତରଭା ଥାନାରେ ଶିକ୍ଷକ ମାନେ ଲିଖିତ ଅଭିଯୋଗ କରିବା ପରେ ମାମଲା ରୁଜୁ କରି ତରଭା ପୁଲିସ ଛାନଭିନ ଆରମ୍ଭ କରିଥିଲା ।ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ଶିକ୍ଷକ ମାନେ ଅଡ଼ି ବସିଥିବା ବେଳେ ଗିରଫ ନ କଲେ ଶିକ୍ଷାଦାନ ଦେବେ ନାହିଁ କହି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଉକ୍ତ ବିଷୟକୁ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗମ୍ଭୀରତାର ସହ ନେଇ ଜଣେ ଅଭିଯୁକ୍ତ ଅମିୟ ଭୂଷଣ ନାଗକୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଆଉ ଜଣେ ଫେରାର ଥିବା ଏସପି ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ଜିଲ୍ଲା ପୁଲିସ ତତ୍ପର ଅଛି ଓ କୌଣସି ଅସୁବିଧା ହେବ ନାହିଁ । ଶିକ୍ଷକ ମାନେ ଶିକ୍ଷାଦାନ କରନ୍ତୁ କହି ଗଣମାଧ୍ୟମ ଜରିଆରେ ଅନୁରୋଧ କରିଛନ୍ତି ଏସପି ଶ୍ରୀ ନାୟକ ।

# ବିଜେଡି ଦଳରେ ବଢୁଛି ଫାଟ : ତାଳି ପକାଉଛନ୍ତି ପୂର୍ବତନ ବିଧାୟକ

ବିଜୁ ଜନତା ଦଳ

### ନେତୃତ୍ୱ ନେବାକୁ ଲୋକପ୍ରତିନିଧି ଅମଙ୍ଗ ଅସହାୟ ପ୍ରକାଶ କଲେ ନଗର ସଭାପତି

**ଚୌଦ୍ୱାର(ଏନ୍.ଏମ୍.) :** ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ ଏବେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି । କୌଣସି ନିର୍ବାଚନ ପାଇଁ ନୁହେଁ, ବରଂ ଦଳକୁ ତୃଣମୂଳସ୍ତରରୁ ମଜବୁତ କରିବାକୁ ଥିବା ରଣକୌଶଳରେ ଦଳୀୟ କର୍ମୀ ଓ ନେତାଙ୍କ ଅସହଯୋଗ ଯୋଗୁଁ ଏଭଳି ଘଟିଥିବା କୁହାଯାଉଛି । ତେବେ ବିଭିନ୍ନ ରାଜନୈତିକ ଦଳରେ ଦଳଡିଆ କର୍ମୀମାନଙ୍କ ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଚର୍ଚ୍ଚା ହେଉଛି । ବିଶେଷ କରି ଚୌଦ୍ୱାର ଅଞ୍ଚଳରେ ବିଜେଡି ଦଳର ସାଂଗଠନିକ ବୈଠକରେ ନିର୍ବାଚିତ ପ୍ରତିନିଧିମାନଙ୍କ ଅନୁପସ୍ଥିତି ଦଳ ଭିତରେ ଫାଟ ସୃଷ୍ଟି ହେବା ଘଟଣାକୁ ସ୍ପଷ୍ଟ କରୁଛି । ଅନ୍ୟପକ୍ଷରେ ସ୍ୱାର୍ଥପର କର୍ମୀ ଓ ନେତାମାନେ ଦଳର ସଂକଟ ସମୟରେ ଦଳୀୟ ସଂଗଠନରୁ ଦୁରେଇ ଯାଉଥିବା ଭଳି ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର ସ୍ଥିତ ଶିଶୁସଦନ ଠାରେ ବିଜେଡି ଦଳର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକର ଆୟୋଜନ ହୋଇଥିଲା । ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାରର ନବନିର୍ବାଚିତ ନଗର ସଭାପତି ପ୍ରେମଚାନ୍ଦ ନାୟକଙ୍କ ମାଧ୍ୟମରେ ଏହି ବୈଠକ ଆହୁତ ହୋଇଥିଲା । ମାତ୍ର ଏହି ବୈଠକରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଶ୍ରୀ ବିଶ୍ୱାଳ ଓ ଶ୍ରୀ ନାୟକ ସେଠାରେ ଅପେକ୍ଷା କରିଥିବାବେଳେ ମାତ୍ର ୫ଜଣ ବିଜେଡି କାଉନସିଲର ସେଠାରେ ଉପସ୍ଥିତ ଥିଲେ । ଚୌଦ୍ୱାର ପୌରାଞ୍ଚଳରେ ୧୪ଜଣ ବିଜେଡି ଦଳର କାଉନସିଲର ଥିଲେ ମଧ୍ୟ ସେଠାରେ ଅନ୍ୟ ୯ଜଣଙ୍କୁ ଦେଖିବାକୁ ମିଳିନଥିଲା । ତେବେ ଚୌଦ୍ୱାର ଉପନଗରପାଳଙ୍କ ସମେତ ଅନ୍ୟ କାଉନସିଲର ବିଳମ୍ବରେ ପହଞ୍ଚିବାରୁ ଶ୍ରୀ ବିଶ୍ୱାଳ କ୍ରୋଧ ଜର୍ଜରିତ ହୋଇ ବୈଠକରୁ ଉଠି ପଳାଇଥିଲେ । ଏହାର ବହୁ ବିଳମ୍ବରେ ଚୌଦ୍ୱାର ପୌରାଧକ୍ଷା ପହଞ୍ଚିବା ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ଉପସ୍ଥିତ କାଉନସିଲରମାନେ ଶ୍ରୀ ବିଶ୍ୱାଳଙ୍କ ପିଛା କରି ଅଧାବାଟରେ ଅଟକାଇ ତାଙ୍କୁ ବିଳମ୍ବ ପାଇଁ କ୍ଷମା ମାଗିଥିଲେ ମାତ୍ର ଶ୍ରୀ ବିଶ୍ୱାଳ ଆଉ ଫେରିନଥିଲେ । ଅନ୍ୟପକ୍ଷରେ ଉକ୍ତ ବୈଠକରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଏବଂ ଉପନଗରପାଳଙ୍କ ଶୁଭେନ୍ଦୁ ସାମଲ ମଧ୍ୟରେ କଥା କଟାକଟି ମଧ୍ୟ ହୋଇଥିଲା । ଏପରିକି ଚୌଦ୍ୱାରରେ ଯେଉଁ ଉନ୍ନତିମୂଳକ କାମ ହେଉଛି ତାହା କାଉନସିଲ ଜାଣୁନଥିବା ବିଷୟରେ ଉପନଗରପାଳ ଶ୍ରୀ ସାମଲ ଅଭିଯୋଗ ଆଣିଥିଲେ । ତେବେ ନଗର ସଭାପତି ଶ୍ରୀ ନାୟକ ତୃଣମୂଳସ୍ତରରେ ଦଳର ସ୍ଥିତି ସୁଦୃଢ଼ କରିବା ନିମନ୍ତେ ପୌରାଧକ୍ଷାଙ୍କୁ ଦାୟିତ୍ୱ ନେବାକୁ ଅନୁରୋଧ କରିଥିବାବେଳେ ସେ ସ୍ପଷ୍ଟ ମନା କରି ଦେଇଥିଲେ । ସମ୍ପ୍ରତି ଦଳର ଏଭଳି ସଂକଟ ସମୟରେ କେହି ଦାୟିତ୍ୱ ନେବାକୁ ରାଜି ନହେବା ଯୋଗୁଁ ନଗର ସଭାପତି ନିଜକୁ ଅସହାୟ ବୋଲି ପ୍ରକାଶ କରିଥିଲେ । ଏ ନେଇ ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳଙ୍କୁ ପଚାରିବାବେଳେ ଏ ପ୍ରସଙ୍ଗକୁ ଟାଳି ଦେଇଥିବାବେଳେ ନଗର ସଭାପତି ଶ୍ରୀ ନାୟକ ଏବଂ ଉପନଗରପାଳ ଶ୍ରୀ ସାମଲ ଏହାକୁ ପରୋକ୍ଷରେ ସ୍ୱୀକାର କରିଛନ୍ତି ।




# ୧୯ ବର୍ଷରୁ କମ୍ ବିଶ୍ୱକପ୍ — ଷଷ୍ଠଥର ପାଇଁ ଯୁବ ଭାରତ ବିଶ୍ୱବିଜୟୀ




ହରାରେ (ଏଜେନ୍ସି) : ବାଜି ମାରିଲା ଭାରତ। ରେକର୍ଡ ଷଷ୍ଠ ଥର ପାଇଁ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍‌ରେ ହେଲା ଚାମ୍ପିୟନ। ଇଂଲଣ୍ଡକୁ ୧୦୦ ରନ୍‌ରେ ପରାସ୍ତ କରି ଭାରତ ପୁଣି ହାତେଇଛି ଏହି ଟାଇଟଲ। ହରାରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କ ଚିତ୍ତାକର୍ଷକ ବ୍ୟାଟିଂ ଫଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୪୧୧ ରନ୍ ସଂଗ୍ରହ କରିଥିଲା। ଦଳ ୯ଟି ୱିକେଟ୍ ହରାଇଥିଲା। ୪୧୨ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇ ଥିବା ଇଂଲଣ୍ଡ ୩୧୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। କ୍ୟାଲେବ ଫାଲକୋନର ୬୭ ବଲ୍‌ରୁ ୧୧୫ ରନ୍ କରିଥିଲେ ହେଁ ଦଳକୁ ବିଜୟୀ କରାଇବାରେ ବିଫଳ ହୋଇଥିଲେ। କାରଣ ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ। ଓପନର ବେନ୍ ଡାୱ୍‌କିନ୍‌ସ ୫୬ ବଲ୍‌ରୁ ୬୬ ରନ୍ କରିଥିବା ବେଳେ ଜୋ ମୋରିସ୍ ୧୭ ରନ୍ କରି ଆଉଟ୍ ହୋଇଯାଇଥିଲେ। ବେନ୍ ମେୟସ ୪୫ ରନ୍ କରିଥିବା ବେଳେ ଅଧିନାୟକ ଥୋମାସ ୩୧ ରନ୍ କରିଥିଲେ। ସେହିପରି ଜେମ୍‌ସ ମିଣ୍ଟୋ ୨୮ ରନ୍ କରିଥିଲେ। ୨ ଜଣ ବ୍ୟାଟର ଖାତା ଖୋଲି ପାରି ନଥିବା ବେଳେ ଆଉ ୨ ଜଣ ଯଥାକ୍ରମେ ୧ ଓ ୩ ରନ୍ କରିଥିଲେ। ଦଳ ୪୦.୨ ଓଭରରେ ୩୧୧ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା।

ଆର.ଏସ୍ ଆମ୍ବ୍ରିଶ ୩ଟି ୱିକେଟ୍ ନେଇଥିବା ବେଳେ ଡି ଦୀପେଶ ଓ କନିଷ୍କ ଚୌହାନ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଆୟୁଷ ମହାତ୍ରେ ଗୋଟିଏ ୱିକେଟ୍ ନେଇଥିଲେ। ଭାରତୀୟ ଦଳର ଏହି ବିଶାଳ ସ୍କୋରରେ ସବୁଠୁ ଅଧିକ ଯୋଗଦାନ ରହିଛି ବୈଭବ ସୂର୍ଯ୍ୟବଂଶୀଙ୍କର। ସେ ୧୭୫ ରନ୍ କରିଛନ୍ତି। ୮୦ଟି ବଲ୍‌ରୁ ୧୫ ଚୌକା ଓ ୧୫ ଛକା ସହାୟତାରେ ସେ ଏହି ସ୍କୋର କରିଛନ୍ତି।

୫୦ ଓଭରର ଯେକୌଣସି ଆଇସିସି ଫାଇନାଲ (ପୁରୁଷ ସିନିୟର, ୧୯ ବର୍ଷରୁ କମ୍ ପୁରୁଷ, ମହିଳା ସନିୟର ଓ ୧୯ ବର୍ଷରୁ କମ୍ ମହିଳା କ୍ରିକେଟ୍ ବିଶ୍ୱକପ୍ ଫାଇନାଲ) ରେ ଏହା ହେଉଛି କୌଣସି ଭାରତୀୟ ବ୍ୟାଟରଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର।

ସୂର୍ଯ୍ୟବଂଶୀ ମାତ୍ର ୫୫ ବଲ୍‌ରେ ଶତକ ପୂରଣ କରିଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଏହା ହେଉଛି ଦ୍ରୁତତମ ଶତକ। ସେହିପରି ୧୯ ବର୍ଷରୁ କମ୍ ବିଶ୍ୱକପ ଇତିହାସରେ ତାଙ୍କର ଏହି ଶତକ ହେଉଛି ଅନ୍ୟତମ ଦ୍ରୁତତମ ଶତକ। ଏହା ସହିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଶତକ ମାରିବାରେ ସେ ହେଉଛନ୍ତି ତୃତୀୟ ଭାରତୀୟ। ପୂର୍ବରୁ ମନଜୋତ କାଲରା ଓ ଉନ୍ମୁକ୍ତ ଚାନ୍ଦ ଶତକ ମାରିଥିଲେ। ସୂର୍ଯ୍ୟବଂଶୀ ଆଜି ଫାଇନାଲରେ ୧୫ଟି ଛକା ମାରିଥିବା ବେଳେ ଏହା ଏକ ରେକର୍ଡ। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଯେକୌଣସି ମ୍ୟାଚ୍‌ରେ ଏତେ ସଂଖ୍ୟକ ଛକା ମାରିବାରେ ସୂର୍ଯ୍ୟବଂଶୀ ସର୍ବାଗ୍ରେ ରହିଛନ୍ତି। ପୂର୍ବରୁ ୨୦୦୮ରେ ଅଷ୍ଟ୍ରେଲିଆର ମାଇକେଲ ହିଲ ନାମିବ୍ୟା ବିରୋଧରେ ଏକ ମ୍ୟାଚ୍‌ରେ ୧୨ଟି ଛକା ମାରିଥିଲେ।

ସୂର୍ଯ୍ୟବଂଶୀ ୧୭୫ ରନ୍ କରିଥିବା ବେଳେ ଅଧିନାୟକ ଆୟୁଷ ମହାତ୍ରେ ୫୧ଟି ବଲ୍‌ରୁ ୫୩ ରନ୍ କରିଥିବା ବେଳେ ବେଦାନ୍ତ ତ୍ରିବେଦୀ ୩୨, ବିହାନ ମଲହୋତ୍ରା ୩୦, ଅଭିଜ୍ଞ କୁଣ୍ଡୁ ୪୦, ଆରଏସ ଆମ୍ବ୍ରିଶ ୧୮ ରନ୍ କରିଥିବା ବେଳେ କନିଷ୍କ ଚୌହାନ ୩୭ ରନ୍ କରି ନଟ୍‌ଆଉଟ୍ ରହିଥିଲେ। ଖିଲନ ପଟେଲ ଓ ହେନୀଲ ପଟେଲ ଯଥାକ୍ରମେ ୩ ଓ ୫ ରନ୍ କରିଥିଲେ।

ଭାରତକୁ ପ୍ରଥମ ଝଟକା ଚତୁର୍ଥ ଓଭରରେ ଲାଗିଥିଲା। ଆଉଟ୍ ହୋଇଯାଇଥିଲେ ଓପନର ଆରୋନ ଜର୍ଜ। ସେ ମାତ୍ର ୯ ରନ୍ କରିଥିଲେ। କିନ୍ତୁ ଭାରତକୁ କିଛି ଫରକ ପଡ଼ି ନଥିଲା। ସୂର୍ଯ୍ୟବଂଶୀ ବହୁତ ଶୀଘ୍ର ସେଟେଲ ହୋଇଯାଇଥିଲେ। ସେ ଧୂଆଁଧାର ବ୍ୟାଟିଂ କରିଥିଲେ। ୨୫.୩ ଓଭରରେ ସେ ଆଉଟ୍ ହେଲା ବେଳକୁ ଦଳର ସ୍କୋର ୨୫୧ରେ ପହଞ୍ଚି ଯାଇଥିଲା।

ଇଂଲଣ୍ଡ ପକ୍ଷରୁ ଆଲେକ୍ସ ଗ୍ରୀନ ଓ ମ୍ୟାନୀ ଲମସନଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିବା ବେଳେ ଜେମ୍ ?ସ ମିଣ୍ଟୋଙ୍କୁ ୩ଟି ୱିକେଟ୍ ମିଳିଛି। ଆର ଆଲବର୍ଟ ଗୋଟିଏ ୱିକେଟ୍ ପାଇଛନ୍ତି।

### ଏସୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

## ଚୀନ୍‌ଠାରୁ ହାରି ବିଦାୟ ନେଲା ଭାରତୀୟ ମହିଳା ଦଳ



ନୂଆଦିଲ୍ଲୀ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ୍ ଭାରତୀୟ ମହିଳା ଦଳ ଶୁକ୍ରବାର ଏଠାରେ ବ୍ୟାଡମିଣ୍ଟନ ଏସିଆ ଟିମ୍ ଚାମ୍ପିଅନସିପ୍‌ରେ କ୍ୱାର୍ଟର ଫାଇନାଲରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଚୀନ୍ ଦଳଠାରୁ ୩-୦ ରେ ପରାସ୍ତ ହେବା ପରେ ବିଦାୟ ନେଇଛି। କ୍ୱାର୍ଟର ଫାଇନାଲରେ ଭାରତୀୟ ପୁରୁଷ ଦଳ ଦକ୍ଷିଣ କୋରିଆକୁ ଭେଟିବ। ଭାରତ ୨୦୨୪ ରେ ଏହି ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସୃଷ୍ଟି କରିଥିଲା କିନ୍ତୁ ଏଥର ପିଭି ସିନ୍ଧୁଙ୍କ ଅନୁପସ୍ଥିତି ଭାରତର ସମ୍ଭାବନାକୁ କ୍ଷତି ପହଞ୍ଚାଇଥିଲା। ଟୁର୍ଣ୍ଣାମେଣ୍ଟରେ ପୂର୍ବରୁ ଦୁଇଟି ମ୍ୟାଚ୍ ଜିତିଥିବା ବିଶ୍ୱର ୪୨ ନମ୍ବର ତନଭି ଶର୍ମା ଏକପାଖିଆ ମ୍ୟାଚ୍ରେ ଦଶମ ସ୍ଥାନରେ ଥିବା ଗାଓ ଫାଙ୍ଗ ଜିଙ୍କ ଠାରୁ ହାରି ଯାଇଥିଲେ। ଗାୟତ୍ରୀ ଗୋପୀଚାନ୍ଦ ଏବଂ ତ୍ରିଷା ଜଲିଙ୍କ ଯୋଡ଼ି ଏକ ଲଢୁଆ ପ୍ରଦର୍ଶନ କରିଥିଲେ କିନ୍ତୁ ବିଶ୍ୱର ଚତୁର୍ଥ ନମ୍ବର ଯୋଡ଼ି ଜିଆ ୟି ଫ୍ୟାନ୍ ଏବଂ ଝାଙ୍ଗ ଶୁଏ ଜିଆନ୍ ୨୨-୨୪,୧୮-୨୧ ଙ୍କ ଠାରୁ ହାରି ଯାଇଥିଲେ। ରକ୍ଷିତା ରାମରାଜ ଦ୍ୱିତୀୟ ସିଙ୍ଗଲ୍ସରେ ୭୦ ମିନିଟର ପ୍ରତିଯୋଗିତାରେ ଜୁ ୱେନ୍ ଜିଙ୍ଗ ୧୪-୨୧,୨୧-୧୫,୧୭-୨୧ ଙ୍କ ଠାରୁ ହାରି ଯାଇଥିଲେ। ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚରେ ଭାରତ ମିଆଁମାରକୁ ୫ ରନ୍‌ରେ ପରାସ୍ତ କରିଥିଲା। ସେମାନେ ୦ରେ ପରାସ୍ତ ହୋଇଥିଲେ ମଧ ଥାଇଲାଣ୍ଡଠାରୁ ୩-୦ରେ ପରାସ୍ତ ହୋଇଥିଲେ।

## ହାଇ ଜମ୍ପରେ ବ୍ରୋଞ୍ଜ ଜିତିଲେ ଆଦର୍ଶ ରାମ ଜ୍ୟୋତି ଶଙ୍କର




ନୂଆଦିଲ୍ଲୀ (ଏଜେନ୍ସି) :ଆଦର୍ଶ ରାମ ଜ୍ୟୋତି ଶଙ୍କର ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୧୨ ତମ ଏସୀୟ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପରେ ପୁରୁଷ ହାଇ ଜମ୍ପରେ ବ୍ରୋଞ୍ଜ ପଦକ ଜିତି ଭାରତର ବ୍ଲଶକୁ ବଞ୍ଚାଇଥିଲେ। ଶଙ୍କର ୨.୧୯ ମିଟର ଲମ୍ଫ ମାରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଭାରତୀୟ ଆଥଲେଟ୍ ଧୀରେ ଧୀରେ ୧୪ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ପଦକ ହାସଲ କରିବାର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇଥିଲେ। ପ୍ରତିଯୋଗିତା ଆଗକୁ ବଢ଼ିବା ସହିତ, ସ୍ୱର୍ଣ୍ଣ ପଦକ ପାଇଁ ଦୌଡ଼ ଶଙ୍କର ଏବଂ ଜାପାନର ଦୁଇ ଆଥଲେଟ୍‌ଙ୍କ ପାଇଁ ସଙ୍କୁଚିତ ହୋଇଗଲା। ଶଙ୍କର ୨ ଉଚ୍ଚତା ଅତିକ୍ରମ କରିଥିଲେ। ତାଙ୍କ ଦ୍ୱିତୀୟ ପ୍ରୟାସରେ ୧୫ ମିଟର ଏବଂ ୨ ମିଟର। ତାଙ୍କର ତୃତୀୟ ପ୍ରୟାସରେ ୧୯ ମିଟର। ସେ ତାଙ୍କ ପଦକର ରଙ୍ଗକୁ ଉନ୍ନତ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସମସ୍ତିନୋଟି ପ୍ରୟାସରେ ୨.୨୩ ମିଟରରେ ବିଫଳ ହୋଇଥିଲେ। ଜାପାନର ସିକୋ ୟୁଟୋ ୨.୨୩ ମିଟର ଉଚ୍ଚତା ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତାଙ୍କ ଦେଶବନ୍ଧୁ ଶିନ୍ନୋ ତୋମୋହିରୋ ୨.୧୯ ମିଟର ଉଚ୍ଚତା ସହ ରୌପ୍ୟ ପଦକ ହାସଲ କରିଥିଲେ। ଆଉଟଡୋରରେ ଜାତୀୟ ରେକର୍ଡଧାରୀ ଭାରତର ପ୍ରବୀଣ ଚିତ୍ରୱାଲ ପୁରୁଷ ଟ୍ରିପଲ୍ସରେ ପଦକ ହାତଛଡ଼ା କରିଥିଲେ। ଚିତ୍ରାୱାଲ ତାଙ୍କ ଷଷ୍ଠ ଏବଂ ଶେଷ ପ୍ରୟାସରେ ୧୬.୨୨ ମିଟର ଡେଇଁ ଚତୁର୍ଥ ସ୍ଥାନରେ ରହିଥିଲେ। ପୁରୁଷ ଟ୍ରାୟାଥ୍ଲନ୍ ଇଭେଣ୍ଟରେ

### ଏସୀୟ ଇଣ୍ଡୋର ଚାମ୍ପିଅନସିପ

ଚୀନର ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ସୁ ୱେନ ୧୬.୫୫ ମିଟର ସହିତ ସ୍ୱର୍ଣ୍ଣ ଜିତିଥିବା ବେଳେ ଜିଆଓ ଜିନପିଙ୍ଗ (୧୬.୪୭ ମିଟର) ଏବଂ ମା ୟିଙ୍ଗଲୋଙ୍ଗ (୧୬.୪୫ ମିଟର) ଯଥାକ୍ରମେ ରୌପ୍ୟ ଏବଂ ବ୍ରୋଞ୍ଜିତିଥିଲେ। ମହିଳା ସଟ୍ ପୁଟ୍ ଇଭେଣ୍ଟରେ ମଧ ଚୀନର ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଭାରତର ଯୋଗିତା ୧୫.୩୩ ମିଟର ଦୂରତା ସହିତ ଚତୁର୍ଥ ସ୍ଥାନ ହାସଲ କରିଥିଲେ, ଏହା ପୂର୍ବରୁ ପୁରୁଷ ୧୦୦ ମିଟର (ଆଉଟଡୋର୍) ରେ ପୂର୍ବତନ ଜାତୀୟ ରେକର୍ଡଧାରୀ ସ୍ପ୍ରିଣ୍ଟର୍ ମଣିକାନ୍ତ ହୋବ୍ଲିଧର ୬୦ ମିଟର ହିଟ୍ସରେ ଫାଉଲ୍ ପାଇଁ ଅଯୋଗ୍ୟ ଘୋଷିତ ହେବା ପରେ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିପାରିନଥିଲେ।

## ମ୍ୟାଚ୍ ବୟକଟ୍ ବିବାଦକୁ ନେଇ ମୁହଁ ଖୋଲିଲେ ଭାରତ ଓ ପାକିସ୍ତାନର ଅଧିନାୟକ

ମୁମ୍ବାଇ(ଏଜେନ୍ସି) :ଆଉ ଗୋଟିଏ ଦିନ ପରେ ଆରମ୍ଭ ହେବ ଟି-୨୦ ବିଶ୍ୱକପ। ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ବିଶ୍ୱକପର ଆୟୋଜନ କରୁଛନ୍ତି। ଗ୍ରୁପ ପର୍ଯ୍ୟାୟରେ ଅର୍ଥାତ ୧୫ ତାରିଖରେ ଭାରତ-ପାକିସ୍ତାନ ମୁକାବିଲା ହେବାର ଅଛି। କିନ୍ତୁ ଭାରତ ସହ ମ୍ୟାଚ୍ ଖେଳିବ ନାହିଁ ବୋଲି ଘୋଷଣା କରିଛି ପାକିସ୍ତାନ ସରକାର। ଏହାକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ ଓ ଆଇସିସି ମଧ୍ୟରେ ତିକ୍ତତା ଦେଖାଯାଇଛି। ପାକିସ୍ତାନ କ୍ରିକେଟ ଟିମ ବିଶ୍ୱକପରେ ଭାଗ ନେବାକୁ ଶ୍ରୀଲଙ୍କାର କଲମ୍ବୋରେ ପହଞ୍ଚି ସାରିଛି। କିନ୍ତୁ ବିଶ୍ୱକପରେ ଦଳ ଭାରତ ବିପକ୍ଷ ମ୍ୟାଚ୍‌କୁ ଛାଡ଼ି ଆଉ ସମସ୍ତଙ୍କ ବିରୋଧରେ ଖେଳିବ ବୋଲି କହିଛି। ତଥାପି ଭାରତୀୟ ଟିମ ଆଇସିସି ପ୍ରୋଟକଲ ଅନୁସାରେ ଶ୍ରୀଲଙ୍କା ଗସ୍ତ କରିବା ସହ ମ୍ୟାଚ୍ ରେଫରୀ ଏହାକୁ ବାତିଲ କରିବା ଯାଏ ସେଠାରେ ରହିବ ବୋଲି ବିସିସିଆଇ ସ୍ପଷ୍ଟ କରି ସାରିଛି। ଏସବୁ ଭିତରେ ପୂରା ପ୍ରସଙ୍ଗରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ଭାରତ ଓ ପାକିସ୍ତାନ ଟି-୨୦ ଟିମର ଅଧିନାୟକ। ବିଶ୍ୱକପ ପୂର୍ବରୁ ସାମ୍ବାଦିକମାନେ ଉଭୟଙ୍କୁ ଏହି ପ୍ରସଙ୍ଗରେ ପ୍ରଶ୍ନ କରିଥିବା ବେଳେ ସେମାନେ ଏହାର ଜବାବ ମଧ ଦେଇଛନ୍ତି। ପାକିସ୍ତାନ ଟିମର ଅଧିନାୟକ ସଲମାନ ଅଲୀ ଆଘା କଲମ୍ବୋରେ କହିଛନ୍ତି ଯେ "ଭାରତ ସହ ମ୍ୟାଚ୍ ଆମ ନିୟନ୍ତ୍ରଣରେ ନାହିଁ। ଏହା ସରକାରଙ୍କ ନିଷ୍ପତ୍ତି। ଯଦି ସେମାନଙ୍କ ସହ ବିଶ୍ୱକପର ସେମି ଫାଇନାଲ କିମ୍ବା ଫାଇନାଲ ମ୍ୟାଚ୍ ପଡ଼େ, ତା'ହେଲେ ଆମେ ପୁଣି ସରକାରଙ୍କ ପାଖକୁ ଯିବୁ। ସରକାରଙ୍କ ପରାମର୍ଶ ଅନୁସାରେ ପଦକ୍ଷେପ ନେବୁ।" ପ୍ରଥମେ ବାଂଲାଦେଶ ବିଶ୍ୱକପ ଖେଳିବାକୁ ଭାରତ ଆସିବ ନାହିଁ ବୋଲି ମନା କରିଥିଲା। ଆଇସିସି ବେଶ କିଛି ଦିନ ଧରି ବାଂଲାଦେଶକୁ ବୁଝାଇଥିଲେ ହେଁ କୌଣସି ସୁଫଳ ମିଳି ନଥିଲା। ଏଥିପାଇଁ ବିଶ୍ୱକପରୁ ବାଂଲାଦେଶକୁ ବିଦା କରି ସ୍କଟଲ୍ୟାଣ୍ଡକୁ ସାମିଲ କରାଯାଇଛି। ବାଂଲାଦେଶ ବିଶ୍ୱକପ ଭାରତ ବଦଳରେ ଶ୍ରୀଲଙ୍କାରେ ଖେଳିବାକୁ ଚାହୁଁଥିଲା। ହେଲେ ଆଇସିସି ଏହାକୁ ଗ୍ରହଣ କରି ନଥିଲା। ବାଂଲାଦେଶକୁ ସମର୍ଥନ କରି ପାକିସ୍ତାନ ସରକାର ଭାରତ ସହ ମ୍ୟାଚ୍ ଖେଳିବାକୁ ନିଜ ଟିମକୁ ବାରଣ କରିଛି। ବାଂଲାଦେଶ ବିଶ୍ୱକପରୁ ବାଦ ପଡ଼ିବା ସମ୍ପର୍କରେ ଆଘା କହିଛନ୍ତି, "ବାଂଲାଦେଶ ବିଶ୍ୱକପରେ ନଥିବା ଦୁଃଖର ବିଷୟ। ସେମାନେ ଗୋଟିଏ ଭଲ ଦଳ। ଆଶା ସେମାନେ ଆମକୁ ସମର୍ଥନ କରିବେ।" ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରେ ଭାରତକୁ ସାମ୍ନା କରିବ ନାହିଁ ବୋଲି କହିଛି। ତେବେ ଦଳ ଆମେରିକା, ନାମ୍ବିଆ ଓ ନେଦରଲ୍ୟାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳିବ। ସଲମାନ ଆଘା କହିଛନ୍ତି, "ଆମେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ବେଶ ଉତ୍ସାହିତ। ଗତ ବିଶ୍ୱକପରେ ଆମେ ଆମେରିକା ଠାରୁ ହାରିଥିଲୁ। ଆମେ ସେହି ବିପର୍ଯ୍ୟୟକୁ ପଛରେ ଛାଡ଼ି ସାରିଛୁ ଓ ଆଗକୁ ବଢ଼ିବାକୁ ଲକ୍ଷ୍ୟ ରଖିଛୁ।" ଭାରତ ବିପକ୍ଷ ମ୍ୟାଚ୍ ବୟକଟ କରିବାକୁ ଥିବାରୁ ପାକିସ୍ତାନକୁ ବିଶ୍ୱକପରେ ଆଗକୁ ବଢ଼ିବାକୁ ହେଲେ ସବୁ ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ କରିବାକୁ ପଡ଼ିବ। ଯଦି ଦଳ ଗୋଟିଏ ହେଲେ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ହାରିବ କିମ୍ବା ଖରାପ ପାଗ ଯୋଗୁ ମ୍ୟାଚ୍ ବାତିଲ ହେବ, ତା'ହେଲେ ପାକିସ୍ତାନର ବିଶ୍ୱକପ ଅଭିଯାନ ଗ୍ରୁପ ପର୍ଯ୍ୟାୟରେ ଶେଷ ହୋଇଯିବ।



### ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ଭାରତୀୟ ପୁରୁଷ ହକି ଦଳ ଘୋଷଣା

## ଡୋପ୍ ଟେଷ୍ଟରେ ବିଫଳ, ସ୍ପ୍ରିଣ୍ଟର୍ ପୂଜା ନିଲମ୍ବିତ




ନୂଆଦିଲ୍ଲୀ(ଏଜେନ୍ସି) : ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ର ପ୍ରଥମ ପର୍ଯ୍ୟାୟ ପାଇଁ ହକି ଇଣ୍ଡିଆ ୨୪ ଜଣିଆ ଭାରତୀୟ ପୁରୁଷ ଦଳ ଘୋଷଣା କରିଛି। ହକି ଇଣ୍ଡିଆ ଗତ ମାସରେ ୩୩ ଜଣ ସମ୍ଭାବ୍ୟ ଖେଳାଳିଙ୍କ ତାଲିକା ପ୍ରକାଶ କରିଥିଲା, ଯାହାକୁ ଏବେ ୨୪କୁ ହ୍ରାସ କରାଯାଇଛି। ଭାରତ ବ୍ୟତୀତ ବେଲଜିୟମ ଏବଂ ଆର୍ଜେଣ୍ଟିନାର ଦଳ ଏହି ପର୍ଯ୍ୟାୟରେ ଅଂଶଗ୍ରହଣ କରିବେ। ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍‌ଟନ୍ ଏକ ବିବୃତ୍ତିରେ କହିଛନ୍ତି, 'ଦଳରେ ଯୁବ ଏବଂ ଅଭିଜ୍ଞତାର ଭଲ ମିଶ୍ରଣ ରହିଛି। ଆମ ଦଳରେ ରୋଶନ କୁଜୁର ଏବଂ ମନମିତ ସିଂହଙ୍କ ଭଳି ଯୁବ ଖେଳାଳି ରହିଥିବା ବେଳେ ବରିଷ୍ଠ ଖେଳାଳିମାନେ ମଧ ଅଛନ୍ତି। ଏହି ସନ୍ତୁଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଜେଣ୍ଟିନା ଏବଂ ବେଲଜିୟମ ଭଲ ଦଳ ଏବଂ ଆମେ ଆମର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବୁ। ସେମାନେ ଫେବୃଆରୀ ୨୪ ରେ ସ୍ପେନ ଏବଂ ଫେବୃଆରୀ ୨୨ ଏବଂ ୨୫ ରେ ଅଷ୍ଟ୍ରେଲିଆ ସହିତ ଖେଳିବେ। ଲିଗର ୟୁରୋପୀୟ ପର୍ଯ୍ୟାୟ ଜୁନ୍ ମାସରେ ଖେଳାଯିବ।




## ବିଶ୍ୱକପ ପୂର୍ବରୁ ଅଷ୍ଟ୍ରେଲିଆକୁ ବଡ଼ ଝଟ୍‌କା




**ନୂଆଦିଲ୍ଲୀ (ଏଜେନ୍ସି) :** ପୁଣିଥରେ ଟି-୨୦ ଚାମ୍ପିଅନ ହେବାର ସ୍ୱପ୍ନ ଦେଖୁଥିବା ଅଷ୍ଟ୍ରେଲିଆ କ୍ରିକେଟ୍ ଦଳକୁ ଏକ ବଡ଼ ଝଟକା ଲାଗିଛି। ଦିନକ ପରେ ଆଇସିସି ପୁରୁଷ ଟି-ଟେଣ୍ଟି ବିଶ୍ୱକପ ଆରମ୍ଭ ହେବ। ଦିନକ ପୂର୍ବରୁ ଅଷ୍ଟ୍ରେଲୀୟ ଦଳ ପାଇଁ ଖରାପ ଖବର ଆସିଛି। ଦଳର ଦ୍ରୁତ ବୋଲର ଜୋସ୍ ହାଜେଲଉଡ୍ ଟି-୨୦ ବିଶ୍ୱକପରୁ ବାଦ ପଡ଼ିଛନ୍ତି। ମିଚେଲ ଷ୍ଟାର୍କ ଏବଂ ପ୍ୟାଟ୍ କମିନ୍ସଙ୍କ ଅନୁପସ୍ଥିତିରେ ଟୁର୍ଣ୍ଣାମେଣ୍ଟରେ ପ୍ରବେଶ କରିସାରିଥିବା ଅଷ୍ଟ୍ରେଲିଆର ଅଭିଜ୍ଞ ପେସ୍ ଟିମ୍ ଅଂଶଗ୍ରହଣ କରିପାରିବେ ନାହିଁ। ଷ୍ଟାର୍କ ଗତ ବର୍ଷ ତାଙ୍କର ଅବସର ଘୋଷଣା କରିଥିଲେ। କମିନ୍ସ କିଛି ଦିନ ପୂର୍ବରୁ ଆଘାତ ଯୋଗୁଁ ବାଦ ପଡ଼ିଥିଲେ। ହାଜଲଉଡ୍ ସୁପର ୮ ପାଇଁ ମଧ ଫିଟ୍ ହେବେନି- କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ଏକ ବିବୃତ୍ତିରେ କହିଛି କି, ହାଜେଲଉଡ୍ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ଠିକ୍ ସମୟରେ ଫିଟ୍ ହେବେ ନାହିଁ। ଫଳରେ ସେ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛନ୍ତ। ଗତ ତିନି ମାସ ଧରି ହାମଷ୍ଟ୍ରିଙ୍ଗ୍ ଆଘାତ ସହିତ ଲଢୁଥିବା ହାଜେଲଉଡ୍‌ଙ୍କୁ ଅଷ୍ଟ୍ରେଲିଆ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ସେ ସୁସ୍ଥ ହେବା ବିଳମ୍ବ ଯୋଗୁଁ ତାଙ୍କୁ ଗ୍ରୁପ୍ ପର୍ଯ୍ୟାୟରୁ ବାଦ ଦିଆଯାଇଥିଲା। ଅଷ୍ଟ୍ରେଲୀୟ ଆଶା କରିଥିଲା ଯେ ସେ ସୁପର ୮ ରାଉଣ୍ଡ ପାଇଁ ଅଷ୍ଟ୍ରେଲିଆର ପ୍ରଥମ ମ୍ୟାଚ୍ ଫେବୃଆରୀ ୧୧ରେ ଆୟର୍ଲାଣ୍ଡ ବିପକ୍ଷରେ ରହିଛି। କ୍ରିକେଟ ଅଷ୍ଟ୍ରେଲୀୟ ଚୟନକର୍ତ୍ତା ଟୋନି ଡୋଡମେଡ୍ ଏକ ବିବୃତ୍ତିରେ କହିଛନ୍ତି ଯେ, ସେମାନେ ସୁପର ୮ ମ୍ୟାଚ୍ ପାଇଁ ହାଜେଲଉଡ୍‌ଙ୍କ ଖେଳିବା ଆଶା ରଖିଥିଲେ, କିନ୍ତୁ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଫିଟ୍ ହେବେ। କିନ୍ତୁ ସେହି ଆଶା ଆଶାରେ ରହିଛି। ଆହୁରି ଅଧିକ ସମୟ ଲାଗିବ। ୩୫ ବର୍ଷୀୟ ପେସରଙ୍କ ପୁନର୍ବାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ବିପଦ ହୋଇପାରେ, ତେଣୁ ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାଦ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅଷ୍ଟ୍ରେଲୀୟ ଚୟନକର୍ତ୍ତା ଏହା ମଧ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ବଦଳ ବର୍ତ୍ତମାନ ଘୋଷଣା କରାଯିବ ନାହିଁ ଏବଂ ଆବଶ୍ୟକତା ଅନୁସାରେ ଉପଯୁକ୍ତ ସମୟରେ ନିଷ୍ପତ୍ତି ନିଆଯିବ। ୧୫ ବର୍ଷରେ ପ୍ରଥମ ଘଟଣା- ହାଜେଲଉଡ୍ ଟୁର୍ଣ୍ଣାମେଣ୍ଟରୁ ବାହାର ହେବା ପରେ, ଅଷ୍ଟ୍ରେଲିଆ ଦଳକୁ ସଙ୍କଟର ସମ୍ମୁଖୀନ ହୋଇଛି। ୧୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ, ଅଷ୍ଟ୍ରେଲିଆ ଦଳ ତାର ୩ ଜଣ ଷ୍ଟାର ଦ୍ରୁତ ବୋଲରଙ୍କ ବିନା ଆଇସିସି ଟୁର୍ଣ୍ଣାମେଣ୍ଟରେ ଖେଳିବ। ଷ୍ଟାର୍କ ଗତ ବର୍ଷ ଟି-ଟ୍ୱେଣ୍ଟି ଆନ୍ତର୍ଜାତୀୟ ମ୍ୟାଚରୁ ଅବସର ଘୋଷଣା କରିଥିଲେ। ପ୍ୟାଟ୍ କମିନ୍ସ ପିଠି ଆଘାତ ଯୋଗୁଁ ଟୁର୍ଣ୍ଣାମେଣ୍ଟରୁ ବାହାରେ ଅଛନ୍ତି। ତାଙ୍କୁ ମଧ ଦଳରେ ସାମିଲ କରାଯାଇଥିଲା କିନ୍ତୁ ସେ ଯୋଗ୍ୟତା ଅର୍ଜନ କରିପାରି ନଥିଲେ। ୨୦୨୨ ବିଶ୍ୱକପ୍ ଶେଷ ଟୁର୍ଣ୍ଣାମେଣ୍ଟ ଥିଲା ଯେଉଁଥିରେ ଏହି ୩ ଜଣ ଦ୍ରୁତ ବୋଲର ଅଷ୍ଟ୍ରେଲିଆ ଦଳର ଅଂଶ ନଥିଲେ। କାରଣ ସେମାନଙ୍କ ମଧ୍ୟରୁ କେହି ସେତେବେଳେ ଡେବ୍ୟୁ କରି ନଥିଲେ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ